୬ ରାହୁଲ ଦ୍ରାବିଡ଼ଙ୍କ ପାଇଁ ଭାରତ ରତ୍ନ ଦାବି କଲେ ସୁନୀଲ ଗାଭାସ୍କର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୬୧ ● ୮ ଜୁଲାଇ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-161 ● 8th July 2024, Monday ● Bhubaneswar
Licensed to post without pre-payment of postage No- BN-60/22-24

# ରଥଯାତ୍ରା ପାଇଁ ଲୋକାରଣ୍ୟ ଶ୍ରୀକ୍ଷେତ୍ର

## ବଡ଼ଦାଣ୍ଡରେ ଅଟକିଲା ତିନି ରଥ



**ପୁରୀ, ୭।୭ : ନ୍ୟୁଜ୍ ବ୍ୟୁରୋ**

ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ ରତ୍ନସିଂହାସନରୁ ବଡଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ରବିବାର ଆଷାଢମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଛି। ୫୩ ବର୍ଷ ପରେ ଏବର୍ଷ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଉତ୍ସବ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଥମ ଥର ଦୁଇ ଦିନ ରଥଯାତ୍ରା ପଡିଥିବାରୁ ରବିବାର ନନ୍ଦିଘୋଷ ରଥ କିଛି ଦୂର ଯିବା ପରେ ବଡଦାଣ୍ଡରେ ଅଟକି ରହିଛି। ଅନୁରୂପ ଭାବେ ତାଳଧ୍ୱଜ ଓ ଦର୍ପଦଳନ ରଥ ମଧ୍ୟ କିଛି ଦୂରରେ ବଡଦାଣ୍ଡରେ ଅଟକି ରହିଥିବାରୁ ଆସନ୍ତାକାଲି ପୁଣି ଥରେ ରଥଟଣା ହେବ। ସକାଳୁ ସକାଳୁ କାହାଳୀ ଓ ଘଣ୍ଟର ତାଳେ ଶ୍ରୀଜୀଉମାନଙ୍କର ଧାଡି ପହଣ୍ଡି କରାଯାଇଥିଲା। ଭକ୍ତଙ୍କର ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ବଡଦାଣ୍ଡ । ମଦନ ମୋହନ, ରାମ, କୃଷ୍ଣ, ବିଜେ ହୋଇସାରିବା ପରେ ବିଗ୍ରହମାନଙ୍କର ମସ୍ତକରେ ସୋଲରେ ନିର୍ମିତ ଚିତା ଲାଗି କରାଯାଇଥିଲା।

ତାମଯାନରେ ଗଜପତି ମହାରାଜ ଶ୍ରୀନଅରରୁ ରଥ ନିକଟକୁ ଆସିଥିଲେ। ସୁବର୍ଣ୍ଣ ମାର୍ଜନୀରେ ରଥ ଛେରା ପହଁରା କରିଥିଲେ। ଛେରା ପହଁରା କାର୍ଯ୍ୟ ପରେ ଭୋଇ ସେବକମାନେ ସାରଥୀଙ୍କୁ ରଥାରୂଢ କରାଇଥିଲେ । ଚାରମାଳ ଫିଟା ପରେ ବଳଭଦ୍ରଙ୍କ ରଥରେ ବାସୁକୀ, ସୁଭଦ୍ରାଙ୍କ ରଥରେ ସ୍ୱର୍ଣ୍ଣଚୂଡ ଓ ଜଗନ୍ନାଥଙ୍କ ରଥରେ ଶଙ୍ଖଚୂଡ ନାମକ ରଜ୍ଜୁ ସଂଯୋଗ କରିବା ପରେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା । ବଳଭଦ୍ରଙ୍କ ରଥକୁ ଭକ୍ତମାନେ ବଡଦାଣ୍ଡରେ *(ପୃଷ୍ଠା ୭ରେ)*

# ବଜେଟ୍‌ରେ ମଧ୍ୟବିତ୍ତଙ୍କୁ ଖୁସିକରିପାରନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

**ନୂଆଦିଲ୍ଲୀ, ୭।୭**

ଆସନ୍ତା ୨୩ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିବେ। ଏହି ବଜେଟ୍‌ରେ ଅର୍ଥମନ୍ତ୍ରୀ ମଧ୍ୟବିତ୍ତ ବର୍ଗଙ୍କୁ ଖୁସିକରିବାକୁ ବିଭିନ୍ନ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଗତ ନିର୍ବାଚନରେ ମଧ୍ୟବିତ୍ତ ବର୍ଗ ସରକାରଙ୍କ ଉପରେ କିଛିଟା ଅସନ୍ତୁଷ୍ଟ ଥିବା ସଂକେତ ମିଳିଥିଲା। ଏଥିପାଇଁ ସରକାର ଆୟକର ଛାଡ଼ସୀମା ବଢାଇବାର ସମ୍ଭାବନା ରହିଛି ।



ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାର ଏକ ଅଂଶ ଭାବରେ ଅର୍ଥମନ୍ତ୍ରୀ ଶିଳ୍ପ ଏବଂ ସାମାଜିକ କ୍ଷେତ୍ର ପ୍ରତିନିଧିଙ୍କ ସମେତ ବିଭିନ୍ନ ଅଂଶୀଦାରଙ୍କ ସହ ବିଚାର ବିମର୍ଶ ଶେଷ କରିଛନ୍ତି । ଜୁଲାଇ ୨୩ରେ ସୀତାରମଣ ତାଙ୍କର ସପ୍ତମ ବଜେଟ ଉପସ୍ଥାପନ କରିବେ। ଏହା ହେବ ନରେନ୍ଦ୍ର ମୋଦି ୩.୦ ସରକାରର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ । ଏହି ବଜେଟ ୨୦୪୭ ସୁଦ୍ଧା ବିକଶିତ ଭାରତର ମାର୍ଗ ପ୍ରଶସ୍ତ କରିବ। ଗତ ମାସରେ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଯେ ଆଗାମୀ ବଜେଟ୍ ଅଧିବେଶନରେ ଅନେକ ଐତିହାସିକ ପଦକ୍ଷେପ ଏବଂ ବଡ଼ ଅର୍ଥନୈତିକ ନିଷ୍ପତ୍ତି ନିଆଯିବ।

ଆଲୋଚନାରେ ୧୦ଟି ଅଂଶୀଦାର ଗୋଷ୍ଠୀର ୧୨୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏଥିରେ କୃଷକ ସଂଗଠନ ଏବଂ କୃଷି ଅର୍ଥନୀତିଜ୍ଞଙ୍କ ବ୍ୟତୀତ ବାଣିଜ୍ୟ ସଂଗଠନ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର, ନିଯୁକ୍ତି ଓ ଦକ୍ଷତା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ), ବାଣିଜ୍ୟ ଓ ସେବା, ଶିଳ୍ପ, ଆର୍ଥିକ କ୍ଷେତ୍ର, ପୁଞ୍ଜି ବଜାର ଏବଂ ଭିତ୍ତିଭୂମି, ଶକ୍ତି ଓ ସହରାଞ୍ଚଳ କ୍ଷେତ୍ରର ବିଶେଷଜ୍ଞ ଓ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ଚୀନ ଗୁପ୍ତଚର ଜାହାଜକୁ ପ୍ରବେଶ ଅନୁମତି ଦେବ ଶ୍ରୀଲଙ୍କା, ବଢ଼ିବ ଭାରତର ଚିନ୍ତା



**କଲମ୍ବୋ, ୭।୭**

ଶ୍ରୀଲଙ୍କା ସରକାର ଆସନ୍ତା ବର୍ଷଠାରୁ ବିଦେଶୀ ଗବେଷଣା ଜାହାଜ ଆସିବା ଉପରେ ଲାଗିଥିବା ପ୍ରତିବନ୍ଧକ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ସ୍ଥିତିରେ ଶ୍ରୀଲଙ୍କା ଯାଇ ଚୀନର ଗବେଷଣା ଜାହାଜକୁ ପୁଣି ଥରେ ଏହି ବାହାନାରେ ଭାରତ ଉପରେ ଗୁପ୍ତଚର କରିବାର ସୁଯୋଗ ମିଳିପାରେ। ଶ୍ରୀଲଙ୍କାର ଏଭଳି ପଦକ୍ଷେପ ପରେ ଭାରତର ଚିନ୍ତା ପୁଣି ବଢ଼ିବାକୁ ଯାଉଛି।

ଅତୀତରେ ଚୀନର କେତେକ ଗବେଷଣା ଜାହାଜ ଶ୍ରୀଲଙ୍କାରେ ପହଞ୍ଚିଥିଲା। କିନ୍ତୁ ଭାରତର ଆପତ୍ତି ପରେ ଶ୍ରୀଲଙ୍କା ବିଦେଶୀ ଗବେଷଣା ଜାହାଜ ଆସିବା ଉପରେ ପ୍ରତିବନ୍ଧକ ଲଗାଇଥିଲା। ଏବେ ଜାପାନର ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଶ୍ରୀଲଙ୍କା ପୁଣି ଥରେ ନିଷେଧାଦେଶ ହଟାଇବାକୁ ପ୍ରସ୍ତୁତି ଚଳାଇଛି।

ଶ୍ରୀଲଙ୍କାର ବନ୍ଦରରେ ଲଙ୍ଗର କରିବା ପାଇଁ ଚୀନର ହାଇଟେକ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ତୀର୍ଥଯାତ୍ରୀଙ୍କୁ ସତର୍କ କରାଇ ଚାରିଧାମ ଯାତ୍ରା ଉପରେ ଲାଗିଲା କଟକଣା

**ନୂଆଦିଲ୍ଲୀ, ୭।୭**

ଉତ୍ତରାଖଣ୍ଡର ଗଡ଼ବାଲ ଅଞ୍ଚଳରେ ପ୍ରବଳ ବର୍ଷାର ଚେତାବନୀ ପରେ ରବିବାର ଚାରିଧାମ ଯାତ୍ରାକୁ ଅସ୍ଥାୟୀ ଭାବେ ବନ୍ଦ କରି ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଜୁଲାଇ ୮ରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ତେଣୁ ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୪ଧାମ ଯାତ୍ରାକୁ ବନ୍ଦ କରିବା ପାଇଁ ନିର୍ଣ୍ଣୟ ନିଆଯାଇଛି। ଏଥିସହିତ ତୀର୍ଥଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି କି ଜୁଲାଇ ୮ ତାରିଖରେ ଋଷିକେଶ ଠାରୁ ଆଗକୁ ୪ଧାମ ଯାତ୍ରା କରିବାକୁ ଯୋଜନା ରଖିଥିଲେ ତାହାକୁ ବାତିଲ କରି ଦିଅନ୍ତୁ । *(ପୃଷ୍ଠା ୭ରେ)*



ପୁରୀ ରଥଯାତ୍ରା ଅବସରରେ ଉତ୍କଳ ପ୍ରସଙ୍ଗର ରଥଯାତ୍ରା ସଂଖ୍ୟାକୁ ଉଦ୍‌ଘାଟନ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାଚସ୍ପତି ସୁରମା ପାଢୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ (ଫଟୋ-ସମ୍ବାଦ କଳିକା)

# ଡବଲ ଏନକାଉଣ୍ଟର: ୬ ଆତଙ୍କବାଦୀ ନିହତ, ୨ ଯବାନ ସହିଦ

**ଶ୍ରୀନଗର, ୭।୭**

ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। କୁଲଗାମରେ ୨ଟି ପୃଥକ ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ ହୋଇଛନ୍ତି । ସେହିପରି ୨ ସେନା ଯବାନ ମଧ୍ୟ ସହିଦ ହୋଇଥିବା ସୂଚନା ମିଳିଛି। ଆହୁରି ଅନେକ ଆତଙ୍କବାଦୀ ଲୁଚି ରହିଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ସେନା ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି।



ସୂଚନା ମୁତାବକ, କୁଲଗାମ ଜିଲ୍ଲାର ଚିନିଗାମ ଓ ମୋଦରଗାମରେ ଏନ୍‌କାଉଣ୍ଟର ହୋଇଛି। ଆତଙ୍କବାଦୀ ଲୁଚିଥିବାର ଖବର ପାଇବା ପରେ ସେନା ପକ୍ଷରୁ ଅପରେସନ ଆରମ୍ଭ ହୋଇଥିଲା। ଏହି ସମୟରେ ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିମାଡ଼ ହୋଇଥିଲା। ଏଥିରେ ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ମୋଦରଗାମରେ ଏନ୍‌କାଉଣ୍ଟର ବେଳେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି ଗୁଳିମାଡରେ ଲାନ୍ସ ନାୟକ ପ୍ରଦୀପ ନୈନ ସହିଦ ହୋଇଛନ୍ତି। ଅନ୍ୟ ଏକ ଏନକାଉଣ୍ଟ ଫ୍ରିସଲ କୁଲଗାମରେ ଜାରି ରହିଛି । ଏଠାରେ ହାବିଲଦାର ରାଜ କୁମାର ସହିଦ ହୋଇଛନ୍ତି।

ସେନାର ପ୍ରଥମ ଅଭିଯାନ ଆରମ୍ଭ ହେବାର କିଛି ଘଣ୍ଟା ପରେ କୁଲଗାମର ଚିନିଗାମ ଗାଁରେ ଗୁଳିମାଡ଼ *(ପୃଷ୍ଠା ୭ରେ)*

## ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

# ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାରୀ ଜମିକୁ ଜବରଦଖଲ ମୁକ୍ତ କର

**ଭୁବନେଶ୍ୱର, ୭।୭ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାରୀ ଜମିଗୁଡ଼ିକୁ ଜବରଦଖଲମୁକ୍ତ କରିବାକୁ ରବିବାର ସମସ୍ତ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସହର ଓ ଗାଁରେ ଜବରଦଖଲରେ ଥିବା ସରକାରୀ ଜମିଗୁଡ଼ିକୁ ଚିହ୍ନଟ କରି ପ୍ରଚଳିତ ଆଇନ ଅନୁସାରେ ତାକୁ ଜବରଦଖଲମୁକ୍ତ କରିବାକୁ କୁହାଯାଇଛି । ଏହାସହିତ ଉକ୍ତ ସରକାରୀ ଜମିଗୁଡ଼ିକୁ ତାରବାଡ଼ ଘେରାଇ ତାହା ସରକାରଙ୍କ ସମ୍ପତ୍ତି ବୋଲି ସ୍ପଷ୍ଟ ଭାବେ ଡିସପ୍ଲେ ବୋର୍ଡ ଲଗାଇବାକୁ ପରାମର୍ଶ ଦିଆଯାଇଛି ।



ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ରବିବାର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ରାଜ୍ୟରେ ବହୁ ପରିମାଣର ସରକାରୀ ଜମି ଜବରଦଖଲରେ ରହିଥିବା ନେଇ ଉଚ୍ଚସ୍ତରୀୟ ବୈଠକରେ ସରକାର ଚିନ୍ତା ପ୍ରକଟ କରିଥିବା ସମ୍ପର୍କରେ ଅବଗତ କରାଇଛନ୍ତି। ଭୂସମ୍ବଳର ସୁପରିଚାଳନା ଓ ବିକାଶମୂଳକ କାର୍ଯ୍ୟ ଏବଂ ବିଭିନ୍ନ ଅର୍ଥନୀତିକ କାର୍ଯ୍ୟ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ହେଉଛି ପ୍ରଶାସନର ପ୍ରାଥମିକ କାମ ବୋଲି କହିଛନ୍ତି। ତେବେ ବହୁ ପରିମାଣର ସରକାରୀ ଜମି ଉଭୟ ସହର ଓ ଗାଁରେ ଜବରଦଖଲରେ ରହିଛି। ଯାହାଫଳରେ ବିକାଶମୂଳକ କାର୍ଯ୍ୟ ପାଇଁ ଜମି ଆବଣ୍ଟନରେ ସମସ୍ୟା ହେଉଛି । କେତେକ ଜମିରେ ବେଆଇନ ଜବଦରଖଲ ଯୋଗୁ ଆଇନଗତ ସମସ୍ୟା ମଧ୍ୟ ଲାଗି ରହିଛି, ଯାହାକି ଏକ ଚ୍ୟାଲେଞ୍ଜ ପାଲଟିଛି ।

ତେଣୁ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା *(ପୃଷ୍ଠା ୭ରେ)*

## ଏକାଳ ସେକାଳ



ଜିତିକି ପୁରା ରାଜ କରିଥାନ୍ତେ
କେମିତିଗଲେ ଯେ ହାରି
ଢୋଲ ଭିତରେ ମୂଷା ଉପାଖ୍ୟାନ
ଶୁଣି ମନଯାଏ ଭରି
ଚିନ୍ତା କରି ମୁଣ୍ଡଯାଏ ଘୁରି
ହାରିବା କଥା ଭୂଲି ଆଗେ ବଢ
କାନ୍ଧଧରି ଥିରିଥିରି।

# ତବଲା ବାଦକ କାଳେ ହୋଇଯିବି, ବାପାଙ୍କୁ ଘାରିଥିଲା ଚିନ୍ତା: ଚନ୍ଦ୍ରଚୂଡ଼



**ନୂଆଦିଲ୍ଲୀ, ୭।୭**

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ମୁହଁରେ ସବୁବେଳେ ହସ ଥାଏ। ନିଜକୁ ଫିଟ୍ ରଖିବା ପାଇଁ ସେ ନିଜର ବ୍ୟସ୍ତବହୁଳ ଜୀବନଶୈଳୀରୁ ସମୟ ବାହାର କରିବାକୁ ଭୁଲନ୍ତି ନାହିଁ । ସେ ଚଳିତ ବର୍ଷ ନଭେମ୍ବର ଶେଷରେ ଅବସର ନେବାକୁ ଯାଉଛନ୍ତି । ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ସେ ନିଜ ପିଲାଦିନରେ ବହୁତ ଲାଜକୁଳା ଥିଲେ। ତେଣୁ ତାଙ୍କର ଲାଜକୁଳା ଗୁଣକୁ ଦୂର କରିବା ପାଇଁ ମୋର ଶିକ୍ଷକମାନେ ମୋର ପିତାମାତାଙ୍କୁ ପରାମର୍ଶ ଦେଇଥିଲେ ଯେ ଘରେ ପୋଷା କୁକୁରଟିଏ ରଖନ୍ତୁ । ଏକ ସାକ୍ଷାତକାରରେ, ସିଜେଆଇ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ବିଷୟରେ କହିଥିଲେ। ସେ ଉଭୟ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଏବଂ ପାଶ୍ଚାତ୍ୟ ସଙ୍ଗୀତକୁ ପସନ୍ଦ କରନ୍ତି । ଆମେରିକୀୟ ଗାୟକ ବବ ଡିଲନ୍, ବ୍ରିଟିଶ ରକ ବ୍ୟାଣ୍ଡ ଡାୟାର ଷ୍ଟ୍ରାଇଟ୍ସ ଏବଂ ଗାୟକ ଆଡେଲେ ତାଙ୍କର ପ୍ରିୟ । ସେ ଏହା ମଧ୍ୟ କହିଛନ୍ତି ଯେ ତାଙ୍କ ମା' ଜଣେ ପ୍ରଶିକ୍ଷିତ ସଂଗୀତଜ୍ଞ ଏବଂ କିଶୋରୀ ଆମୋନକରଙ୍କ ଶିଷ୍ୟ ଥିଲେ। ପ୍ରଧାନ ବିଚାରପତି କହିଛନ୍ତି ଯେ ସେ ତାଙ୍କ ପିତାମାତାଙ୍କ ଜିଦରେ ସଙ୍ଗୀତ ଶିଖିବା ଆରମ୍ଭ କରିଥିଲେ।

ସେ କହିଥିଲେ, ମୁଁ ମୋର ପିଲାଦିନରେ ହାରମୋନିୟମ ଏବଂ ତବଲା ବଜାଇବା ଶିଖିଥିଲି । *(ପୃଷ୍ଠା ୭ରେ)*

# ସଂତୃପ୍ତ ମିଶ୍ର ହେଲେ ନବୀନଙ୍କ ରାଜନୈତିକ ସଚିବ

**ଭୁବନେଶ୍ୱର, ୭।୭ : ନ୍ୟୁଜ୍ ବ୍ୟୁରୋ**

ବିଜେଡିରେ ବିଭିନ୍ନ କମିଟିର ହେଲା ପୁନର୍ଗଠନ। ରାଜ୍ୟସ୍ତରୀୟ ସମସ୍ତ କମିଟିକୁ ଦଳର ସଭାପତି ନବୀନ ପଟ୍ଟନାୟକ ଭଙ୍ଗ କରିଛନ୍ତି। ଖୁବ୍‌ଶୀଘ୍ର ନୂଆ କମିଟି ଗଠନ ହେବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ତେବେ ଜିଲ୍ଲା ସ୍ତରୀୟ କମିଟି ଓ କର୍ମକର୍ତ୍ତା ଅପରିବର୍ତ୍ତିତ ରହିବେ। ଦଳପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଡ. ସଂତୃପ୍ତ ମିଶ୍ରଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଭାବେ ନିଯୁକ୍ତ କରାଯାଇଛି।



ସେହିଭଳି ସୁକାନ୍ତ କୁମାର ପଣ୍ଡାଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଜନସଂପର୍କ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ୫ ଜଣଙ୍କୁ ଦଳ ଜାତୀୟ ମୁଖପାତ ଭାବେ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୮ ଜୁଲାଇ ୨୦୨୪ ସୋମବାର





# ଝଡତୋଫାନରେ ବିପଦ ସଂକୁଳ ହୋଡିଂ ସହର ଲାଗି କାଳ

**କଟକ, ନ୍ୟୁଜ ବ୍ୟୁରୋ**

ବର୍ଷା ପାଇଁ ସିଏମସିର ବିଭିନ୍ନ ପ୍ରସ୍ତୁତି। କେତେବେଳେ ନାଳ ସଫେଇ ତ ଆଉ କେବେ ରାସ୍ତା ମରାମତି। କିନ୍ତୁ ବର୍ଷା ପବନରେ ହେବାକୁ ଥିବା କିଛି ବିପଦ ପ୍ରତି ପ୍ରାୟ ସମସ୍ତେ ଉଦାସୀନ। ଏମିତି ଏକ ବିପଦ ହେଉଛି ସହର ସାରା ରହିଥିବା ବିଭିନ୍ନ ହୋର୍ଡିଂ । ନିକଟରେ ବାହାର ରାଜ୍ୟରେ ଏ ପ୍ରକାର ବିପଦ ଦେଖାଯାଇଥିବାରୁ ଏଥିପ୍ରତି ସିଏମସି ପ୍ରଶାସନ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ବୁଦ୍ଧିଜୀବୀ । ସହରରେ ମାଳ ମାଳ ହୋର୍ଡିଂର କବଜା । କେଉଁଠି ରାସ୍ତାକଡରେ ବେଆଇନ ଭାବେ ଏହା ଶୋଭାବର୍ଦ୍ଧନ କରୁଛି ତ ଆଉ କେଉଁଠି ଛାତ ଉପରେ ଏହା ଅଦେଖା ଖଣ୍ଡା ପରି ଝୁଲୁଛି । କିନ୍ତୁ ଏସବୁ ହୋର୍ଡିଂର ଦୁର୍ବଳତା ପ୍ରତି କେହି ଧ୍ୟାନ ଦେଉନଥିବା ଅଭିଯୋଗ ଆସିଛି । ଯେଉଁ ସ୍ଥାନରେ ହୋଡିଂ ଲଗାଯାଇଛି ତାର ମୂଳଦୁଆ କିପରି ରହିଛି ସେ ନେଇ ଯାଞ୍ଚ କରାଯାଉନାହିଁ । ବେଳେ ବେଳେ ନିମ୍ନମାନର କାମ ପାଇଁ ଟିକିଏ ଝଡ ତୋଫାନ ହେଲେ ତାହା ଖସି ପଡିବାର ସମ୍ଭାବନା ରହୁଛି। ଟିକିଏ ପବନ ହେଲେ ଲଗାଯାଇଥିବା ବିଜ୍ଞାପନ ଚିରି ପବନରେ ଦୋହଲିବା ଆରମ୍ଭ କରୁଛି। ଏପରିକି କେତେକ ଜାଗାରେ ଲୁହାରେ କଳଙ୍କି ଖାଇଯାଇ ଏହା ହଲୁଥିବା ବି ଲକ୍ଷ୍ୟ କରାଯାଇଛି। ସିଏମସିଠାରୁ ଅନୁମତି ନନେଇ ବିଭିନ୍ନ ବ୍ୟାବସାୟିକ ସଂସ୍ଥା ସହରରେ ହୋଡିଂ ଲଗାଉଛନ୍ତି। ଟିକସ ଫାଙ୍କିବାଠାରୁ ଆରମ୍ଭ କରି ରଙ୍ଗ ବେରଙ୍ଗ ବିଜ୍ଞାନ ଲଗାଇ ବେଳେ ବେଳେ ଗାଡି ଚାଳକମାନଙ୍କର ଦୃଷ୍ଟି ଅବରୋଧ କରିବା ଅଭିଯୋଗ ହେଉଛି। ତେବେ ଏସବୁ ସମସ୍ୟା ପ୍ରତି ପ୍ରଶାସନ ଆ ଖୁଜି ଦେଇଥିବା ବେଳେ ଏବେ ଦୁର୍ବଳ ହୋର୍ଡିଂଗୁଡିକ ସହରବାସୀଙ୍କ ପାଇଁ କାଳ ସାଜିଛି । ବର୍ଷ ବର୍ଷ ଧରି ପାଣି ପବନ ଖାଇ ହଲୁଥିବା ବିଭିନ୍ନ ହୋର୍ଡି ଏବେ ବିପଦ ସଂକୁଳ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳୁଛି । ରିଂ ବନ୍ଧ ରାସ୍ତା, ବିଭିନ୍ନ ପୋଲ ପାର୍ଶ୍ୱ, ସହରର ପ୍ରମୁଖ ସ୍ଥାନରେ ମନଇଚ୍ଛା ହୋଡିଂ ଲଗାଯାଉଥିବା ନେଇ ବାରମ୍ବାର ଅଭିଯୋଗ କରାଯାଇ ଆସୁଥିଲେ ବି ସିଏମସି ଏଥିପ୍ରତି କୌଣସି ଦୃଷ୍ଟି ଦେବା ତ ଦୂରର କଥା ଭାଙ୍ଗିରୁଜି ଯାଇଥିବା ବା ଦୁର୍ବଳ ମୂଳଦୁଆ ପାଇଁ ହଲୁଥିବା ହୋଡିଂ ହଟାଇବାକୁ ପ୍ରୟନ୍ ନକରିବା ଚିନ୍ତାର କାରଣ ପାଲଟିଛି। ଆଗକୁ ବର୍ଷା ଓ ପବନର ବେଗ ବଢିବାର ସମ୍ଭାବନା ରହିଛି । ସହରରେ ଶୋଭାପାଉଥିବା ହୋର୍ଡିଂ ବିଭିନ୍ନ ବିଜ୍ଞାପନ ପ୍ରଦର୍ଶିତ କରୁଥାଇ ପାରେ କିନ୍ତୁ ଦୁର୍ବଳ ହୋର୍ଡିଂଗୁଡିକ ହଟାଇବା ପାଇଁ ଏବେଠାରୁ ପ୍ରୟନ୍ କରାନଗଲେ ସେଗୁଡିକ ଭବିଷ୍ୟତରେ ଯେ ବିପଦ ସୃଷ୍ଟି କରିବ ସେଥିରେ ସନ୍ଦେହ ନାହିଁ । ଏନେଇ ସିଏମସି, ଜିଲ୍ଲା ପ୍ରଶାସନ ସତର୍କ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ରାସ୍ତା ପାର୍ଶ୍ୱ ହେଉ ଅବା ଛାତ ଉପର ସବୁଠି ଲଗାଯାଉଥିବା ହୋର୍ଡିଂର ସ୍ଥାୟୀତ୍ୱ ପରୀକ୍ଷା କରିବାର ବେଳ ଏବେ ଉପଗତ । ସିଏମସି ପକ୍ଷରୁ ଏନେଇ ଏକ ସ୍ୱତନ୍ତ୍ର ଡ୍ରାଇଭ କରି ଏବାବଦରେ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରୁ ଦାବି କରାଯାଇଛି। ହୋଡିଂ ବାବଦ ଟିକସ ଆଦାୟ ସିଏମସି ରାଜସ୍ୱ ବୃଦ୍ଧି କରୁଥାଇପାରେ ହେଲେ ସହରବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ହୋଡିଂ ଲଗାଇବାକୁ ଅନୁମତି ଦେବା ସହ ଏଗୁଡିକୁ ନିୟମିତ ଯାଞ୍ଚ କରିବାର ବି ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ।

# ଖୋଲିବ ପାଇଖାନା ଦୁର୍ନୀତି ଫାଇଲ୍: କାଗଜପତ୍ର ସଂଗ୍ରହ କଲା ଭିଜିଲାନ୍‌ସ

**ନବରଙ୍ଗପୁର/ଝରିଗାଁ, ନ୍ୟୁଜ ବ୍ୟୁରୋ**

ସ୍ୱଚ୍ଛଭାରତ ମିସନରେ ପାଇଖାନା ଦୁର୍ନୀତିର ଫାଇଲ ଖୋଲିବ। ଏହି ମହାଦୁର୍ନୀତିର କିଙ୍ଗପିନ୍‌ଙ୍କ ମୁଖା ଖୋଲିବାକୁ ଖୋଳତାଡ଼ ଆରମ୍ଭ କରିଛି ଭିଜିଲାନ୍‌ସ। ଏଥିପାଇଁ ଆଜି ଝରିଗାଁ ବ୍ଲକରୁ ଯୋଜନାର ଫାଇଲ୍ ସଂଗ୍ରହ କରିଛି। ନବରଙ୍ଗପୁର ଜିଲ୍ଲାରେ ପାଇଖାନା ନିର୍ମାଣରେ ପ୍ରାୟ ୧୦୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ପୂର୍ବତନ ସାଂସଦ ପ୍ରଦୀପ ମାଝୀ କଂଗ୍ରେସରେ ଥିବା ସମୟରେ ଏହି ଦୁର୍ନୀତିକୁ ପ୍ରମୁଖ ମୁଦ୍ଦା କରିଥିଲେ। ୨୦୨୨ ମସିହା ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରଦୀପ ବିଜେଡିରେ ଯୋଗ ଦେବାପରେ ବି ଏହି ଦୁର୍ନୀତି ପଛର କାର୍ପଟଦାରଙ୍କୁ ଧରିବା ପାଇଁ ଦାବି କରିଥିଲେ। ବଡ଼ ପ୍ରସଙ୍ଗ, ଜନଆକ୍ରୋଶ ସହ ଚାପ ପଡ଼ିବାରୁ ପ୍ରଶାସନ ଏହି ଦୁର୍ନୀତିର ବିଭାଗୀୟ ତଦନ୍ତ କରିଥିଲା। ତତ୍କାଳୀନ ଝରିଗାଁ ବିଡିଓ ବାହାଦୁର ସିଂ ଧାରୁଆ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଦେବବ୍ରତ ଦାସ ଓ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁନିଲ କୁମାର ସାମଲ ନିଲମ୍ବିତ ହୋଇଥିଲେ। ଏହାପରେ କେବଳ ଝରିଗାଁ ନୁହଁ ରାଇଘର, କୋଷାଗୁମୁଡ଼ା, ଉମରକୋଟ ଓ ପାପଡ଼ାହାଣ୍ଡି ବ୍ଲକରେ ବି ତଦନ୍ତ ପାଇଁ ଦାବି ହୋଇଥିଲା। ତେଣୁ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ କରି କିଛି ବ୍ଲକରୁ ଫାଇଲ୍ ସଂଗ୍ରହ କରାଯାଇଥିଲା। କିନ୍ତୁ ଭିଜିଲାନ୍ସ ତଦନ୍ତ ରିପୋର୍ଟ ଲୋକ ଲୋଚନକୁ ଆସିପାରିଲା ନାହିଁ। ପ୍ରାୟ ଦୁଇ ବର୍ଷ ଧରି ତଦନ୍ତ କୋମା ସ୍ଥିତିରେ ରହିଥିଲା। କିଛି ଦିନ ତଳେ 'ଶୀତଳଭଣ୍ଡାରରେ ୧୦୦ କୋଟି ଟଙ୍କାର ପାଇଖାନା ଦୁର୍ନୀତି' ଖବର ପ୍ରକାଶ ପାଇବାରୁ ଭିଜିଲାନ୍ସ ପୁଣି ତତ୍ପରତା ପ୍ରକାଶ କରିଛି। ନବରଙ୍ଗପୁର ଭିଜିଲାନ୍ସ ବିଭାଗ ଆଜି ଝରିଗାଁ ବ୍ଲକ କାର୍ଯ୍ୟାଳୟରୁ ପାଇଖାନା ଫାଇଲ୍ ସଂଗ୍ରହ କରିଛି। ଭିଜିଲାନ୍ସ ଡିଏସ୍‌ପିଙ୍କୁ ଏହି ବିଷୟରେ ଜାଣିବାକୁ ଯୋଗାଯୋଗ କରିବାକୁ ଚେଷ୍ଟା ହୋଇଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରିନି। ତେଣୁ କେବଳ ଝରିଗାଁ ବ୍ଲକ ନା ସାରା ଜିଲ୍ଲାରେ ଏଭଳି ତଦନ୍ତ ହେବ ସ୍ପଷ୍ଟ ହୋଇପାରିନି। ଅନ୍ୟପକ୍ଷରେ ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ଜିଲ୍ଲାରେ ପ୍ରାୟ ୩୦୦ କୋଟି ଟଙ୍କାର ପାଇଖାନା ଦୁର୍ନୀତି ହୋଇଛି। ଭିଜିଲାନ୍ସ ସାରା ଜିଲ୍ଲାରେ ଦୁର୍ନୀତିର ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

## ସୁନା ଅଳଙ୍କାର ଲୁଟି ମହିଳାଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

**ଫୁଲବାଣୀ, ନ୍ୟୁଜ ବ୍ୟୁରୋ**

ମହିଳାଙ୍କୁ ହତ୍ୟା ଉଦ୍ୟମ, ସୁନା ଅଳଙ୍କାର ଓ ଟଙ୍କା ଲୁଟ ମାମଲାରେ ଅଭିଯୁକ୍ତ ଗିରଫ। ଅଭିଯୁକ୍ତ ଠାରୁ ମାରଣାସ୍ତ୍ର ଏବଂ ସୁନା ଜବତ କଲା ରାଇକିଆ ପୋଲିସ। ଘଟଣା ଘଟିଛି ରାଇକିଆ ଥାନା ଅନ୍ତର୍ଗତ ଗେଦିଙ୍ଗିଆ ଗ୍ରାମର କୁମ୍ଭାର ଖାଡି ଅଞ୍ଚଳ ଗୁଡ୍ରିଗସି ଜଙ୍ଗଲରେ। ସୂଚନା ଅନୁସାରେ ମହିଳା ଜଣକଙ୍କ ଘର କୁମ୍ଭାର ଖାଡି ଗ୍ରାମରୁ ଶଶୁର ଘର ଇନ୍ଦ୍ରଗଡ ପଞ୍ଚାୟତ ଦୁବା ଗ୍ରାମ କୁ ଯାଉଥିବା ବେଳେ ରାସ୍ତାରେ ସେହି ଗ୍ରାମର ସିଦ୍ଧାନ୍ତ ଦିଗାଳ ନାମକ ଜଣେ ଯୁବକ ମହିଳାଙ୍କୁ ଜଙ୍ଗଲକୁ ଟାଣି ନେଇ ମରଣାନ୍ତକ ଆକ୍ରମଣ ସହ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିଲା । ମହିଳାଙ୍କୁ ଅଚେତ ଅବସ୍ଥାରେ ସୁନା ଗହଣା ଲୁଟି ନେଇଥିଲା ଅଭିଯୁକ୍ତ। ଏବଂ ଜି. ଉଦୟଗିରି ର ଗୋଟିଏ କପଡା ବ୍ୟାବସାୟୀ ଜଗବନ୍ଧୁ ଦାସଙ୍କ ଠାରେ ସୁନା ବିକ୍ରିକରି ଦେଇଥିଲେ। ରାଇକିଆ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ରାଇକିଆ ଥାନାରେ କେସ ନ ୯୦/୨୪ରେ ମାମଲା ରୁଜୁ ହୋଇଛି । ଗୁରୁତର ଆହତ ହୋଇଥିବା ମହିଳା ଜଣଙ୍କୁ ଚିକିତ୍ସା ପାଇଁ ଫୁଲବାଣୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଛି । ଅଭିଯୁକ୍ତଙ୍କ ଠାରୁ ତିନୋଟି ସୁନା ହାର ଓ କାନଫୁଲ ଏବଂ ୧୧ ଶହ ଟଙ୍କା ଜବତ ପୋଲିସ ସୂଚନା ଦେଇଛନ୍ତି।

# ସ୍ଥାନୀୟ ଜନତାଙ୍କ ସହଭାଗିତାରେ ସଂରକ୍ଷଣ ହେଉଛି ଲୁଣା ଜଙ୍ଗଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**





ନଈ ଡେଇଁଲେ ପେଟ ପୂରେ । ହାଣ୍ଡିରେ ଜାତ ଗଣେ ଫୁଟିବାର କଥା ଆସିଲେ ନଈ ପରି ହେବାଟା ଥୟ । ମାଛ, କଙ୍କଡ଼ା, ପନିପରିବା ସବୁ କିଛି ପାଇଁ ନଦୀ ଡେଇଁବା ଏକମାତ୍ର ବିକଳ୍ପ । ହେଲେ ଏବେ ବଦଳି ଯାଇଛି ନଦୀ ଡେଇଁବାର କାରଣ ଆଉ ତା ସହ ବଦଳି ଯାଇଛି ନଡା ଡେଇଁବା ପରର ଠିକଣା । ଏବେ ନଦୀ ଡେଇଁବାର କାରଣ ହେଉଛି ଜଙ୍ଗଲ ନଷ୍ଟ ବଦଳରେ ଏହାର ସଂରକ୍ଷଣ ହୋଇଛି । ଆଉ ନଦୀ ଉଇଁବା ପରର ଠିକଣା ବି ହେବ ଜଙ୍ଗଲ ବଦଳରେ ହେନ୍ତାଳ ନର୍ସରୀ ପାଲଟିଛି । ଗତବର୍ଷ ଅକ୍ଟୋବର ମାସରୁ ଏ ପରିବର୍ତ୍ତନ ଅରମ୍ଭ ହୋଇଛି ଅନ୍ତତଙ୍କ ଆଖପାଖର ୩ଟି ପଞ୍ଚାୟତରେ । ଯେଉଁଠି ମା'ମାନେ ସାଜିଛନ୍ତି କେବଳ ସଂରକ୍ଷଣ ଅଭିଯାନର ମୁଖ୍ୟ ପୁରୋଧା । ଏ କାହାଣୀ ପୁରୀ ଜିଲ୍ଲା ଅନ୍ତରଙ୍ଗ ଆଞ୍ଚଳର। ଯେଉଁଠି ଗାଁ ଲୋକଙ୍କ ପାଇଁ ହେନ୍ତାଳ ଏକ ସାଧାରଣ କଥା। ଲୋକେ ଏହି ଜଙ୍ଗଲରେ ଜାଳେଣି ଆବଶ୍ୟକତା ମେଣ୍ଟଉଥିବା ବେଳେ ପେଟ ପାଇଁ ମାଛ, କଙ୍କଡ଼ା ଓ ଚିଙ୍ଗୁଡ଼ି ବି ସଂଗ୍ରହ କରିଥାନ୍ତି । ହେଲେ ଏହି ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ଯେ ଜରୁରି ତାହା ସେମାନେ କେବେ ଯଦି ପାଉନାହିଁ । ପରୋକ୍ଷ ଭାବରେ ପାଖ ଜଙ୍ଗଲ ଉପରେ ପ୍ରଦୂଷଣର ଚାପ ପଡ଼େ ଓ ଏହାର ସଠିକ ପରିଚାଳନା ହୋଇପାରେନି । ସାମୁଦ୍ରିକ ପରିସଂଖ୍ୟାନ ବି ନଷ୍ଟ ହୋଇଯାଏ । ଦେବୀ ନଦୀ ପାଖାପାଖି ଲୁଣା ଜଙ୍ଗଲର ଅବସ୍ଥା ବି ଦିନେ ଏମିତି ଥିଲା । ଏବେ ଦେବୀ ନଦୀ ମୁହାଣକୁ ଲାଗି ରହିଥିବା ନୂଆଗଡ଼, ଝାଡ଼ଲିଙ୍ଗ, ଷ୍ଟୁଟିଆନା ପଞ୍ଚାୟତରେ ମା'ମାନେ ସୁଧାରିବାକୁ ପଣ ନେଇଛନ୍ତି । ଫଳ ସ୍ୱରୂପ ନିଜ ଅଞ୍ଚଳରେ ଲୁଣା ଜଙ୍ଗଲର ଠିକ୍ ପରିଚଳନା ହୋଇପାରୁଛି । ମାଛ, କଙ୍କଡ଼ା ସଂଖ୍ୟା ବି ବଢ଼ିଛି ଆଉ ଲୋକଙ୍କୁ ରୋଜଗାର ମିଳିପାରିଛି । ଏ ବାବଦରେ ଝଡ଼ଲିଙ୍ଗ ପଞ୍ଚାୟତର ନଳିନୀ କାନ୍ତ କହନ୍ତି, ଆମେ ସମସ୍ତେ ପ୍ରସ୍ତତଃ କେଉଟ ସମ୍ପ୍ରଦାୟର । ମାଛ, କଙ୍କଡ଼ା ଧରିବା ଆମର କୌଳିକ ବୃତ୍ତି। ତେଣୁ ଲୁଣା ଜଙ୍ଗଲ ଦିନ ଅମର ବଞ୍ଚିବା ସମ୍ଭବ ନୁହେଁ ପୂର୍ବରୁ ଏସବୁ କଥା ଆମେ ବୁଝୁ ନଥିଲୁ । ପାଖ ଲୁଣା ଜଙ୍ଗଲକୁ ଯାଇ କାଠ ଆଣୁ । ବେଳେ ବେଳେ ଶୁଖୁଲା କାଠ ନ ମିଳିଲେ ଜଙ୍ଗଲ କାଟି କଠ ଆଣୁଥିଲୁ। ଏବେ କିନ୍ତୁ ଅମେ ନିଜ ଜଙ୍ଗଲକୁ ବଞ୍ଚାଇବାକୁ ପଣ ନେଇଛୁ । ତା'ର ସୁରକ୍ଷା ଓ ସଂରକ୍ଷଣ ପାଇଁ ସବୁ ଏକଠି ହୋଇଛୁ। ଅସ୍ତରଙ୍ଗ ଗାଁର କିଛି ଯୁବକଙ୍କ ସହ ମିଶି ଲୁଣା ଜଙ୍ଗଲ ନର୍ସରୀ କରୁଛୁ। ନର୍ସରୀରେ ୫ ପ୍ରଜାତିର ଗଛ ଲଗାଇଛୁ । ସେଥିପାଇଁ ଆମକୁ ଅର୍ଥ ବି ମିଳୁଛି । ଆଗରୁ ଟଙ୍କା ପାଇଁ କାମ କରୁଥିଲୁ । ଏବେ ଆମେ ହେନ୍ତାଳ ଜଙ୍ଗଲର ଆବଶ୍ୟକତାକୁ ଅନୁଭବ କରିପାରୁଛୁ । ପଞ୍ଚାୟତର ବିଳାସୀ କାଣ୍ଡି କହନ୍ତି, ହେନ୍ତାଳ ଜଙ୍ଗଲକୁ ଆଗରୁ ଆମେ କେବଳ କାଠର ଠିକଣା ବୋଲି ଭାବୁଥିଲୁ । ଯଦି ଓ ସେଠାରୁ ମାଛ ଓ କଙ୍କଡ଼ା ସଂଗ୍ରହ ଆମର ପ୍ରାଥମିକ କାମ ହେଲେ ଆମେ ଏହାକୁ କେବେ ବିବେଚନା କରି ପାରୁ ନଥିଲୁ । ଯେବେଠାରୁ ହେନ୍ତାଳ ଜଙ୍ଗଲ ସଂଗ୍ରହ ଓ ଏହାର ପରିଚାଳନା କାମ ଆରମ୍ଭ କରିଛୁ ସେବେଠୁ ଅଞ୍ଚଳରେ ମାଛ ଓ କଙ୍କଡ଼ା ସଂଖ୍ୟା ବି ବଢ଼ିଛି । ଏବେ ଆମେ ନିଜେ ନିଜ ପାଇଁ ଏହାକୁ ବ୍ୟବହାର କରିବା ପାରୁଛୁ । ଏ ବାବଦରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନର ପରିଚାଳନା ଟ୍ରଷ୍ଟି ସୌମ୍ୟରଞ୍ଜନ ବିଶ୍ୱାଳ କହନ୍ତି, ୟୁଏସ୍ ଆମ୍ବାସ (ବାଜ୍ୟ ଦୂତାବାସ, ଆମେରିକା ସରକାର) ଏଫ୍.ଏଆଇଡି ଆୟ, ଭୁବନେଶ୍ୱର ସହ ମିଶି ଆମେ ଅକ୍ଟୋବର ମାସରୁ ଦେବୀ ନଦୀ ମୁହାଣରେ ଲୁଣା ଜଙ୍ଗଲର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ କାମ ଆରମ୍ଭ କଲୁ। ସେତେବେଳେ ଆମେ ଲକ୍ଷ୍ୟ କରୁ ଯେ ପଡ଼ୋଶୀ ଗାଁର ଲୋକେ ହିଁ ଜଙ୍ଗଲକୁ ଠିକ୍ ଭାବେ ପରିଚାଳନା କରୁନଥିବାରୁ ତାହା ଧୀରେ ଧୀରେ ଧୀରେ ନଷ୍ଟ ହୋଇଯାଉଛି । ତେଣୁ ଆମେ ପ୍ରଥମେ ସେହି ଗାଁର ୬ ଜଣ ମହିଳାଙ୍କ ସହ ଏ ବାବଦରେ କଥା ହୋଇ ଆମ ନର୍ସରୀରେ କାମ କରିବାକୁ ଉତ୍ସାହିତ କଲୁ । ସମୟକ୍ରମେ ସେମାନେ ବି ରାଜି ହେଲେ ଓ ଆମ ସହ କାମ ଆରମ୍ଭ କଲେ। ଯାହାକି ଏବେ ସ୍ଥାନୀୟ ଅଞ୍ଚଳର ୯୫ ମହିଳାଙ୍କ ସାମୁହିକ ପ୍ରଚେଷ୍ଟାରେ ପହଞ୍ଚି ପାରିଛି । ଆମେ ବୁଝିଲେଣି ଜଙ୍ଗଲ ବଞ୍ଚିଲେ ଅମେ ବଞ୍ଚିବା। ଜଙ୍ଗଲ ବଞ୍ଚିଲେ ଆମ ଜୀବନ ଜୀବିକା ସୁରକ୍ଷିତ ହେବ । ତେଣୁ ତା'ର ସଠିକ ପରିଚାଳନା ଆମର କର୍ତ୍ତବ୍ୟ । ଆଗରୁ ଲୁଣା ଜଙ୍ଗଲ ସୁରକ୍ଷା ଓ ପରିଚାଳନା କଥା ଆମେ ଶୁଣୁଥିଲୁ । ଏବେ ଆମେ ନିଜ ହାତରେ ପଙ୍କ କାଦୁଅରେ ପଡି ଗଛ ଲଗାଉଛୁ । ତେଣୁ ଗଛ ପ୍ରତି ଆମର ଆନ୍ତରିକତା ବି ଭିନ୍ନ ରହିଛି । ଏବେ ଦେବୀ ନଦୀ ମୁହାଣକୁ ଲାଗି ରହିଥିବା ଗଁରେ ଲୁଣା ଜଙ୍ଗଲ ପାଇଁ ନର୍ସରୀ ପ୍ରସ୍ତୁତ କରାଯାଉଛି । ଯେଉଁଠି ପାଖାପାଖି ୧୦ ହଜାର ଚାରା ପ୍ରସ୍ତୁତ ହୋଇଛି। ସେଥିରୁ ୨୦୦୦ ଚାରାକୁ ମା'ମାନେ ରୋପଣ କରିଛନ୍ତି। ଏହି କାମ କିପରି ଅଗକୁ ବ୍ୟାପକ ହେବ ସେ ବାବଦରେ ଉଭୟ ଗାଁ ଲୋକ ଓ ଓଡ଼ିଶା ପର୍ଯ୍ୟବରଣ ସଂରକ୍ଷଣ ଅଭିଯାନ ଚିନ୍ତା କରୁଛି । ୬ ଜଣରୁ ଅରମ୍ଭ ହୋଇଥିବା ଏହି ଅଭିଯାନରେ ଏବେ ୯୫ରୁ ଅଧିକ ମହିଳା ସମିଲ ହେଲେଣି । ୧୨ ଜଣ ମହିଳାଙ୍କୁ ହେନ୍ତାଳ ଜଙ୍ଗଲ ସୁରକ୍ଷା ପାଇଁ ମହିଳା ପରିବେଶ ଯୋକା ଭାବେ ଚିହ୍ନଟ କରାଯାଇଛି । ଯେଉଁମାନେ ବି ନର୍ସରୀ ପ୍ରସ୍ତୁତିଠାରୁ ଆରମ୍ଭ କରି ଏହାର ସଂରକ୍ଷଣ, ଲୁଣ ଜଙ୍ଗଲର ପରିଚାଳନା, ଏହାର ସୁରକ୍ଷା ଦାୟିତ୍ୱ ତୁଲାଉଛନ୍ତି।

## ଗଞ୍ଜେଇ ଜବତ ମାମଲା : ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବାଉଁଶୁଣି, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଯୁରମୁଣ୍ଡା ନିକଟରୁ ୨୨ କେଜି ଗଞ୍ଜେଇ ଜବତ ମାମଲାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବାଉଁଶୁଣୀ ପୁଲିସ୍। ମିଳିଥିବା ସୂଚନା ଅନୁଯାୟୀ ଦୁଇ ଜଣ ବ୍ୟକ୍ତି ବାଉଁଶୁଣି ଥାନା ସିଙ୍ଗାରି ଗ୍ରାମର ତପନ ଲୋହା (୨୭) ବୌଦ୍ଧ ଥାନା ଗଣ୍ଡପଦର୍ ଗ୍ରାମରଟି କୁମ୍ଭାର(୩୦)ଙ୍କୁ ଗଂଜେଇ ଚାଲାଣ କରୁଥିବା ସୂଚନା ପାଇ ବାଉଁଶୁଣୀ ଥାନା ପୁଲିସ ଯୁରାମୁଣ୍ଡା ଛକ ନିକଟରେ ଚଢାଉ କରିଥିଲା। ଯୁରାମୁଣ୍ଡା ଛକ ନିକଟରେ ତନଖି କରି ୨୨ କେଜି ଗଞ୍ଜେଇ ସହ ଏକ ମୋଟର ସାଇକେଲ ଜବତ କରି ଉଭୟଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ଏକ ଏନଡିପିଏସ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି।




## ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ : ସ୍ୱାସ୍ଥ୍ୟ ସେବା ଠପ୍

**ମେଣ୍ଢାଶାଳ, ନ୍ୟୁଜ ବ୍ୟୁରୋ**

ସବୁ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦିଆ ଯାଉଛିବୋଲି ଦାବି କରା ଯାଉଥିଲେ ହେଁ ଏବେ ବି ଗ୍ରାମାଞ୍ଚଳରେ ତାହା ସାତସପନ ହୋଇ ରହିଛି। ଏହାର ପ୍ରମାଣ ପାଇଁ କୌଣସି ଉପାନ୍ତ ଜିଲ୍ଲାର ମଫସଲ ଅଞ୍ଚଳକୁ ଯିବା ଦରକାର ନାହିଁ, ଖୋଦ୍ ରାଜଧାନୀର ଉପକଣ୍ଠରେ ଥିବା ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେଖିଲେ ଏହାର ଉଦାହରଣ ମିଳିଯିବ। ୧୯୬୦ ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଉଦ୍ୟମରେ ଚନ୍ଦକା ଅଞ୍ଚଳର ପଛୁଆ ଓ ଆଦିବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । ୨୦୦୫ ମସିହାରେ ଏହାକୁ ଭୁବନେଶ୍ୱର ଏମ୍‌ସ ସହିତ ସଂଯୋଗକରଣ କରାଯାଇଥିବା ଘୋଷଣା ହୋଇଥିଲା । କିନ୍ତୁ ଏହାର ଅର୍ଥ କ'ଣ, ଆଜିଯାଏ ଅଞ୍ଚଳବାସୀ ଦେଖି ନାହାନ୍ତି କି ଅନୁଭବ କରି ନାହାନ୍ତି। କାରଣ ସେପରି କିଛି ଏବେସୁଦ୍ଧା କାର୍ଯ୍ୟକାରୀ ହୋଇନାହିଁ। ଭୁବନେଶ୍ୱର ବ୍ଲକର ୧୯ଟି ପଞ୍ଚାୟତର ଲୋକଙ୍କୁ ଚିକିତ୍ସାସେବା ଯୋଗାଇ ଆସୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ୨୦୧୧ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିଲେ। ସେହି ଅନୁସାରେ ଏଠାରେ ଅତିକମ୍‌ରେ ୩୦ ଟି ଶଯ୍ୟା ରହିବା ଦରକାର । କିନ୍ତୁ ଅଛି ମାତ୍ର ୬ଟି। ୨ଟି ଫାର୍ମାସିଷ୍ଟ ପଦ ଥିବାବେଳେ ଅଛନ୍ତି ଜଣେ, ୬ ଷ୍ଟାଫ୍ ନର୍ସଙ୍କ ଜାଗାରେ ୪ ଜଣ, ୩ ଜଣ ଡ୍ରେସର୍‌ଙ୍କ ସ୍ଥାନରେ ଅଛନ୍ତି ୨। ସବୁଠୁ ସାଂଘାତିକ ସ୍ଥିତି ଡାକ୍ତରଙ୍କୁ ନେଇ ଏଠାରେ ୨୦ ଜଣ ଡାକ୍ତର ରହିବା କଥା, ଅଛନ୍ତି ମାତ୍ର ୩ ଜଣ, ପୁଣି ତା'ଭିତରୁ ଜଣେ ଠିକାରେ। ଏଠାରେ ଅତି ଜରୁରୀ ସ୍ତ୍ରୀରୋଗ ଓ ପ୍ରସୂତି, ମେଡିସିନ ଓ ସର୍ଜରି ବିଶେଷଜ୍ଞ ବି ନାହାନ୍ତି । ଏହି ଡାକ୍ତରଖାନା ଅଧୀନରେ ବିଭିନ୍ନ ପଞ୍ଚାୟତ ଓ ଅନ୍ୟାନ୍ୟ ଅଞ୍ଚଳର ୨୨ଟି ସବ୍-ସେଣ୍ଟର କାର୍ଯ୍ୟ କରୁଛି। ସେଗୁଡ଼ିକ ପାତ୍ରପଡା, ଭାତକୁରୀ, ଚନ୍ଦକା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଣ୍ଢାଶାଳ, ଘାଟିକିଆ, ମହୁରା ଓ ଶିଶୁପାଳ ଆଦିରେ ରହିଛି । କିନ୍ତୁ ଏଗୁଡ଼ିକ ଭିତରୁ ଅନେକ ସ୍ଥାନରେ କେନ୍ଦ୍ରର ନିଜସ୍ୱ ଗୃହ ବି ନାହିଁ । ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି କେବଳ ନାମକୁ ମାତ୍ର ରହିଛି କହିଲେ ଭୁଲ୍ ହେବନାହିଁ। ଏଠାକାର କର୍ମଚାରୀମାନେ ସ୍ଥାନୀୟ ଗରିବ ଆଦିବାସୀ ଓ ପଛୁଆବର୍ଗର ରୋଗୀଙ୍କୁ ଖରାପ ବ୍ୟବହାର କରିବା ସହିତ ଚିକିତ୍ସା ନକରି ସାମାନ୍ୟ ରୋଗରେ ମଧ୍ୟ ଅନ୍ୟ ଡାକ୍ତରଖାନାକୁ ପଠାଇ ଦେଉଥିବାର ଅନେକ ଅଭିଯୋଗ ରହିଛି । ଏଠାରେ ଥିବା ଫାର୍ମାସିଷ୍ଟ ଅଫିସ କାମରେ ଓ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମରେ ବ୍ୟସ୍ତ ରହି ନିଜର ମୂଳକାମ କରୁନଥିବା ମଧ୍ୟ ଲୋକେ ଅଭିଯୋଗ କରନ୍ତି। ଫଳରେ ରୋଗୀମାନେ ଲମ୍ବାଧାଡ଼ିରେ ଠିଆହୋଇ ଡାକ୍ତରଙ୍କୁ ପରାମର୍ଶ କରୁଥିବା ବେଳେ ସରକାରୀ ଔଷଧ ବିତରଣକେନ୍ଦ୍ର ବନ୍ଦ କରିଦିଆ ଯାଉଥିବାରୁ ଗରିବ ରୋଗୀମାନେ ଔଷଧ ନପାଇ ବାହାରୁ କିଣି ଖୁବ୍ ହଇରାଣ ହେଉଛନ୍ତି। ଅପେକ୍ଷାକୃତ ଉତ୍ତମ ଲୋକେ ଚିକିତ୍ସା ପାଇଁ ରାଜଧାନୀକୁ ପଳାଉଥିବାବେଳେ ଗରିବମାନେ ଭାଗ୍ୟକୁ ଆଦରି ଏଠାରେ ପଡ଼ିରହୁଛନ୍ତି।

## ଚୋରା ସାମଗ୍ରୀ କାରବାର ପେଣ୍ଠ ସ୍ଥଳ ପାଲଟିଛି ଭୁବନେଶ୍ୱର : କବାଡିଆ ମାଲାମାଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ଗଳିକନ୍ଦିରେ ମାଳ ମାଳ କବାଡ଼ିଆ ଦୋକାନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । କିଛି ସ୍ଥାନରେ କବାଡ଼ିଆ ଦୋକାନୀମାନେ ଚୋରା ସାମଗ୍ରୀ ରଖି ମାଲେମାଲ ହେଉଥିବାବେଳେ ପୁଲିସ ନିରବ ରହିବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହେଲେ ପୁଲିସ ମାମଲା ରୁଜୁ କରି ଆଖପାଖ କବାଡ଼ିଆ ଦୋକାନରୁ ଚୋରି ସାମଗ୍ରୀ ଜବତ କରିବା ସହ କ୍ରେତା ଓ ବିକ୍ରେତାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି । ହେଲେ ବିକ୍ରେତାଙ୍କ ନାମରେ ଚୋରି ମାମଲା ରୁଜୁ କରି ଅଦାଲତ ଚାଲାଣ କରୁଥିବାବେଳେ କ୍ରେତାଙ୍କୁ ଛାଡ଼ି ଦେଉଥିବା ଅଭିଯୋଗ ହୋଇଛି । ଇନଫୋସିଟି ଥାନା ଅଧୀନ ନନ୍ଦନ ବିହାରର ଏକ ନିର୍ମାଣାଧୀନ ଘରୁ ବହୁ ମୂଲ୍ୟର ବିଦ୍ୟୁତ ଓ ସାନିଟାରୀ ସାମଗ୍ରୀ ଚୋରି ଘଟଣାରେ ଏକ କବାଡ଼ିଆ ଦୋକାନୀ ମାଲିକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ସେହିପରି ଶୈଳଶ୍ରୀବିହାର ଏକ ଫ୍ଲାଟରୁ ବହୁ ମୂଲ୍ୟର ଲୁହାରଡ ଚୋରି ଘଟଣାରେ ପୁଲିସ କ୍ରେତାଙ୍କୁ ଛାଡ଼ି ଦେଇଥିବାବେଳେ ବିକ୍ରେତାଙ୍କୁ ଅଦାଲତ ଚାଲାଣ କରିଥିଲା। କିଛିଦିନ ପୂର୍ବେ ଏକ ଚୋରି ମାମଲାରେ ଚନ୍ଦ୍ରଶେଖରପୁର ଥାନା ଅଧୀନ ଡମଣା ହାଟ ବସ୍ତିରେ ଥିବା ଜଣେ କବାଡ଼ିଆ ମାଲିକ ଏବଂ ଶୈଳଶ୍ରୀ ବିହାର ଫେଜ-୨ଛକ ନିକଟ ଅନ୍ୟଜଣେ କବାଡ଼ିଆ ମାଲିକଙ୍କୁ ଥାନାରେ ଅଟକ ରଖାଯାଇଥିଲା। ସେହିପରି ମୈତ୍ରୀବିହାର ଥାନା ଅଧୀନ ଜନତା ମଇଦାନ ରାସ୍ତା କଡ଼ ସିଗନାଲ ବକ୍ସରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରି ଚୋରି ମାମଲାରେ ସାଲିଆସାହି ସ୍ଥିତ କବାଡ଼ିଆ ମାଲିକ ସମେତ ଦୁଇ ଅଭିଯୁକ୍ତ ଗିରଫ ହୋଇଥିଲେ। ପ୍ରତିଦିନ ରାଜଧାନୀର କୌଣସି ନା କୌଣସି ଥାନା ଅଞ୍ଚଳରୁ ଗ୍ରୀଲ ଓ ଝରକା ତାଡ଼ି ନେବା, କବାଟ ଭାଙ୍ଗି ନେବା ଆଦି ଛୋଟବଡ଼ ଚୋରି ଘଟଣା ଘଟୁଛି। ଏନେଇ ଥାନାରେ ଅଭିଯୋଗ ହେଉଛି। ଅଭିଯୋଗ ଭିତିରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରୁଛି । ଚୋରି ସାମଗ୍ରୀ ଜବତ ହେବା ସହ ଚୋର ଏବଂ କବାଡିଆ ମାଲିକ ଥାନାକୁ ଟଣା ହୋଇ ଆସୁଛନ୍ତି । ହେଲେ ବିକ୍ରେତାଙ୍କୁ ଚୋରି ମାମଲାରେ ଗିରଫ କରି ଅଦାଲତ ଚାଲାଣ କରାଯାଉଥିବାବେଳେ କ୍ରେତା କବାଡ଼ିଆ ମାଲିକଙ୍କୁ ସାମାନ୍ୟ ପଚରାଉଚରା ପରେ ଛାଡ଼ି ଦିଆଯାଉଛି। ଏହାପଛରେ ଟଙ୍କା କାରବାର ହେଉଥିବା ପୋଲିସ ବିଭାଗର ଜଣେ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । କାଗଜ ଓ କାର୍ଟୁନ ନାଁରେ ରାତାରାତି ବହୁ ମୂଲ୍ୟର ଦାମୀ ଚୋରା ଦ୍ରବ୍ୟ ସଂଗ୍ରହ କରି କବାଡ଼ିଆ ଦୋକାନ ମାଲିକ ମାଲେମାଲ ହେଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ରାଜଧାନୀରେ କାୟା ବିସ୍ତାର କରୁଛନ୍ତି ଅନୁପ୍ରବେଶ କାରୀ ବାଂଲାଦେଶୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଗୋଟିଏ ବର୍ଗଫୁଟ ଜାଗା ମିଳିବା ମୁସ୍କିଲ। ଗରିବ ଲୋକ କଥା କିଏ ପଚାରେ । କୋଟିପତି ବି ରାଜଧାନୀରେ ଜାଗା ଖଣ୍ଡେ ପାଉନାହାନ୍ତି। ଏପଟେ କିନ୍ତୁ ବାଂଲା ଅନୁପ୍ରବେଶକାରୀ ଓ ରୋହିଙ୍ଗିଆ ରାଜଧାନୀ ଛାତି ଉପରେ ସାମ୍ରାଜ୍ୟ ବିସ୍ତାର କଲେଣି। ରାଜଧାନୀର ପ୍ରତିଷ୍ଠିତ ଅଞ୍ଚଳ ଭାବେ ପରିଚିତ ଖାରବେଳନଗର ଅଞ୍ଚଳ ଏହାର ଅନ୍ୟତମ ଉଦାହରଣ। କିଛି ବର୍ଷ ମଧ୍ୟରେ ଏଠାରୁ ଏକର ଏକର ଜାଗା କବଜା କରିନେଲେଣି ବାଂଲା ଅନୁପ୍ରବେଶକାରୀ। ଅନୁପ୍ରବେଶକାରୀ କେବଳ ଜବରଦଖଲ କରିଛନ୍ତି ତାହା ନୁହେଁ, ନିଜ ନାଁ ଭୋଟର ତାଲିକାରେ ବି ଚଢାଇଛନ୍ତି, ଆଧାରକାର୍ଡ ବି ବାହାର କରିଛନ୍ତି । କେବଳ ଭୋଟ ବ୍ୟାଙ୍କ ନିଶାରେ ରାଜନେତା, ଅଧିକାରୀ କାରସାଦି କରି ଏମାନଙ୍କୁ ସ୍ଥାୟୀ ବାସିନ୍ଦା ଭାବେ ବନାଇଛନ୍ତି। ସବୁଠୁ ବଡ଼ କଥା ହେଲା, ଅନୁପ୍ରବେଶକାରୀମାନେ ସରକାରୀ ଅଫିସ, ତହସିଲ ଅଫିସ, ହସ୍ପିଟାଲ, ଘରୋଇ ବାସଭବନ ଜାଗାକୁ କବଜା କରିନେଲେଣି । ଏହା ଆଗକୁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ। ବାଂଲା ଅନୁପ୍ରବେଶକାରୀ ରାଜଧାନୀରେ ପହଞ୍ଚିଛନ୍ତି। କବାଡ଼ି ସାମଗ୍ରୀ ଗୋଟାଉଛନ୍ତି, ଶସ୍ତାରେ ମୂଲିଆ କାମ କରୁଛନ୍ତି। ପ୍ରଥମେ ସରକାରୀ ଜାଗାକୁ କବଜା କରି ଜରିପାଲରେ କୁଡ଼ିଆ ତିଆରି କରୁଛନ୍ତି । ଧୀରେ ଧୀରେ ଏହି କୁଡ଼ିଆକୁ ଲାଗିଥିବା ଜାଗା କବଜାକୁ ନେଉଛନ୍ତି। ପରେ ସାଙ୍ଗସାଥୀଙ୍କୁ ଡାକି ବସ୍ତି ବିସ୍ତାର କରୁଛନ୍ତି। ୟୁନିଟ୍-୩ ଅଞ୍ଚଳରେ ହଜାର ହଜାର ବାଂଲାଦେଶୀ ବସ୍ତି ଗଢ଼ି ତୋଳିଛନ୍ତି। ୨୦ ବର୍ଷ ତଳେ ଏହି ଜାଗା ଖାଲି ପଡ଼ିଥିଲା। ଏବେ ଜାଗା କ'ଣ, ରାସ୍ତା ବି ମିଳୁନି। ଡ୍ରେନ୍‌କୁ ଗିଳି ଦେଲେଣି। ଏଚ୍‌ଏଚ୍‌ଆଇ ହୋଟେଲ ଆରମ୍ଭରୁ ବିରାଟ କବାଡିଆ ଗୋଦାମ ଆରମ୍ଭ ହୋଇଛି । ଏହି ରାସ୍ତା ପାର କରି ମାଳିସାହି ଦେଇ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ପର୍ଯ୍ୟନ୍ତ ରାସ୍ତାରେ ଅଳିଆ ପାହାଡ଼ କରି ରଖିଛନ୍ତି। ଅର୍ବାନ ସେଲଟର ହାଉସ ଆଗରେ ଭଙ୍ଗା ଟ୍ରଲି ରଖାହୋଇଛି । ରାସ୍ତା ନାହିଁ । ଗାଡି ପାର୍କିଂ ସ୍ଥାନ କବଜା କରି ନେଇଛନ୍ତି । ସ୍ଥିତି ଏମିତି ଯେ ସାଧାରଣ ଲୋକେ ସେପଟେ ପ୍ରବେଶ ପାରୁନାହାନ୍ତି । ଓଡିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି ) ଅଫିସ୍ ଆଗରେ ଭଙ୍ଗା ଟ୍ରଲି ଗଦା ହୋଇଛି । ଅଫିସକୁ ଯିବା ପାଇଁ କର୍ମଚାରୀ, ଅଧିକାରୀ ନାକେଦମ। ସେହି ରାସ୍ତାରେ ନିଳାଚଳ ହସ୍ପିଟାଲ ରହିଛି। ରାସ୍ତା ଉପରେ କବାଡିଆଙ୍କ କବଜା ଯୋଗୁଁ ଆମ୍ବୁଲାନ୍ସ ଆସିପାରୁନି। ରୋଗୀ ଛଟପଟ ହେଉଛନ୍ତି। ପ୍ରତିବାଦ କଲେ ନାଲି ଆଖି ଦେଖାଇ ଚାପିବାକୁ ଧମକ ଦିଆଯାଉଛି। ଚନ୍ଦ୍ରମା କମ୍ପ୍ଲେକ୍ସ ରାସ୍ତାକୁ ମାଡ଼ି ବସିଛନ୍ତି। ଫଳରେ ଏହି କମ୍ପ୍ଲେକରେ ରହୁଥିବା ପ୍ରାୟ ୨୦୦ ପରିବାର ଏବେ ରାସ୍ତାକୁ ବାହାରି ପାରୁନାହାନ୍ତି। ଅଳିଆ ଜମି ରହୁଛି, ପୂରା ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଭୋଟ ବ୍ୟାଙ୍କ ଆଳରେ ନେତାଙ୍କ ଛତ୍ରଛାୟା ତଳେ ଅନୁପ୍ରବେଶକାରୀଙ୍କ ଚେର ବହୁତ ଲମ୍ବା। ସରକାରୀ ଜମି, ରାସ୍ତା, ଦପ୍ତର କବଜା କରିଲେ ବି କାର୍ଯ୍ୟାନୁଷ୍ଠାନ ନାହିଁ । ରାଜଧାନୀର ବର୍ଦ୍ଧିତ ଅପରାଧରେ ଏମାନଙ୍କ ଭୂମିକା ସବୁଠୁ ଅଧିକ । ବିଭିନ୍ନ ପ୍ରକାର ନିଶା କାରବାର ପେଣ୍ଠସ୍ଥଳୀ ପାଲଟିଛି । ପୁଲିସ ନିରବଦ୍ରଷ୍ଟା ସାଜିଛି। ପ୍ରଶାସନ ଏମାନଙ୍କୁ ଉଚ୍ଛେଦ କରୁନି । ଫଳରେ ନିରଙ୍କୁଶ ଭାବେ ରାସ୍ତା ଉପରେ ଘର ତୋଳୁଛନ୍ତି। ତତ୍କାଳୀନ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଏହି କବାଡିଆ ଗୋଦାମ ଗୁଡ଼ିକ "ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

## ୧ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବା ଶିଶୁପୁତ୍ର ଉଦ୍ଧାର

**ପାରାଦୀପ, ନ୍ୟୁଜ ବ୍ୟୁରୋ**

ଜଗତ୍‌ସିଂହପୁର ଜିଲା ପାରାଦୀପରେ ୩ ଦିନର ନବଜାତ ଶିଶୁପୁତ୍ରଙ୍କୁ ୧ ଲକ୍ଷ ଟଙ୍କାରେ ଜଣେ ଅସହାୟ ମହିଳା ବିକ୍ରିକରି ଦେଇଥିଲେ। ହେଲେ ବିକ୍ରି ହୋଇଥିବା ପୁଅଙ୍କୁ ଶୁକ୍ରବାର ଭାଇଜାଗରୁ ଉଦ୍ଧାର ପରେ ପାରାଦୀପ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶିଶୁଟିକୁ ନିଜେ ଦଲାଲ ପାରାଦୀପ ଆଣିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଘଟଣା ପ୍ରଘଟ ପରଠାରୁ ନବଜାତକଙ୍କ ମା' ଗାଏବ ଅଛନ୍ତି। ବର୍ତ୍ତମାନ ନବଜାତ କେଉଁଠି, କାହା ପାଖରେ ରହିବ ସେନେଇ ସିଡବ୍ଲୁସି ନିଷ୍ପତ୍ତି ନେବ ବୋଲି ଜଣାପଡିଛି। ସୂଚନା ଯୋଗ୍ୟ, ଜୁନ ୨୯ (ଶନିବାର) ରାତିରେ ବିଜୁ ମେମୋରିଆଲ ହସ୍ପିଟାଲରେ ଶିଶୁପୁତ୍ର ଜନ୍ମ ହୋଇଥିଲା। ପରେ ମା' ଓ ନବଜାତକ ପୁତ୍ର ନୂଆବଜାର ନୋଳିଆସାହି ବସ୍ତିରେ ଜଣେ ବ୍ୟକ୍ତିଙ୍କ ଘରେ ଆସି ରହିଥିଲେ। ସେଠାରେ ମହିଳା ଜଣକ ୬ ମାସ ହେଲା ରହିଆସୁଥିବା ବେଳେ ତାଙ୍କର ସମସ୍ତ ଖର୍ଚ୍ଚ ଆଶ୍ରୟ ଦେଇଥିବା ବ୍ୟକ୍ତି ଜଣକ ବହନ କରିଆସୁଥିଲେ। ଉକ୍ତ ବ୍ୟକ୍ତି ଜଣକ ଘରେ ନ ଥିବାବେଳେ ଶିଶୁପତ୍ରଙ୍କ ମା' ସୋମବାର ଅନ୍ୟଜଣଙ୍କୁ ବିକ୍ରି କରିଦେଇଥିବା ଜଣାପଡ଼ିଛି। ତେବେ ଆଶ୍ରୟ ଦେଇଥିବା ବ୍ୟକ୍ତି ଜଣକ ଘରକୁ ଫେରିବା ପରେ ଶିଶୁବିକ୍ରି ଘଟଣା ପ୍ରଘଟ ହୋଇଛି।




# ରକ୍ତ ସଂପର୍କରେ ନୃଶଂସତା : ଗଲାଣି ୪ ଜୀବନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରକ୍ତ ସମ୍ପର୍କରେ ରକ୍ତଛିଟା ଲାଗିବା କିଛି ନୂଆ କଥା ନୁହେଁ। ପୁରାଣରୁ ଆରମ୍ଭ କରି ଇତିହାସ ଓ ଆଜି ପର୍ଯ୍ୟନ୍ତ ଏମିତି ବହୁ ଉଦାହରଣ ରହିଛି। କେତେବେଳେ ବାପା ପୁଅକୁ ତ କେବେ ପୁଣି ପୁଅ ବାପାକୁ ହତ୍ୟା କରିଛି। କେବେ ପୁଣି ଜନ୍ମଦାତ୍ରୀ ମା' ବି ବଳିପଡ଼ିଛି ପୁଅ ବା ଝିଅ ହାତରେ। ଭାଇ ଭାଇକୁ ହତ୍ୟା କରିବା ନଜିର ତ ଅନେକ। କେତେବେଳେ ସମ୍ପତ୍ତି ପାଇଁ ତ କେବେ ପୁଣି ନିଶା ପାଇଁ ଏମିତି ହତ୍ୟାକାଣ୍ଡ ଘଟିଥାଏ। ଏବେ ସେମିତି ଏକ ଅଘଟଣ ଭୁବନେଶ୍ୱରରେ ଘଟିଛି। ଅତି ଗେଲବସରରେ ବଢ଼ିଥିବା ଏକମାତ୍ର ଉଚ୍ଚଶିକ୍ଷିତ ପୁଅ ବୃଦ୍ଧ ବାପାଙ୍କୁ ମା' ଉପସ୍ଥିତିରେ ବୀଭତ୍ସ ଭାବେ ଛାତିକୁ ଛୁରିରେ ଭୁସି ହତ୍ୟା କରିଛି। ନାଲ୍‌କୋରୁ ଅବସର ନେଇଥିବା ବରିଷ୍ଠ ଅଧିକାରୀ ସୁନୀଲ ଚୌଧୁରୀଙ୍କୁ ତାଙ୍କର ଏକମାତ୍ର ଆଇନ ଅଧ୍ୟାପକ ପୁଅ ଅନିରୁଦ୍ଧ ହତ୍ୟା କରିଛି। ମଞ୍ଚେଶ୍ୱର ଥାନା ରଙ୍ଗମାଟିଆ ନିକଟ ଏକ ଆପାର୍ଟମେଣ୍ଟରେ ଘଟିଥିବା ଏହି ହତ୍ୟାକାଣ୍ଡ ଆଜି ରାଜଧାନୀରେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ଦ୍ୱୈତନଗରୀରେ ଘଟିଥିବା ଏଭଳି କିଛି ଉଦାହରଣ।

୨୦୨୨ ଜାନୁଆରି ୨୭ରେ କଟକସ୍ଥିତ କନିକା ରାଜପରିବାରରେ ଘଟିଥିଲା ଏକ ଚର୍ଚ୍ଚିତ ହତ୍ୟାକାଣ୍ଡ। ଶ୍ରୀବିହାର କଲୋନିରେ ରହୁଥିବା କନିକା ରାଜାଙ୍କ ନାତୁଣୀ ବୋହୂ ତଥା ୭୫ ବର୍ଷ ବୟସର ବୃଦ୍ଧା ପରେଶକୁମାରୀ ଦେବୀ ଓରଫ୍ ଭଞ୍ଜଦେଓଙ୍କୁ ତାଙ୍କ ପୁଅ ସୁଭେନ୍ଦ୍ର ନାରାୟଣ ଭଞ୍ଜଦେଓ କଟୁରିରେ ହାଣି ହତ୍ୟା କରିଥିଲେ। ସମ୍ପତ୍ତି ବଣ୍ଟାକୁ ନେଇ ମା' ଓ ପୁଅଙ୍କ ମଧ୍ୟରେ ଲାଗି ରହିଥିବା ତିକ୍ତତାରୁ ଏହି ହତ୍ୟାକାଣ୍ଡ ଘଟିଥିଲା।



୨୦୨୪ ଫେବ୍ରୁୟାରୀ ୨୭ରେ ଚନ୍ଦ୍ରଶେଖରପୁର ଥାନା ଶୈଳେଶ୍ରୀବିହାର ଅଞ୍ଚଳରେ ପୁଅର କାଠଫାଳିଆ ପାହାରରେ ବାପାଙ୍କ ମୃତ୍ୟୁ ହୋଇଥିଲା। ପରିବା ଆଣିବାକୁ ବାପା ପୁଅକୁ ପଇସା ମାଗିବା ଭଳି ଏକ ସାମାନ୍ୟ କଥାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା। ପୁଅ କୁନା ସ୍ୱାଇଁ କାଠଫାଳିଆରେ ପିଟି ବାପା ବିଶ୍ୱ ସ୍ୱାଇଁଙ୍କୁ ମାରିଦେଇଥିଲା।

୨୦୨୨ରେ ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ନିଶାଡ଼ି ପୁଅ ବାପାଙ୍କୁ କାଠଫାଳିଆରେ ପିଟି ହତ୍ୟା କରିଥିଲା। ନିଶାଡ଼ି ପ୍ରଶାନ୍ତ ଜେନା ବାପାଙ୍କୁ ହତ୍ୟା କରିବା ପରେ ଘରେ ନିଆଁ ଲଗାଇ ଦେଇଥିଲା। ୨୦୨୦ ସେପ୍ଟେମ୍ବର ୧୭ରେ ସୁନ୍ଦରପଦା ନିକଟ ହାଇଟେକ୍ ଅଞ୍ଚଳରେ ମା'କୁ ହତ୍ୟା କରିଥିଲେ ୨ ନାବାଳକ ପୁଅ। ଜେଲ୍‌ରେ ସଜା କାଟୁଥିବା ବାପାଙ୍କ ଅନୁପସ୍ଥିତିରେ ମା'ଙ୍କ ଅନୈତିକ କାର୍ଯ୍ୟକଳାପକୁ ବିରୋଧ କରି ୨ ଭାଇ ଏହି ହତ୍ୟାକାଣ୍ଡ ଭିଆଇଥିଲେ।



# କୂଳ ଲଂଘୁଛି ସମୁଦ୍ର: ବିପଦରେ ଉପକୂଳବାସୀଙ୍କ ଧନଜୀବନ

**ଭୋଗରାଇ, ନ୍ୟୁଜ ବ୍ୟୁରୋ**



ଭୋଗରାଇ ଅଞ୍ଚଳରେ ବେଳାଭୂମିର ସୁରକ୍ଷା କବଚ ସାଜିଥିବା ଲୁଣା ଜଙ୍ଗଲ ସମୁଦ୍ର ଜୁଆର ମାଡ଼ରେ ଧ୍ୱଂସ ହୋଇଯାଉଛି। ଫଳରେ ଗତ କିଛି ବର୍ଷ ହେଲା ବଙ୍ଗୋପସାଗରର ଉତ୍ତାଳ ତରଙ୍ଗ ଜନବସତି ଆଡ଼କୁ ମାଡ଼ି ଆସୁଛି। ଗୋଟିଏ ପଟେ ଜଙ୍ଗଲ ନଷ୍ଟ ହେବା ପରେ ସମୁଦ୍ର କୂଳ ଲଙ୍ଘୁଥିବା ବେଳେ ନୂତନ ଜଙ୍ଗଲ ସୃଷ୍ଟି କିମ୍ବା ସୁଦୃଢ଼ ପଥରବନ୍ଧ ନିର୍ମାଣକୁ ଗୁରୁତ୍ୱ ଦେଉନି ଜିଲ୍ଲା ପ୍ରଶାସନ। ଲୁଣି ଜୁଆର ପାଣି ମାଡ଼ି ଏକର ଏକର ଚାଷଜମି କ୍ଷତିଗ୍ରସ୍ତ ହେଉଥିବା ବେଳେ ଉପକୂଳ ଗ୍ରାମବାସୀଙ୍କ ଧନଜୀବନ ମଧ୍ୟ ବିପଦରେ ରହିଛି। ସେହିପରି ବେଳାଭୂମି ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ସଂକଟରେ। ସ୍ଥିତି ଏମିତି ଯେ, ସମୁଦ୍ର ଜୁଆର ମାଡ଼ରେ ତାଳସାରୀରେ ଥିବା ହୋଟେଲଗୁଡ଼ିକ ପ୍ରତି ବିପଦ ଘନେଇବାରେ ଲାଗିଛି। ବେଳ ଥାଉ ଥାଉ ଏହାର ପ୍ରତିକାର କରାନଗଲେ ସମୁଦ୍ର ଗର୍ଭରେ ଅନେକ ଧନଜୀବନ ଲୀନ ହୋଇଯିବାର ଆଶଙ୍କା ଦେଖାଦେଇଛି। ପଶ୍ଚିମବଙ୍ଗ ସୀମାନ୍ତ ଭୋଗରାଇ ବ୍ଲକ୍ ଉଦୟପୁରଠାରୁ କୀର୍ତ୍ତନିଆ ଯାଏ ୧୬ କିମି ପରିମିତ ଉପକୂଳ ଅଞ୍ଚଳ ପ୍ରତି ବଡ଼ ବିପଦ ସାଜିଛି ବଙ୍ଗୋପସାଗର। ମୁକୁଳା ପଡ଼ିଥିବା ଏହି ବିସ୍ତୀର୍ଣ୍ଣ ଅଞ୍ଚଳରେ ବାରମ୍ବାର କୂଳ ଲଙ୍ଘୁଛି ସମୁଦ୍ର। ବିଶେଷ କରି ବାତ୍ୟା 'ଅମ୍ଫାନ'ରେ ତାଳସାରି ବେଳାଭୂମିର ସୁବର୍ଣ୍ଣପୁର ଦ୍ୱୀପରେ ଥିବା ଲକ୍ଷାଧିକ ଝାଉଁଗଛ ଭାଙ୍ଗିଯିବାରୁ ଜଙ୍ଗଲକୁ ଧ୍ୱଂସ ପାଇଛି। ଫଳରେ ସମୁଦ୍ର ଜୁଆର ସିଧା ଉପକୂଳ ଅଞ୍ଚଳରେ ମାଡ଼ ହେବା ସହିତ ବେଳାଭୂମି ଅଞ୍ଚଳରେ ବ୍ୟାପକ କ୍ଷତି କରୁଛି। ଏଥି ଯୋଗୁଁ ବେଳାଭୂମିର ପର୍ଯ୍ୟଟନ ଶିଳ୍ପ ବାଧାପ୍ରାପ୍ତ ହେବା ସହିତ ସ୍ଥାନୀୟ ମାଛଧରା ଜେଟି, ହୋଟେଲ, ଦୋକାନ ଘର, ମାଛଧରା ଡଙ୍ଗା ପ୍ରଭୃତି ନଷ୍ଟ ହେଉଛି। ଦୁର୍ବଳ ସ୍ଥାନରେ ଜୁଆର ପାଣି ଜନବସତି ଆଡ଼କୁ ମାଡ଼ିଆସି ଚାଷଜମି ନଷ୍ଟ କରୁଛି। ଭୋଗରାଇ ସମୁଦ୍ର ଉପକୂଳରେ ଥିବା ସାହାବାଜିପୁର, ହୁଗୁଳି, ଗୋଛିଦାଡେଘରୀ, ଶ୍ରଦ୍ଧାପୁର, କାନ୍ଥିଭଉଁରୀ, ନାରାୟଣ ମହାନ୍ତି ପଡ଼ିଆ ଓ କୁମ୍ଭୀରଗଡ଼ି ପଞ୍ଚାୟତର ଶହଶହ ଗାଁର ଲୋକମାନେ ଏବେ ସାମୁଦ୍ରିକ ଲୁଣି ଜୁଆର ପାଣି ଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି। ଉପକୂଳ ଅଞ୍ଚଳରେ ପଥରବନ୍ଧ ନିର୍ମାଣ ସହିତ ଜଙ୍ଗଲ ବିଭାଗ ସବୁଜ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ଭୋଗରାଇବାସୀ ବହୁବାର ଦାବି କରିଛନ୍ତି। ମାତ୍ର ସମସ୍ତ ଦାବି ଫାଇଲ ତଳେ ଚାପି ହୋଇରହିଛି। ଉକ୍ତ ଅଞ୍ଚଳକୁ ଏକାଧିକ ଥର ବିଭିନ୍ନ ସଚିବ ଓ ନିଜେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିଥିଲେ ମଧ୍ୟ ସମସ୍ୟା ଯଥା ପୂର୍ବଂ ତଥା ପରଂ ହୋଇ ରହିଛି। ଧନଜୀବନ ବିପନ୍ନ ପୂର୍ବରୁ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଲାଗି ଅଞ୍ଚଳବାସୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଡିସେମ୍ବର ସୁଦ୍ଧା ସବୁ ସରକାରୀ କୋଠାରେ ମିଳିବ ସୌର ବିଦ୍ୟୁତ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟର ସମସ୍ତ ସରକାରୀ କୋଠାରେ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି । ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ସବୁ ସରକାରୀ କୋଠାରେ ସୌର ବିଦ୍ୟୁତ ଉପଲବ୍ଧ ହେବ । ମିଶନ ମୋଡରେ ଏହି ସରକାର ବିଭାଗ ଓ ସଂସ୍ଥାର କୋଠାରେ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ ନିମନ୍ତେ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ପାଇଁ ରାଜ୍ୟ ଶକ୍ତି ବିଭାଗ ନିର୍ଦ୍ଦେଶ ଦେଇଛି ।

କେନ୍ଦ୍ର ନବୀକରଣ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ପ୍ରସ୍ତାବ ଆଧାରରେ ରାଜ୍ୟ ସରକାର ମିଶନ ମୋଡରେ ଚଳିତବର୍ଷ ଡିସେମ୍ବର ସୁଦ୍ଧା ସମସ୍ତ ସରକାରୀ କୋଠାରେ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଯେଉଁ ସବୁ ସରକାରୀ ବିଭାଗ ଓ ସଂସ୍ଥାର କୋଠାରେ ୨୦୦ କିଲୋୱାଟ୍ ଅବା ତା'ଠୁ ଅଧିକ ବିଦ୍ୟୁତ ଆବଶ୍ୟକ ହେଉଥିବ ସେହି କୋଠାଗୁଡ଼ିକର ଛାତରେ ସୌରବିଦ୍ୟୁତ ପ୍ଲାଂଟ ସ୍ଥାପନ ରିନ୍ୟୁଓବଲ ଏନର୍ଜି ସର୍ଭିସ କମ୍ପାନୀ (ଆରଇଏସସିଓ) ଦ୍ୱାରା କରାଯିବ । ଏହି ମଡେଲରେ ବିଭାଗଗୁଡ଼ିକୁ କୌଣସି ପାଣ୍ଠି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଏହି ସୋଲାର ସିଷ୍ଟମ ସ୍ଥାପନଠୁ ଆରମ୍ଭ କରି ୨୫ବର୍ଷ ପର୍ଯ୍ୟନ୍ତ ପରିଚାଳନା ଓ ମରାମତି ଖର୍ଚ୍ଚ ଆରଇଏସସିଓ ତୁଲାଇବ । ରାଜ୍ୟ ସରକାର ସମସ୍ତ ସରକାରୀ କୋଠାରେ ଏହି ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କାର୍ଯ୍ୟକାରୀ କରିବା ପାଇଁ ଓରେଡାକୁ ଦାୟିତ୍ୱ ଦେଇଛନ୍ତି । ଓରେଡାର ସର୍ଭେ ଟିମ୍ ଏବେ ସମସ୍ତ ସରକାରୀ କୋଠାରେ ସୋଲାର ସିଷ୍ଟମ ଲଗାଇବା ପାଇଁ ଆବଶ୍ୟକ ସର୍ଭେ କରିବା ସହ ନିର୍ଦ୍ଧାରିତ ଅବଧି ମଧ୍ୟରେ ଫିଜିବିଲିଟି ଷ୍ଟଡି ରିପୋର୍ଟ ଦାଖଲ କରିବେ । ତେଣୁ ଏହି ଯୋଜନାର ତ୍ୱରିତ୍ କାର୍ଯ୍ୟକାରୀ ନିମନ୍ତେ ଓରେଡା ସର୍ଭେ ଟିମକୁ ଆବଶ୍ୟକ ସହଯୋଗ ଦେବା ପାଇଁ ସରକାରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ସମସ୍ତ ବିଭାଗର ସଚିବମାନଙ୍କୁ ଶକ୍ତି ବିଭାଗ ଚିଠି ଲେଖି ଅନୁରୋଧ କରିଛି ।

ଏହି ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କାର୍ଯ୍ୟକାରୀକୁ 'ସର୍ବାଧିକ ପ୍ରାଥମିକତା' ଦେବାକୁ ମଧ୍ୟ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ଚିଠିରେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ନିଜର ମହତ୍ୱାକାଂକ୍ଷୀ ଯୋଜନା 'ପିଏମ୍ ସୂର୍ଯ୍ୟଘର'ରେ ଆବଶ୍ୟକ ସବସିଡି ପ୍ରଦାନ କରି ସବୁ ପରିବାରକୁ ୩୦୦ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇବା ଉପରେ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ପିଏମ୍ ସୂର୍ଯ୍ୟଘର ଯୋଜନାକୁ କାର୍ଯ୍ୟକାରୀ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି ।

## ଭାଡା ଦେଇନଥିବ ମାଲିକଙ୍କ ଦୋକାନ ସିଲ୍ ପାଇଁ ସରପଞ୍ଚଙ୍କ ନୋଟିସ୍

**ବିଷମକଟକ, ନ୍ୟୁଜ ବ୍ୟୁରୋ**

ବର୍ଷ ବର୍ଷ ଧରି ପଞ୍ଚାୟତର ଦୋକାନ ଗୃହ, କଲ୍ୟାଣ ମଣ୍ଡପ, ବନ୍ଧ ଆଦିକୁ ବ୍ୟବହାର କଲେ, ନିଜେ ପଇସା କମେଇଲେ ହେଲେ ଭଡା ବାବଦରେ ଟଙ୍କା ଟିଏ ମଧ ଦେଲେ ନାହିଁ । ବଜାର ଦର ଠାରୁ ପଞ୍ଚାୟତର ମାସିକ ଭଡା ପ୍ରାୟ ଦଶ ଗୁଣ ଠାରୁ କମ୍ ଥିବା କାରଣରୁ ଦୋକାନ ଗୃହ ହାତେଇବା ପାଇଁ ଆଗଭର ହେଲେ ଭଡା ବାବଦରେ ଟଙ୍କା ଦେବା ପାଇଁ ଟିକିଏ ହେଲେ ଆଗ୍ରହ ନାହିଁ । ତେବେ ଏଭଳି ଅମାନିଆମାନଙ୍କୁ ଉଚିତ ଜବାବ ଦେବା ପାଇଁ ଅଣ୍ଟା ଭିଡିଛନ୍ତି ବିଷମକଟକ ସରପଞ୍ଚ ନମିତା କୁଳିସିକା । ଏହି ପରିପ୍ରେକ୍ଷୀରେ ସରପଞ୍ଚ ଶ୍ରୀମତୀ କୁଲୁସିକା ବିଷମକଟକ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ଠାରେ ଥିବା ୪ଜଣ ଭଡାଟିଆଙ୍କୁ ସାତ ଦିନ ମଧ୍ୟରେ ଟଙ୍କା ପୈଠ କରିବା ପାଇଁ ନୋଟିସ ଜାରି କରିଛନ୍ତି । ନଚେତ ସାତ ଦିନ ପରେ ଉକ୍ତ ଦୋକାନ ଗୃହ ଗୁଡିକୁ ସିଲ କରାଯିବା ନେଇ ଚିଠିରେ ଉଲ୍ଲେଖ ଥିବା ସୂଚନା ରହିଛି ।

# ସମୁଦ୍ରରେ ଲୀନ ହୋଇଯିବ ଢିଙ୍କିଆ ଚାରିଦେଶ !

## ଜଙ୍ଗଲ ଜମି, ସମୁଦ୍ର କୂଳରୁ ନିର୍ବିଘ୍ନରେ ଉଠୁଛି ବାଲି-ମାଟି



**ବାଲିତୁଠ, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଏରସମା ତହସିଲ୍ ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳରେ ଏବେ ବାଲି ଓ ମାଟି ମାଫିଆ ସକ୍ରିୟ ହୋଇଉଠିଛନ୍ତି। ବିଶେଷ କରି ସମୁଦ୍ର କୂଳ ସିଆରଜେଡ୍ (କୋଷ୍ଟାଲ୍ ରେଗୁଲେସନ୍ ଜୋନ୍) ଅଞ୍ଚଳ, ଜଙ୍ଗଲ ଓ ଗୋଚର ଜମିରୁ ମାଫିଆମାନେ ନିର୍ବିଘ୍ନରେ ଶହଶହ ଟ୍ରିପ୍ ବାଲି ଓ ମାଟି ଉଠାଇ ଅନ୍ୟତ୍ର ଚାଲାଣ କରୁଛନ୍ତି। ମାତ୍ର ମାଇନିଂ ବିଭାଗ ଏଥିନେଇ ଅଙ୍କୁଶ ଲଗାଉ ନ ଥିବାରୁ ଆଗାମୀ ଦିନରେ ଢିଙ୍କିଆ ଚାରିଦେଶ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ପାରାଦୀପ-ଜିନ୍ଦଲ ପ୍ରକଳ୍ପ ଅଞ୍ଚଳରେ ଥିବା କଂସାରୀପାଟିଆ ନିକଟ ସମୁଦ୍ରକୂଳ ସିଆରଜେଡ୍‌ର ଜଙ୍ଗଲ ଜମିରୁ ଦୁଇମାସ ତଳେ ଜଣେ ଠିକାଦାର ଶହଶହ ଟ୍ରିପ୍ ବାଲି ଉଠାଇ ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହୋଇଥିଲା। ଏହାର ମାସେ ନ ପୂରୁଣୁ ସେହି ଅଞ୍ଚଳର ସମୁଦ୍ରକୂଳ ରାସ୍ତାପାର୍ଶ୍ୱେ ଜଙ୍ଗଲ ଜମିରେ ଚିଙ୍ଗୁଡ଼ି ଘେରି କରିବାର ଆଳ ଦେଖାଇ ଜଣେ ବ୍ୟକ୍ତି ପାରାଦୀପକୁ ବାଲି ନେଇ ଯାଇଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ବନ ବିଭାଗ, ତହସିଲ୍ କର୍ତ୍ତୃପକ୍ଷ କିମ୍ବା ମାଇନିଂ ବିଭାଗ ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହେଉଛି। ସେହିପରି ଦୁଇ ସପ୍ତାହ ତଳେ ଢିଙ୍କିଆ ପଞ୍ଚାୟତ, ତ୍ରିଲୋଚନପୁରରୁ ବାଲି ଚୋରି ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ ବିରୋଧ ପରେ ଅଭୟଚାନ୍ଦପୁର ଥାନା ପୁଲିସ ୩ଟି ଟ୍ରାକ୍ଟର ସିଜ୍ କରିଥିଲା। ସେହିପରି ବୁଧବାର ଢିଙ୍କିଆ ପଞ୍ଚାୟତ, ମାହାଳ ବାଇପାସ୍ ରାସ୍ତାପାର୍ଶ୍ୱରେ ଥିବା ଗୋଚର ଜମିରୁ ଜଣେ ଠିକାଦାର ମାଟି ଉଠାଇ ରାସ୍ତା କାମରେ ଲଗାଇବା ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସୁଫଳ ମିଳି ନ ଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏଭଳି ଢଙ୍ଗରେ ସମୁଦ୍ରକୂଳ ସିଆ ?ଜେଡ୍ ଅଞ୍ଚଳ, ଜଙ୍ଗଲ

# ପୁଣି ଥରିଲା ପଦ୍ମକେଶରପୁର: ଲାଇନ୍ କାଟି ବୋମା ଫିଙ୍ଗାଫିଙ୍ଗି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପାଖାପାଖି ୮ ମାସ ପରେ ପୁଣି ଅଶାନ୍ତ ହୋଇପଡ଼ିଛି ମଞ୍ଚେଶ୍ୱର ଥାନା ପଦ୍ମକେଶରପୁର ଗାଁ। ଆଜି ରାତିରେ ତଳସାହି ଓ ମଝିସାହି ମଧ୍ୟରେ ଘଟିଛି ଭୟଙ୍କର ଗୋଷ୍ଠୀ ସଂଘର୍ଷ। ଉଭୟ ପକ୍ଷରୁ ଘନଘନ ବୋମାମାଡ଼ ହୋଇଛି। ପୁଲିସକୁ ରୋକିବା ଲାଗି ଲାଇନ୍ କାଟିଦେଇ ଗାଁ ଦାଣ୍ଡକୁ ଅନ୍ଧାର କରି ଉଭୟ ପକ୍ଷ ବୋମାମାଡ଼ ଚଳାଇଥିଲେ। ଏଥିରେ ୧୨ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି ଏବଂ ୨ ଗୁରୁତରଙ୍କୁ ଡାକ୍ତରଖାନା ନିଆଯାଇଥିବା ସୂଚନା ମିଳିଛି। ପୂର୍ବ ବିବାଦର ଆପୋସ ସମାଧାନ ହୋଇଥିଲେ ବି ଆଜି ପୁଣି ପୁରୁଣା କଥାକୁ ନେଇ ଏହି ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ଏବେ ୨ ପ୍ଲାଟୁନ୍ ପୁଲିସ ବଳ ଗାଁରେ ପଶି ଗଣ୍ଡଗୋଳକାରୀଙ୍କୁ ଖୋଜୁଛି। କିନ୍ତୁ ପୁଲିସ ପହଞ୍ଚିବା ପୂର୍ବରୁ ଦୁଇ ସାହି ପୁରୁଷଶୂନ୍ୟ ହୋଇଯାଇଛି। ତଳସାହି ପାଲାମଣ୍ଡପ ନିକଟରେ ପୁରୁଣା ଗଣ୍ଡଗୋଳକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ହାତାହାତି ହେବା ପରେ ସେମାନେ ଘରକୁ ଚାଲିଯାଇଥିଲେ। ରାତି ପ୍ରାୟ ୧୧ଟାରେ ତଳସାହିର କିଛି ଯୁବକ ମଝିସାହିର



ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ସୁତୁଲି ବୋମା ଫୋପାଡ଼ିଥିଲେ। ବୋମା ବିସ୍ଫୋରଣ ଶବ୍ଦ ଶୁଣି ମଝିସାହିର ଲୋକମାନେ ଡକାଡକି ହୋଇ ମାରଣାସ୍ତ୍ର ଧରି ଗାଁ ଦାଣ୍ଡକୁ ଚାଲି ଆସିଥିଲେ। ବୋମାମାଡ଼ କରିଥିବା ଯୁବକମାନେ ପଛଘୁଞ୍ଚା ଦେଲେ ସିନା ତାଙ୍କ ସାହିର ଯୁବକମାନେ ମଧ୍ୟ ମାରଣାସ୍ତ୍ର ଧରି ଦାଣ୍ଡକୁ ଚାଲିଆସିଲେ। ଦୁଇ ସାହିର ସୀମାରେ ସେମାନେ ରୁଣ୍ଡ ହୋଇ ଢେଲା ମାଡ଼ କରିଥିଲେ। ପରେପରେ ପୁଣି ବୋମାମାଡ଼ ବି ଆରମ୍ଭ ହୋଇଥିଲା। ସୁତୁଲି ବୋମା ସହିତ ପେଟ୍ରୋଲ ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଖବର ପାଇ ମଞ୍ଚେଶ୍ୱର ଓ ଇନ୍‌ଫୋସିଟି ଥାନା ପୁଲିସ ପଦ୍ମକେଶରପୁରରେ ପହଞ୍ଚିଥିଲା। କିନ୍ତୁ ଗଣ୍ଡଗୋଳକାରୀମାନେ ଲାଇନ୍ କାଟି ଗାଁ ଦାଣ୍ଡକୁ ଅନ୍ଧାର କରିଦେଇଥିଲେ। ତେଣୁ ଅନ୍ଧାର ଭିତରେ ବୋମାମାଡ଼ ହେଉଥିବା ଦେଖି ପୁଲିସ ଭିତରକୁ ପଶି ପାରିନଥିଲା। ପୁଲିସ ଡାକବାଜି ଯନ୍ତ୍ର ଯୋଗେ ସେମାନଙ୍କୁ ଶାନ୍ତ କରିବାକୁ ବୁଝାଇଥିଲା। ମାତ୍ର ବୋମା ବିସ୍ଫୋରଣର ଶବ୍ଦ କମି ନଥିଲା। ତେଣୁ ପୁଲିସ ପଟିଆ ଓ କଳାରାହାଙ୍ଗର କିଛି ମୁରବି ଶ୍ରେଣୀୟ ଲୋକଙ୍କ ସହଯୋଗରେ ପଟିଆ ରେଳଷ୍ଟେସନ ପଟୁ ଗାଁକୁ ପଶିଥିଲା। ଏହା ଦେଖି ଉଭୟ ପକ୍ଷର ଲୋକେ ଛତ୍ରଭଙ୍ଗ ଦେଇଥିଲେ। ଗତବର୍ଷ ନଭେମ୍ବର ମାସରେ ଏଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୁଧ କାରବାରକୁ ନେଇ ଦୁଇ ପକ୍ଷ ମୁହାଁମୁହିଁ ହୋଇଥିଲେ ଏବଂ ପୁଲିସ ୨୦ ଜଣଙ୍କୁ ଗିରଫ କରିଥିଲା। ପରେପରେ ସେହି ମାସରେ ପୁଣି ବଡ଼ଧରଣ ଗୋଷ୍ଠୀ ସଂଘର୍ଷ ଘଟିଲା ଏବଂ ପୁଲିସ ପୁରୁଷ ମହିଳା ମିଶାଇ ୭୭ ଜଣଙ୍କୁ ବାନ୍ଧି ଜେଲ୍ ପଠାଇଥିଲା। ପରେ ଶାନ୍ତିକମିଟି ଜରିଆରେ ମାମଲାର ଆପୋସ ସମାଧାନ ହୋଇଥିଲା।

### ଭାରତୀୟ ବଜାର ଉପରକୁ ଫେରୁଛି ଆସ୍ଥା

# ଜୁଲାଇ ପ୍ରଥମ ସପ୍ତାହରେ ୭୯୬୨ କୋଟିର ଏଫ୍‌ପିଆଇ ନିବେଶ

**ମୁମ୍ବଇ,**

ଘରୋଇ ପୁଞ୍ଜି ବଜାରରେ ଲାଗିରହିଛି ଉତ୍ସାହ। ଭାରତୀୟ ବଜାର ଉପରୁ ଫେରିଛି ବିଦେଶୀ ନିବେଶକଙ୍କ ଆସ୍ଥା। ନ୍ୟାସନାଲ ସିକ୍ୟୁରିଟି ଡିପୋଜିଟୋରୀ ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍) ତଥ୍ୟ ଅନୁଯାୟୀ, ଜୁଲାଇ ପ୍ରଥମ ସପ୍ତାହରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ପିଆଇ) ଭାରତୀୟ ଷ୍ଟକ୍ ବଜାରରେ ୭୯୬୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହି ତଥ୍ୟ ଦର୍ଶାଉଛି ଯେ ଭାରତୀୟ ବଜାରରେ ଏଫ୍‌ପିଆଇମାନଙ୍କର ମୋଟ ବିନିଯୋଗ ରାଶି ମଧ୍ୟ ଚଳିତ ବର୍ଷ ୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି। ଏନ୍‌ଏସ୍‌ଡିଏଲ୍‌ର ତଥ୍ୟ ଅନୁଯାୟୀ ଏହି ସଂଖ୍ୟା ଅର୍ଥାତ୍ ନିବଶେ ପରିମାଣ ୧୦୩,୯୩୪ କୋଟି ଟଙ୍କା। ବର୍ତ୍ତମାନ ଘରୋଇ ପୁଞ୍ଜି ବଜାରରେ ଆଗକୁ କ'ଣ ଘଟି ସେଥିପାଇଁ ନିବେଶକମାନେ ଜୁଲାଇ ୨୩ ରେ ଆସିବାକୁ ଥିବା ସମ୍ପୂର୍ଣ୍ଣ ବଜେଟ୍ ଉପରେ ନଜର ରଖିଛନ୍ତି। ସଂସଦର ବଜେଟ୍ ଅଧିବେଶନ ୨୨ ଜୁଲାଇରୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜୁଲାଇ ୨୩ରେ ବଜେଟ୍ ଉପସ୍ଥାପନ କରିବେ। ବିଶ୍ୱର ଅନ୍ୟ ଉଦୀୟମାନ ବଜାରଗୁଡିକ ମଧ ଏହି ମାସରେ ଏଫ୍‌ପିଆଇର ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ପ୍ରବାହର ସାକ୍ଷୀ ହୋଇଥିଲେ। ଏହି ସମୟରେ ଇଣ୍ଡୋନେସିଆକୁ ୧୨୭ ନିୟୁତ ଡ଼ଲାରର ଏଫ୍‌ପିଆଇ ପୁଞ୍ଜି ପ୍ରବାହ ହୋଇଥିବାବେଳେ ମାଲେସିଆକୁ ୮୧ ନିୟୁତ ଡ଼ଲାର, ଫିଲିପାଇନ୍ସକୁ କେବଳ ୫ ନିୟୁତ ଡଲାର ଏବଂ ଦକ୍ଷିଣ କୋରିଆକୁ ଜୁଲାଇ ପ୍ରଥମ ସପ୍ତାହରେ ୯୨୭ ମିଲିୟନ ଡ଼ଲାରର ରେକର୍ଡ ପୁଞ୍ଜି ପ୍ରବାହ ହୋଇଥିଲା। ତେବେ ଥାଇଲ୍ୟାଣ୍ଡ ଏବଂ ଭିଏତନାମ୍‌ର ଇକ୍ୱିଟି ବଜାରରେ ଯଥାକ୍ରମେ ୬୯ ନିୟୁତ ଏବଂ ୬୮ ନିୟୁତ ଡଲାରର ପୁଞ୍ଜି ବର୍ହିଗମନ ଦେଖିବାକୁ ମିଳିଥିଲା।




ଆଗାମୀ ବଜେଟରେ ଅର୍ଥନୀତି, ବିଶେଷ କରି ଉତ୍ପାଦନ କ୍ଷେତ୍ର ପାଇଁ ସରକାରଙ୍କ ଦୃଢ଼ ସମର୍ଥନକୁ ନେଇ ବଜାର ଆଶାବାଦୀ ରହିଥିଲା। ଏ ସମ୍ପର୍କରେ କୋଟାକ୍ ସିକ୍ୟୁରିଟିଜର ଇକ୍ୱିଟି ରିସର୍ଚ୍ଚର ମୁଖ୍ୟ ଶ୍ରୀକାନ୍ତ ଚୌହାନ କହିଛନ୍ତି ଯେ ଏଫ୍‌ପିଆଇ ପ୍ରବାହ ଅସ୍ଥିର ରହିବ ବୋଲି ଆଶଙ୍କା କରାଯାଉଛି। ଏହାପୂର୍ବରୁ ଜୁନ୍ ମାସରେ, ଏଫ୍‌ପିଆଇମାନେ ଦୁଇ ମାସର ପୁଞ୍ଜି ପ୍ରତ୍ୟାହାର ପରେ ନେଟ୍ କ୍ରେତା ହୋଇଥିଲେ। ନିର୍ବାଚନ ଫଳାଫଳ ଘୋଷଣା ପରେ ମାସର ପ୍ରାରମ୍ଭରେ ବିକ୍ରି ପରେ ଏଫ୍‌ପିଆଇ ମାନେ ଜୁନ୍ ମାସରେ ଭାରତୀୟ ଇକ୍ୱିଟିରେ ୨୬,୫୬୫ କୋଟି ଟଙ୍କା ବିନିଯୋଗ କରିଥିଲେ। ଜୁଲାଇରେ ଆସୁଥିବା ସମ୍ପୂର୍ଣ୍ଣ ବଜେଟ୍ ଉପରେ ଏବେ ନିବେଶକମାନେ ନଜର ରଖିଛନ୍ତି । ଏହାପୂର୍ବରୁ ମେ ମାସରେ, ଏଫ୍‌ପିଆଇ ସେୟାର ବଜାରରୁ ୨୫,୫୮୬ କୋଟି ଟଙ୍କା ପ୍ରତ୍ୟାହାର କରିଥିବାବେଳେ ଏପ୍ରିଲରେ ଏଫ୍‌ପିଆଇ ୮୬୭୧ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିଲା।

# ନନ୍ଦନକାନନରୁ ଜଙ୍ଗଲକୁ ଯିବେ ୬୦୦ ଚିତ୍ରା ହରିଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ କୁଟୁରାଙ୍କୁ ଛଡ଼ାଯାଇଛି। ମୋଟ୍ ୨୫ଟି କୁଟୁରାଙ୍କୁ ରାଜଧାନୀ ଉପକଣ୍ଠ ଏହି ଅଭୟାରଣ୍ୟରେ ଛାଡ଼ିବାକୁ ଯୋଜନା ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬ଟି କୁଟୁରାଙ୍କୁ ନନ୍ଦନକାନନରୁ ଆଣି ଭରତପୁର ଜଙ୍ଗଲରେ ହୋଇଥିବା ସ୍ୱତନ୍ତ୍ର ଏନ୍‌କ୍ଲୋଜ୍‌ରେ ଛଡ଼ାଯାଇଛି। ସେଥିମଧ୍ୟରେ ୨ଟି ଅଣ୍ଡିରା ଓ ୪ଟି ମାଈ କୁଟୁରା। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଭିତରୁ ସେମାନଙ୍କୁ ୬ଟି ଅଲଗା ଅଲଗା ବାକ୍ସରେ ପୂରାଇ ଭରତପୁର ଜଙ୍ଗଲକୁ ଅଣାଯାଇଥିଲା। ବନ କର୍ମଚାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କୁଟୁରାଗୁଡ଼ିକ ପହଞ୍ଚିବା ପରେ ଗୋଟିଏ ପରେ ଗୋଟିଏ ବକ୍ସକୁ ଖୋଲାଯାଇଥିଲା। ଏହାପରେ କୁଟୁରାଗୁଡ଼ିକ ଜଙ୍ଗଲକୁ ଚାଲିଯାଇଥିଲେ। ଅପରାହ୍ନରୁ ଆରମ୍ଭ ହୋଇଥିବା କୁଟୁରା ଛାଡ଼ିବା ପ୍ରକ୍ରିୟା ସନ୍ଧ୍ୟାରେ ଶେଷ ହୋଇଥିଲା। ଆସନ୍ତା ଦୁଇରୁ ତିନି ମାସ ଯାଏଁ ସେମାନେ ଏହି ଏନ୍‌କ୍ଲୋଜରରେ ରହିବେ। କୁଟୁରାଙ୍କ ପାଇଁ ଜଙ୍ଗଲରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ପର୍ଯ୍ୟାପ୍ତ ଖାଦ୍ୟ ବ୍ୟବସ୍ଥା କରାଯିବା ସହ ସ୍ୱତନ୍ତ୍ର ଗୃହ କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟର ତଦାରଖ ପାଇଁ ଏକ ଡାକ୍ତରୀ ଦଳ ନଜର ରଖିବେ। ଚିଡ଼ିଆଖାନାରୁ ଅଣାଯାଇ ସେମାନଙ୍କୁ ଜଙ୍ଗଲୀ ପରିବେଶରେ ଛଡ଼ାଯାଉଥିବାରୁ ସେମାନଙ୍କ ସୁରକ୍ଷା ବନ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଚିତ୍ରା ହରିଣ ବଂଶ ବୃଦ୍ଧି ପାଉଥିବାରୁ ସେମାନଙ୍କୁ ବିଭିନ୍ନ ଜଙ୍ଗଲକୁ ସ୍ଥାନାନ୍ତର କରିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିଷ୍ପତ୍ତି ନେଇଛି। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍‌ଏ)ଙ୍କ ଅନୁମୋଦନ ପରେ ୬୦୦ ଚିତ୍ରା ହରିଣଙ୍କୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଛାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଛି। ନନ୍ଦନକାନନର ୨୦୦ ଚିତ୍ରା ହରିଣଙ୍କୁ ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯିବ। ଜୁଲାଇ ୩୧ ସୁଦ୍ଧା ପର୍ଯ୍ୟାୟକ୍ରମେ ଚିତ୍ରା ହରିଣଗୁଡ଼ିକୁ ସ୍ଥାନାନ୍ତର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଠାରେ ଥିବା ଆଉ ୨୦୦ ଚିତ୍ରା ହରିଣଙ୍କୁ କୁଲଡ଼ିଆ ଅଭୟାରଣ୍ୟକୁ ପଠାଯିବ। ଅଗଷ୍ଟ ୨୦ ସୁଦ୍ଧା ଏହି ସ୍ଥାନାନ୍ତର ପ୍ରକ୍ରିୟା ଶେଷ କରିବାକୁ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କୁ କୁହାଯାଇଛି। ସେହିପରି ନନ୍ଦନକାନନରୁ ୧୦୦ ଚିତ୍ରା ହରିଣଙ୍କୁ ଅଗଷ୍ଟ ୨୦ ସୁଦ୍ଧା ଖଣ୍ଡାଧାର ସଂରକ୍ଷିତ ଜଙ୍ଗଲରେ ଛଡ଼ାଯିବ। କେବଳ ଚିତ୍ରା ହରିଣ ନୁହେଁ, ୩୦ଟି ମଗରଙ୍କୁ ନଭେମ୍ବର ୧୫ ସୁଦ୍ଧା ନନ୍ଦନକାନନରୁ ଶିମିଳିପାଳ ଅଭୟାରଣ୍ୟକୁ ସ୍ଥାନାନ୍ତର କରାଯିବ। ଇତିମଧ୍ୟରେ ନନ୍ଦନକାନନରୁ ୧୦ଟି କୃଷ୍ଣସାର ମୃଗଙ୍କୁ ପ୍ରଥମ ପର୍ଯ୍ୟାୟରେ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯାଇ ସାରିଛି। ରାଜ୍ୟର ଏହି ପ୍ରମୁଖ ଚିଡ଼ିଆଖାନାରେ ବଢୁଥିବା ବନ୍ୟପ୍ରାଣୀଙ୍କୁ ସ୍ଥାନାନ୍ତର କରାଯିବା ପରେ ଜଙ୍ଗଲଗୁଡ଼ିକରେ ବନ୍ୟପ୍ରାଣୀଙ୍କ ସଂଖ୍ୟା ବଢ଼ିବ ବୋଲି ବନ ବିଭାଗ ଆଶାପ୍ରକଟ କରିଛି।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୮।୭।୨୦୨୪, ଆଷାଢ ଦି୨୪ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୦୫।୧୩।୫୦ **ଚନ୍ଦ୍ରୋଦୟ-** ପ୍ରାଘ୭।୦୯।୨୨

**ତୃତୀୟା-** ଅହୋରାତ୍ର। **ପୁଷ୍ୟା ନକ୍ଷତ୍ର ମଳ-** ପ୍ରାଘ ୬।୦୩ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୮ ଗତେ ଘ ୧୦।୩୨ ମଧ୍ୟେ । ଦିଘ ୯।୨୦ ଗତେ ଘ ୧୦।୩୦ ମଧ୍ୟେ। **ପର୍ବୋତ୍ସବ-** ବାରିପଦା, ଯାଜପୁର ଓ କେନ୍ଦ୍ରାପଡ଼ାରେ ରଥ ଚାଳନା ।



**ମେଷ:** ଇଚ୍ଛା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତିର ସମ୍ଭାବନା। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି। ମହିଳାମାନେ ସୁଖୀ ହେବେ।



**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭକରି ଉପକୃତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ। ଶରୀର ସୁସ୍ଥ ରହିବ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ। ଶୁଭ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟ ସ୍ଥିର ରହିବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ। ପରୋପକାରୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା।



**ସିଂହ:** ହଠାତ୍ କୌଣସି ଘଟଣାକୁ ନେଇ ମାନସିକ ଅଶାନ୍ତି ଦେଖାଦେଇପାରେ। ମନ ଅସ୍ଥିର ରହିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ କଳହ ଦେଖା ଦେବାର ସୂଚନା ରହୁଛି।



**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ। ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ସ୍ଥିର କରିପାରନ୍ତି। ରୋଜଗାରରେ ଉନ୍ନତି ଦେଖାଦେବ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଲାଭ ହେବାର ସମ୍ଭାବନା।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆସବିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୯।୭।୨୦୨୪, ଆଷାଢ ଦି୨୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୦୫।୧୪।୧୧ **ଚନ୍ଦ୍ରୋଦୟ-** ଦିଘ ୮।୦୩।୨୦

**ତୃତୀୟା ମଳ-** ପ୍ରାଘ ୬।୦୯ ପର୍ଯ୍ୟନ୍ତ, **ଅଶ୍ଳେଷାନକ୍ଷତ୍ର-** ପ୍ରାଘ ୭।୫୩ ପର୍ଯ୍ୟନ୍ତ, । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ପ୍ରାଘ ୭।୫୩ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର- ପ୍ରାଘ ୭।୫୩ ଗତେ କର୍କଟ ଓ ମକର ରାଶି। ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ପୋଟ, ପ୍ରାଘ ୬।୦୯ ପରେ ମୂଳା ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୧୭ ଗତେ ଘ ୬।୫୬ ମଧ୍ୟେ, ଦିଘ ୬।୪୦ ଗତେ ଘ ୧୨।୧୮ ମଧ୍ୟେ। **ପର୍ବୋତ୍ସବ-** ବିପତ୍ତାରିଣୀ ବ୍ରତ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ନିଯୁକ୍ତି ହଟ୍‌ସ୍ପଟ୍ ତାଲିକାରେ ଓଡ଼ିଶା

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି। ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି ।

ମାଇଁ ଆରକ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡ୍ରୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି। ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି। ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍‌ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା। ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା। ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା।

ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କଂପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେସ୍ତୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି। ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି। ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି।

# ରଥ ପଥ ଜଗନ୍ନାଥ



ରାଜସ୍ମିତା ବାରିକ୍
ନୀଳଗିରି

ସନାତନ ଧର୍ମରେ ପର୍ବପର୍ବାଣୀର ବିଶେଷ ମହତ୍ତ୍ୱ ରହିଛି। ଜଗନ୍ନାଥଙ୍କର ଏହି ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୋଇଥାଏ । ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣ ସଦୃଶ । କୋଟି ଓଡ଼ିଆଙ୍କର ଆରାଧ୍ୟ ଦେବତା। ମହାପ୍ରଭୁ ଜଗନ୍ନାଥଙ୍କର ଏହା ଏକ ବଡ ପର୍ବ। ମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରାର ମଧ୍ୟରେ ପ୍ରଧାନ । ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ନାମିତ । ପୌରାଣିକ ଅନୁସାରେ ଜାରା ଶବର ଶରରେ ପ୍ରାଣ ଛାଡ଼ିଲେ ଶ୍ରୀକୃଷ୍ଣ। ଶ୍ରୀକୃଷ୍ଣଙ୍କର ଏହି ମୃତ ଶରୀରକୁ ପାଣ୍ଡବମାନେ ଦାହ କରିବା ପାଇଁ ନେଇଥିଲେ କିନ୍ତୁ ବିଫଳ ହେଲେ । କାରଣ ଅଗ୍ନିର ଦାହିକା ଶକ୍ତି ନିକଟରେ ଶ୍ରୀକୃଷ୍ଣଙ୍କର ପୂର୍ଣ୍ଣବ୍ରହ୍ମକୁ ପଞ୍ଚଭୂତରେ ବିଲୀନ କରିବାର ସାମର୍ଥ୍ୟ ନ ଥିଲା । ପାଣ୍ଡବ ମାନଙ୍କୁ ଶୂନ୍ୟବାଣୀ ହୋଇଥିଲା କୃଷ୍ଣଙ୍କର ନାଭିକମଳ ଅଗ୍ନିରେ ଭସ୍ମ ହେବନାହିଁ । ତୁମେମାନେ ତାହାକୁ ମହୋଦଧିରେ ବିସର୍ଜନ କରିଦିଅ ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁରୂପରେ ବାଙ୍କୀ ମୁହାଣରେ ଆବିର୍ଭାବ ହେଲା । ସମୁଦ୍ରରେ ଭାସୁଥିବା ସେହି ଦାରୁକୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ । ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ତିଆରି କଲେ। ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନହେବା ଯାଏ ଦ୍ୱାର ଖୋଲାଯିବ ନାହିଁ । ମାତ୍ର ପନ୍ଦର ଦିନ ପରେ ଦ୍ୱାର ଖୋଲାଗଲା ମୂର୍ତ୍ତିନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ। ଅଧାଗଢା ମୂର୍ତ୍ତି ରହିଗଲା ଅଧାଗଢ଼ା ମୂର୍ତ୍ତିକୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା । ସେହି ସମୟରେ ମହାପ୍ରଭୁ ରାଜାଙ୍କୁ କହିଥିଲେ ହେ ରାଜା ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବ। ସେଥିପାଇଁ ମହାପ୍ରଭୁ ଗୁଣ୍ଡିଚା ଘରକୁ ବୁଲି ଯାଆନ୍ତି ଓ ବାହୁଡ଼ନ୍ତି। ତିନି ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ । ତା ପରଦିନଠାରୁ ନିର୍ମାଣ ଆରମ୍ଭ ହୋଇ ନେତ୍ରୋତ୍ସବ ଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥାଏ। ଶିଳ୍ପ ଶାସ୍ତ୍ରୀୟ ପଦ୍ଧତିରେ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନିମ୍ବ କାଠରେ ମୋଟ ୨୭ ଗୋଟି ପାର୍ଶ୍ୱ ଦେବାଦେବୀଙ୍କର ବିଗ୍ରହ ନିର୍ମାଣ କରାଯାଇଥାଏ। ରଥଯାତ୍ରାର ଦୁଇ ଦିନ ପୂର୍ବରୁ ପ୍ରତି ରଥରେ ନଅ ମୂର୍ତ୍ତି ଲେଖାଏଁ ପାର୍ଶ୍ୱ ଦେବତାଙ୍କୁ ଅଧିଷ୍ଠିତ କରାଯାଇଥାଏ। ନନ୍ଦିଘୋଷ ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି । ଏହି ରଥର ସାରଥି ଦାରୁକ । ନନ୍ଦିଘୋଷ ରଥର ଦଉଡ଼ିକୁ ଶଙ୍ଖଚୂଡ଼ କୁହାଯାଏ । ପରମ୍ପରା ଅନୁସାରେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ ଏହି ଧଳାରଙ୍ଗର ଚାରୋଟି ଘୋଡ଼ା ରଥରେ ସ୍ଥାପନ କରାଯାଇଥାଏ। ଏହି ରଥରେ ୧୬ ଟି ଚକ ସଂଯୁକ୍ତ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ ରଥର ପତାକାରେ ଗରୁଡ଼ ଚିହ୍ନ ରହିଥାଏ। ନାଲି ଓ ହଳଦିଆ ରଙ୍ଗର କପଡ଼ାରେ ଏହି ରଥକୁ ଆବରଣ କରାଯାଏ ।

ବଳଭଦ୍ରଙ୍କ ରଥକୁ ତାଳଧ୍ୱଜ ବା ଲଙ୍ଗଳ ଧ୍ୱଜ ବୋଲି କୁହାଯାଏ। ଏହି ରଥରେ ବଳଭଦ୍ରଙ୍କ ସହ ରାମକୃଷ୍ଣ ବିଜେ କରିଥାନ୍ତି । ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ । ବଳଭଦ୍ରଙ୍କ ରଥର ସାରଥି ମାତଳୀ । ଏହି ରଥର ଦଉଡ଼ିକୁ ବାସୁକୀ କୁହାଯାଇଥାଏ। ଏହି ରଥର ଦଧିନଉତିକୁ ହିରଣ୍ମୟୀ କୁହାଯାଏ। ଏହି ରଥରେ କଳା ରଙ୍ଗର ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ ନାମକ ଚାରୋଟି ଘୋଡ଼ା ସ୍ଥାପନ କରାଯାଏ । ଏହି ରଥର ଧ୍ୱଜାରେ ଲକ୍ଷ୍ମୀନୃସିଂହ ଚିହ୍ନ ରହିଥାଏ। ନାଲି ଓ ସବୁଜ ରଙ୍ଗର କପଡ଼ାରେ ଏହି ରଥକୁ ଆବରଣ କରାଯାଏ। ସୁଭଦ୍ରାଙ୍କ ରଥକୁ 'ଦର୍ପଦଳନ', 'ପଦ୍ମଧ୍ୱଜ' ବା 'ଦେବଦଳନ' କୁହାଯାଏ। ଏହି ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି । ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ। ଏହି ରଥର ସାରଥି ଅର୍ଜୁନ ଅଟନ୍ତି ।ଏହି ରଥର ଦଉଡ଼ିକୁ ସ୍ୱର୍ଣ୍ଣଚୁଡ କୁହାଯାଏ। ଏହି ରଥର ଧ୍ୱଜାରେ ଜୟଦୁର୍ଗାଙ୍କ ମୂର୍ତ୍ତି ରହିଥାଏ । ଏହି ରଥରେ ରୋଚିକା, ମୋଚିକା, ଜିତା, ଅପରାଜିତା ନାଳିରଙ୍ଗର ଚାରୋଟି ଘୋଡ଼ା ସ୍ଥାପନ କରାଯାଏ । ମହାପ୍ରଭୁ ଜଗନ୍ନାଥଙ୍କର ଏହି ରଥଯାତ୍ରା ନଅ ଦିନ ଧରି ପାଳିତ ହୁଏ । ଘୋଷଯାତ୍ରା, ଆଡ଼ପମଣ୍ଡପ ଯାତ୍ରା, ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ ଯାତ୍ରା, ନବଦିନାତ୍ମକ ଯାତ୍ରା, ଗୁଣ୍ଡିଚା ଯାତ୍ରା ହୋଇଥାଏ। ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି। ଏକାଦଶୀରେ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ। ଏହି ପରମ୍ପରା ଦୀର୍ଘ ବର୍ଷ ଧରି ହୋଇ ଆସୁଅଛି। ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଆସିଲେ ଲକ୍ଷ୍ମୀ ଠାକୁରାଣୀଙ୍କ ସହିତ ଭେଟ ହୋଇଥାଏ । ଏହି ସମୟରେ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଯାଏ । ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ।ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ରସଗୋଲା ଭୋଗ ହୋଇଥାଏ। ମହାପ୍ରଭୁ ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମାନ ଭଞ୍ଜନ କରିଥାନ୍ତି।

# ମହାପ୍ରଭୁଙ୍କ ପଦ୍ମବେଶ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ମହାପ୍ରଭୁ ଜଗନ୍ନଥ ହେଉଛନ୍ତି ଦେବାଧିରାଜ ଓ ରାଜାଧିରାଜ । ଓଡିଶାର ବାର ମାସରେ ତେର ପର୍ବ ପରି ଶ୍ରୀମନ୍ଦିରରେ ପାଳିତ ଅନେକ ରୀତିନୀତି,ଉତ୍ସବ,ଅନୁଷ୍ଠାନ। ତାଙ୍କର ଦୈନନ୍ଦିନ ନୀତିକାନ୍ତି ଓ ପର୍ବପର୍ବାଣୀରେ ମଣିଷ ସୁଲଭ ଚଳଣି ସହିତ ରାଜକୀୟ ଠାଣି ପରିଲକ୍ଷିତ ହୁଏ। କିନ୍ତୁ ଏସବୁର ରହସ୍ୟ ଭେଦ କରିବା ସାମାନ୍ୟ ମଣିଷ କାହିଁକି ଦେବତାଙ୍କ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ । ବଡ ଠାକୁର ଯେପରି ଖାଦ୍ୟ ପ୍ରିୟ ସେପରି ଫୁଲ ପ୍ରିୟ। ପଦ୍ମ ଫୁଲ ପ୍ରତି ତାଙ୍କର ଶ୍ରଦ୍ଧା। ପଦ୍ମ ଏପରି ଏକ ଫୁଲ ଯାହାର ବର୍ଣ୍ଣନା ପୁରାଣ ଓ କାହାଣୀରେ ଦେଖିବାକୁ ମିଳେ । ପଙ୍କରୁ ଉତ୍ପନ୍ନ ଫୁଲକୁ ପଦ୍ମ କୁହାଯାଏ । ପଦ୍ମ ଫୁଲକୁ ପବିତ୍ର, ପୂଜନୀୟ, ଶାନ୍ତି, ସମୃଦ୍ଧି ଏବଂ ସୌନ୍ଦର୍ଯ୍ୟର ପ୍ରତୀକ ରୂପେ ବିବେଚନା କରାଯାଏ। ହିନ୍ଦୁ ବିଶ୍ୱାସରେ ଦେବୀ ମହାଲକ୍ଷ୍ମୀଙ୍କର ଏହା ପ୍ରିୟ ପୁଷ୍ପ। ତେବେ ଦାରୁବ୍ରହ୍ମଙ୍କ ଆକର୍ଷଣୀୟ ବେଶଗୁଡିକ ମଧ୍ୟରୁ ପଦ୍ମ ବେଶ ଅନ୍ୟତମ । ସୌନ୍ଦର୍ଯ୍ୟ, ସାଧନା, ପବିତ୍ରତା, ଧ୍ୟାନ, ଜ୍ଞାନ, କର୍ମ, ଭକ୍ତି, ଭାବ ଓ ବୈରାଗ୍ୟର ପ୍ରତୀକ ଭାବେ ପଦ୍ମ ବେଶ ଅନ୍ୟତମ । ପବିତ୍ର ମାଘ ମାସ ଅମାବାସ୍ୟା ଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ଶ୍ରୀଜୀଉଙ୍କୁ ପଦ୍ମବେଶ କରାଯାଏ । ଶ୍ରୀମନ୍ଦିର ରତ୍ନ ସିଂହାସନରେ ଆକର୍ଷଣୀୟ ପଦ୍ମ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ଦାରୁବ୍ରହ୍ମ। ଶୀତ ଋତୁରେ ପଦ୍ମ ଫୁଲ ଫୁଟିବା ସମ୍ଭବ ହେଉନଥିବାରୁ ସୋଲ ନିର୍ମିତ ପଦ୍ମ ଫୁଲରେ ଶ୍ରୀଜୀଉମାନଙ୍କୁ ଏହି ବେଶରେ ସଜ୍ଜିତ କରାଯାଇଥାଏ ବୋଲି କିମ୍ବଦନ୍ତୀ ରହିଛି । ପଞ୍ଚୁ ପୂର୍ଣ୍ଣିମା ଠାରୁ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଏ । ସତ୍ତ୍ୱଲିପି ଅନୁସାରେ ସିଂହଦ୍ୱାର ସଂଲଗ୍ନ ବଡଛତା ମଠ ତରଫରୁ ଏହି ବେଶ ନିର୍ମାଣ ଓ ଖର୍ଚ୍ଚ ବହନ ହୋଯାଇଥାଏ। ବେଶ ପାଇଁ ଆବଶ୍ୟକ ସୋଲ, ଜରି, କଇଁଥ ଅଠା, କନା, ବେତ, ବାଉଁଶ, ସନ୍ତରା ଆଦି ମଠ ତରଫରୁ ଯୋଗାଇ ଦିଆଯାଇଥାଏ । ପଦ୍ମ ଫୁଲଠୁ ନେଇ ପଦ୍ମ ପାଖୁଡା, ପଦ୍ମ କେଶର, ଆମ୍ବ କଷି, ଡାଳି, ସାତଟି ଗଛ, ସାତଟି ସିଂହାସନ, ତିନିଟି ଶ୍ରୀମୁଖ ପଦ୍ମ , ତିନିଟି ବଡ ଚୂଳ ସବୁକିଛି ସୋଲ ଓ ଜରିରେ ପ୍ରସ୍ତୁତ ହୁଏ। କାରିଗରମାନେ ହବିଷ୍ୟ ପାଳନ ପୂର୍ବକ ଦୀର୍ଘ ଦେଢ ମାସ ଧରି ଏହି ବେଶ କାର୍ଯ୍ୟ କରିଥାନ୍ତି। ପ୍ରାୟ ତିନି ଶହ ବର୍ଷ ତଳେ ସପ୍ତଦଶ ଶତାବ୍ଦୀରେ ମହନ୍ତ ରଘୁବର ଦାସ ଏହି ବେଶ ଆରମ୍ଭ କରିଥିଲେ । କିମ୍ବଦନ୍ତୀ ଅନୁସାରେ ହିନ୍ଦି ଭାଷି ସାଧୁ ମନୋହର ଦାସ ବହୁ ଦୂରରୁ ଚାଲିଚାଲି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ । କ୍ଲାନ୍ତ ହୋଇ ତୃଷାର୍ତ୍ତ ଅବସ୍ଥାରେ ଏକ ପୋଖରୀ ନିକଟରେ ଅଟକିଥିଲେ। ପୁଷ୍କରିଣୀରେ ପଦ୍ମ ଫୁଲ ଫୁଟିଥିବା ଦେଖି ଏସବୁ ଜଗନ୍ନାଥଙ୍କ ଇଚ୍ଛାରେ ହୋଇଥିବା ଭାବି ସେ ପଦ୍ମଫୁଲ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ତୋଳିଥିଲେ । ଏକ ଗାମୁଛାରେ ପଦ୍ମଫୁଲଗୁଡିକୁ ଧରି ସେ ଶ୍ରୀମନ୍ଦିରରେ ପହଞ୍ଚିଲେ । ସେଦିନ ମାଘ ମାସ ଅମାବାସ୍ୟା ତିଥି ଥିଲା । ଗରୁଡ ସ୍ତମ୍ଭ ନିକଟରେ ଛିଡା ହୋଇ ମନୋହର ପ୍ରଭୁଙ୍କୁ ଦର୍ଶନ କରିବା ସହ ଭାବ ବିହ୍ୱଳ ହୋଇ ପଡିଲେ । ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଆଣିଥିବା ପଦ୍ମ ଫୁଲଗୁଡିକୁ ଲାଗି କରିବା ପାଇଁ ଜଣେ ପଣ୍ଡାଙ୍କୁ ସେ ଅନୁରୋଧ କରିଥିଲେ। ମଇଳା ଗାମୁଛାରେ ପଦ୍ମ ଫୁଲ ରହିଥିବା ଦେଖି ସେବାୟତ ବିରକ୍ତି ପ୍ରକାଶ କରିବା ସହ ସେସବୁକୁ ଫିଙ୍ଗି ଦେଇଥିଲେ । ସେଥିରେ ଅପମାନିତ ହୋଇ ସାଧୁ ମନୋହର ପଦ୍ମଫୁଲଗୁଡିକୁ ପୁଣି ଥରେ ଗାମୁଛାରେ ଧରି ଫେରୁଥିବା ବେଳେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟସ୍ଥ ବଡଛତା ମଠ ନିକଟରେ ଶ୍ରୀମନ୍ଦିରରୁ ବାହାରି ବଡ ଛତା ମଠ ନିକଟରେ ପ୍ରଭୁଙ୍କୁ ସ୍ମରଣ କରି ମୂର୍ଚ୍ଛିତ ହୋଇଥିଲେ । ଭକ୍ତବତ୍ସଳ ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଭାବାବେଗ ବୁଝି ପାରିଥିଲେ । ସେହିଦିନ ରାତିରେ ମନୋହରଙ୍କ ପଦ୍ମ ଫୁଲରେ ତାଙ୍କୁ ବେଶ କରିବା ପାଇଁ ଗଜପତି ମହାରାଜଙ୍କୁ ସ୍ୱପ୍ନାଦେଶ କରିଥିଲେ। ବଡସିଂହାର ବେଶରେ ଠାକୁରଙ୍କୁ ପଦ୍ମ ବେଶ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସ୍ୱପ୍ନାଦେଶ ପାଇ ଗଜପତି ମହାରାଜା ତତ୍‌କ୍ଷଣାତ ସିଂହଦ୍ୱାର ନିକଟକୁ ଯାଇ ସାଧୁ ମନୋହରଙ୍କ ଠାରୁ ପଦ୍ମ ଫୁଲ ଗ୍ରହଣ କରିଥିଲେ। ସେତେବେଳକୁ ଫୁଲର ପାଖୁଡାଗୁଡିକ ଶୁଖି ଯାଇଥାଏ। ସେବକମାନେ ଶୁଖିଲା ଫୁଲଗୁଡିକ ଲାଗିକରିବା ପରେ ସେଗୁଡିକ ସତେଜ ହୋଇ ସଦ୍ୟ ପ୍ରସ୍ଫୁଟିତ ହୋଇଥିବା ଭଳି ଦୃଶ୍ୟମାନ ହେଲା । ଏହା ଦେଖି ସେବକମାନେ ସାଧୁ ମନୋହରଙ୍କୁ ରତ୍ନ ସିଂହାସନ ନିକଟକୁ ପାଛୋଟି ନେଲେ । ମହାପ୍ରଭୁଙ୍କୁ ପଦ୍ମ ବେଶରେ ଦେଖି ସାଧୁ ଜଣକ ବିମୋହିତ ହେଲେ। ସେଦିନ ଥିଲା ମାଘ ପ୍ରତିପଦ ଓ ବସନ୍ତ ପଞ୍ଚମୀ ମଧ୍ୟବର୍ତ୍ତୀ ବୁଧବାର । ସେହି ସ୍ମୃତିକୁ ମନେ ରଖିବା ପାଇଁ ଏବେ ବି ମାଘ ମାସର ଶୁକ୍ଳ ପକ୍ଷ ପ୍ରତିପଦ ଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଦ୍ମ ବେଶ କରାଯାଉଛି । ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ସରି ରାତିରେ ଚନ୍ଦନ ଲାଗି ପରେ ଏହି ବେଶ ଅନୁଷ୍ଠିତ ହୁଏ। ବେଶ ପରେ ଶ୍ରୀଜୀଉମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖିରି ଓ ଅମାଲୁ ଭୋଗ ଲାଗି ହୁଏ । ବର୍ଷକ ଭିତରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡସିଂହାର ବେଶ ହୁଏ ନାହିଁ। ପଦ୍ମ ବେଶରେ ପହୁଡ ହୁଅନ୍ତି ମହାପ୍ରଭୁ। ପରଦିନ ମଙ୍ଗଳ ଆଳତି ପରେ ଭକ୍ତମାନେ ସାହାଣ ମେଳାରେ ସିଂହାସନ ନିକଟକୁ ଯାଇ ଏହି ମନଲୋଭା ବେଶ ଦର୍ଶନ କରିଥାନ୍ତି। ପରଂବ୍ରହ୍ମଙ୍କ ଏହି ଆକର୍ଷଣୀୟ ବେଶ ଦର୍ଶନ କରି ବିଭୋର ହୁଅନ୍ତି ଭକ୍ତ ।

# ଶ୍ରୀ ଗୁଣ୍ଡିଚା ରଥ ଯାତ୍ରାର ପୃଷ୍ଠଭୂମି



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ରଥ ହିଁ ବେଦର ପ୍ରାଚୀନତମ ଯାନ ଅଟେ ଓ ରଥଯାତ୍ରା ହିନ୍ଦୁ ବୈଦିକ ସଂସ୍କୃତିର ଏକ ବଳିଷ୍ଠ ଅଙ୍ଗ। ଅତଏବ ବେଦବିଗ୍ରହ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହିଁ ସ୍ୱୟଂ ଏହି ପ୍ରାଚୀନତାର ପ୍ରମାଣ ଫଳକ। ବାସ୍ତବରେ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଲିଖିତ ଫାହିୟାନଙ୍କ 'ଭାରତ ଭ୍ରମଣ ବିବରଣୀ' ଉପରେ ଆସ୍ଥା ସ୍ଥାପନ କରି ଡଃ ରାଜେନ୍ଦ୍ର ଲାଲ ମିତ୍ର "Antiquities of Orissa Vol-ii" ରେ ବର୍ଣ୍ଣନା କରିଛନ୍ତି ଯେ ଗୌତମ ବୁଦ୍ଧଙ୍କ ଜନ୍ମୋତ୍ସବ ଉପଲକ୍ଷେ ଅନୁଷ୍ଠିତ ପ୍ରଥମ ରଥ ଯାତ୍ରାର ସ୍ମୃତିରେ ବୁଦ୍ଧଦନ୍ତ ଗର୍ଭିତ ବୌଦ୍ଧବତାର ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା। ହେଉଅଛି । ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ବୁଦ୍ଧ ଜନ୍ମୋତ୍ସବର ଏକ ସଚେତନ ଅନୁକୃତି ବୋଲି ଓ୍ୱିଲିୟମ ହଣ୍ଟର'ର ଓ ଫର୍ଗୁସନ ପ୍ରଭୃତି ପାଶ୍ଚାତ୍ୟ ବିଶେଷଜ୍ଞମାନେ ମଧ୍ୟ ମତ ପ୍ରଦାନ କରିଛନ୍ତି। 'ବୌଦ୍ଧଜାତକ' ଅନୁସାରେ ପ୍ରବ୍ରର୍ଜା ଗ୍ରହଣ ପୂର୍ବରୁ ଗୌତମ ରଥାରୋହଣ ପୂର୍ବକ ପ୍ରମୋଦ ଯାତ୍ରା (ଉଦ୍ୟାନ ଭ୍ରମଣ) କରିଥିଲେ। ବୁଦ୍ଧଜୀବର ଏହି ପବିତ୍ର ସ୍ମୃତିରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ହେଉଅଛି ବୋଲି ଇଞ୍ଜିନିୟର ବିକ୍ଷନ ସ୍ୱରୂପଙ୍କ ମତ। ମାତ୍ର ତାଙ୍କ ରଚିତ ଇଂରାଜୀ ଗ୍ରନ୍ଥ 'କୋଣାର୍କ' ଗୌତମଙ୍କ ପ୍ରବ୍ରର୍ଜ୍ୟା ସମୟ ଆସାଲ୍‌ହି (Ashalhi) ପୂର୍ଣ୍ଣିମାକୁ ଫାଲଗୁନ ବା ଚୈତ୍ର ପୂର୍ଣ୍ଣିମା ବୋଲି ନିର୍ଦ୍ଧାରଣ କରି ଆଷାଢ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ପୂର୍ଣ୍ଣିମା ଠାରୁ ଗିରିଗୁହା ଅଭିମୁଖେ ଗମନ କରି ସେଠାରେ ଚାରିମାସ ଅବସ୍ଥାନ କରିବା ପରେ କାର୍ତ୍ତିକ ପୂର୍ଣ୍ଣିମାରେ ବିହାର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ପ୍ରୋକ୍ତ ଚାତୁର୍ମାସ୍ୟା ବ୍ରତ ପାଳନ ନିମିତ୍ତ ଆଚରିତ ପ୍ରଥାକୁ 'ଯାତ୍ରା' କୁହାଯାଏ। ତାହାର ସ୍ମୃତ୍ୟର୍ଥେ ପ୍ରାକ୍ ବର୍ଷାକାଳୀନ ଆଷାଢରେ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଉପଯୁକ୍ତ ବୌଦ୍ଧଯାତ୍ରା ଉପରେ ଆଧାରିତ ବୋଲି ଅନେକଙ୍କର ମତ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖୋଦିତ କେତେକ ଭାସ୍କର୍ଯ୍ୟରେ ସୂର୍ଯ୍ୟରଥ ଯାତ୍ରାର ପ୍ରମାଣ ମିଳିଥାଏ। ଡଃ ରାଜବଲ୍ଲି ପାଣ୍ଡେଙ୍କ ମତରେ ଉକ୍ତ ସୌର ରଥଯାତ୍ରାର ପ୍ରଭାବରେ ସୂର୍ଯ୍ୟରୂପୀ ବାମନ (ଶ୍ରୀଜଗନ୍ନାଥ)ଙ୍କର ରଥଯାତ୍ରା ହୋଇଥିବା ସମ୍ଭବ। ପୁନଶ୍ଚ 'ଧର୍ମସିନ୍ଧୁ' ରଚୟିତା କାଶିନାଥ ଉପାଧ୍ୟାୟ ଶ୍ରୀଗୁଣ୍ଡିଚା ରଥଯାତ୍ରାକୁ 'ରାମରଥଯାତ୍ରା' ବୋଲି ଅଭିହିତ କରି କହିଛନ୍ତି:- " ଆଷାଢ ଶୁକ୍ଳ ଦ୍ୱିତୀୟାଂ ପୁଷ୍ୟାନକ୍ଷତ୍ର ଯୁତାୟାଂ / କେବଳାୟାଂ ବା ଶ୍ରୀ ରାମସ୍ୟ ରଥୋତ୍ସବଂ ସମାଚରେତ୍ "। ସର୍ବୋପରି ବ୍ରହ୍ମବାଦୀମାନଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ବ୍ରହ୍ମାଣ୍ଡ ମଧ୍ୟରେ ବ୍ରହ୍ମର ଏକ ବାହ୍ୟିକ ଲିଳାମାତ୍ର । ବର୍ଷାର ପ୍ରଥମ ଆଗମନ କାଳରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏକ Fertility rite ରୂପେ ପାଳିତ ହୋଇଥାଏ ବୋଲି ସଚ୍ଚିଦାନନ୍ଦ ମିଶ୍ର 'ଝଙ୍କାର' ପୃଷ୍ଠାରେ ମତ ପ୍ରଦାନ କରିଛନ୍ତି। ବୈଷ୍ଣବୀୟ ଚିନ୍ତନରେ ବ୍ରଜବାସୀ ଭକ୍ତଗଣ ଶ୍ରୀକୃଷ୍ଣଙ୍କ ମଥୁରା ଯାତ୍ରାର ପ୍ରତୀକ ଭାବରେ ପରବର୍ତ୍ତୀ କାଳରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରବର୍ତ୍ତିତ ହୋଇଅଛି। ଏକ ପୌରାଣିକ ଆଖ୍ୟାୟିକା ଅନୁଯାୟୀ ଏକଦା ସୂର୍ଯ୍ୟପରାଗ ଅବସରରେ ଗୋପୀମାନେ କୁରୁକ୍ଷେତ୍ରରେ ସ୍ୱଳ୍ପ ସମୟ ପାଇଁ ଶ୍ରୀକୃଷ୍ଣ ଦର୍ଶନ ସୁଯୋଗ ଲାଭ କରିଥିଲେ। କିନ୍ତୁ ଏତାଦୃଶ କ୍ଷଣିକ ଦର୍ଶନରେ କୃଷ୍ଣଗତପ୍ରାଣା ଗୋପାଙ୍ଗନାମାନେ ପରିତୃପ୍ତ ହୁଅନ୍ତେ ବା କିପରି ? ସେମାନଙ୍କ ଅନୁରୋଧରେ ଶ୍ରୀକୃଷ୍ଣ ରଥାରୋହଣ ପୂର୍ବକ ବୃନ୍ଦାବନ ଯାତ୍ରା କରିଥିଲେ। ଏହି ପବିତ୍ର ଯାତ୍ରାର ସ୍ମୃତିଚାରଣ ନିମିତ୍ତ ଶ୍ରୀଜଗନ୍ନାଥଙ୍କ ରାଜସମାରୋହର ଉତ୍ସବ "ଶ୍ରୀଗୁଣ୍ଡିଚା" ରଥଯାତ୍ରା ଅନୁଷ୍ଠିତ ହୋଇଆସୁଅଛି। ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ଏକଦା ଦ୍ୱାରକାରେ ଦେବୀ ସୁଭଦ୍ରା ନଗର ଭ୍ରମଣ ନିମିତ୍ତ ଅଭିଳାଷ ପୋଷଣ କରିବାରୁ କୃଷ୍ଣ ବଳରାମ ତାଙ୍କୁ ମଝିରେ ବସାଇ ଏକ ସ୍ୱତନ୍ତ୍ର ରଥରେ ନଗର ପରିକ୍ରମା କରିଥିଲେ। ପ୍ରୋକ୍ତ ଉତ୍ସବକୁ ସ୍ମରଣୀୟ କରିବା ନିମିତ୍ତ ସଂପ୍ରତି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାନୁଷ୍ଠାନ ହୋଇଥାଏ। ବଡ ସୌଭାଗ୍ୟର କଥା ଯେ ଶ୍ରୀଜଗନ୍ନାଥ ବିଶ୍ୱର ଏକମାତ୍ର ଦେବତା ଯାହାଙ୍କୁ ସମସ୍ତେ ବିନା ଦ୍ୱିଧାରେ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେଇଛନ୍ତି। କେବଳ ସେତିକି ନୁହେଁ ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରମାଣିତ ହୋଇଯାଇଛି ଯେ ପ୍ରତ୍ୟେକ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାକୁ ମଧ୍ୟ ନିଜର ସାଂସ୍କୃତିକ ମହୋତ୍ସବ ରୂପେ ପ୍ରାଧାନ୍ୟ ଅର୍ପଣ କରିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଧର୍ମଗତ ନିର୍ବିଶେଷରେ ଶ୍ରୀ ଜଗନ୍ନାଥ ବିଶ୍ୱର ଏକ ସାର୍ବଜନିକ ଦେବତା ରୂପେ ସ୍ୱୀକୃତି ଲାଭ କରିଛନ୍ତି।



# ଘୋଷଯାତ୍ରା ଓଡ଼ିଆ ଐତିହ୍ୟର ଏକ ନିଦର୍ଶନ

ରାକ୍ଷୀ ପ୍ରଧାନ
ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୁରୀ



ଘୋଷଯାତ୍ରାବହୁ ପ୍ରାଚୀନ ବୋଲି ଗବେଷକମାନେ ମତ ପ୍ରଦାନ କରିଛନ୍ତି । ଋକବେଦ ଓ ଅଥର୍ବ ବେଦ ଇତ୍ୟାଦିରେ ରଥ ଶବ୍ଦର ପ୍ରୟୋଗ ଦେଖାଯାଏ । ପରବର୍ତ୍ତୀ କାଳରେ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ମଧ୍ୟ ଏହାର ଆଭାସ ମିଳିଥାଏ , ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସବୁଠାରୁ ଅଧିକ ଜନାଦୃତ ଓ ପ୍ରସାରିତ । କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ଅନୁମାନ କରନ୍ତି। ପ୍ରତି ବର୍ଷ ଆଷାଢ଼ମାସ ଶୁକ୍ଳପକ୍ଷର ଦ୍ୱିତୀୟା ତିଥିରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହାକୁ ଗୁଣ୍ଡିଚା ଯାତ୍ରା ଓ ଘୋଷଯାତ୍ରା ମଧ୍ୟ କୁହାଯାଏ। ଏହି ଘୋଷଯାତ୍ରାରେ ରତ୍ନ ବେଦୀରୁ ଜନ୍ମବେଦୀକୁ ଚତୁର୍ଧାମୂର୍ତ୍ତି ତିନି ରଥରେ ବିଜେ କରିଥାନ୍ତି । ନନ୍ଦିଘୋଷ ରଥ, ରଥଯାତ୍ରା। 'ନନ୍ଦିଘୋଷ' ବା 'ଗରୁଡ଼ଧ୍ୱଜ' ବା 'କପିଳଧ୍ୱଜ' ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି । ମୋଟ ୭୪୨ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୬ଟି ଚକ (ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁସ୍ୱସ୍ତି, ଜାଗୃତି, ତୁରୀୟ, ଆମ, ନିର୍ବାଣ) ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ । ସାରଥି: ଦାରୁକ ରଥର ଦଉଡ଼ି: ଶଙ୍ଖଚୂଡ଼ । ପରମ୍ପରା ମୁତାବକ ଧଳାରଙ୍ଗର ଚାରୋଟି ଘୋଡ଼ା। (ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ) ସ୍ଥାପନ କରାଯାଏ । ଏହାର ପତାକା ଗରୁଡ଼ ଚିହ୍ନାଙ୍କିତ । ଧ୍ୱଜପମୂର୍ତ୍ତି: ପଞ୍ଚମୁଖୀ ହନୁମାନ। ନାଳି ଓ ହଳଦିଆ ରଙ୍ଗର କପଡ଼ାରେ ରଥାବରଣ କରାଯାଏ। ନନ୍ଦିଘୋଷରେ ହରିହର, ପଣ୍ଡୁ ନୃସିଂହ, ଗିରିଧର, ଷଡ଼ଭୁଜ ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ସପ୍ତଫେଣ ସର୍ପରେ ଆସୀନ ମଧୁସୂଦନ ବା ବିଷ୍ଣୁ, ଲକ୍ଷ୍ମଣ, ପଞ୍ଚମୁଖୀ ମହାବୀର ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି । ତାଳଧ୍ୱଜ 'ତାଳଧ୍ୱଜ' ବା 'ଲଙ୍ଗଳ ଧ୍ୱଜ' ରଥରେ ବଳଭଦ୍ରଙ୍କ ସହ ରାମକୃଷ୍ଣ ବିଜେ କରନ୍ତି। ମୋଟ ୭୩୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ଅଟେ । ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୬ ଇଞ୍ଚ। ଦଧିନଉତି: ହିରଣ୍ମୟୀ ସାରଥି: ମାତଳୀ । ରଥର ଦଉଡ଼ି: ବାସୁକୀ। ପରମ୍ପରା ମୁତାବକ କଳା ରଙ୍ଗର ଚାରୋଟି ଘୋଡ଼ା (ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ) ବା (ସ୍ଥିରା, ଧୃତି, ସ୍ଥିତି ଏବଂ ପ୍ରଜ୍ଞା) ବା (ଶଙ୍ଖ, ସୁଚିତ୍ର, ଅଙ୍ଗଦ ଏବଂ ମେଘନାଦ) ସ୍ଥାପନ କରାଯାଏ ।

ଧ୍ୱଜପମୂର୍ତ୍ତି: ଲକ୍ଷ୍ମୀନୃସିଂହ । ନାଲି ଓ ସବୁଜ ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ତାଳଧ୍ୱଜ ରଥରେ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନୃତ୍ୟ ଗଣପତି, ଲକ୍ଷ୍ମଣଙ୍କୁ ବହନ କରିଥିବା ଅଙ୍ଗଦ, ନାଟାମ୍ବର (ବୃଷଭ ଉପରେ ନୃତ୍ୟରତ ଶିବ), କାର୍ତ୍ତିକେଶ୍ୱର, ମଧୁକୈଟବଙ୍କ ସହ ବିଷ୍ଣୁଙ୍କ ଯୁଦ୍ଧ, ଅନନ୍ତବାସୁଦେବ ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି।

ଦର୍ପଦଳନ 'ଦର୍ପଦଳନ' ବା 'ପଦ୍ମଧ୍ୱଜ' ବା 'ଦେବଦଳନ' ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି ମୋଟ ୭୧୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୪ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୮ ଇଞ୍ଚ ।

ସାରଥି: ଅର୍ଜୁନ । ରଥର ଦଉଡ଼ି: ସ୍ୱର୍ଣ୍ଣଚୂଡ଼ । ଧ୍ୱଜପମୂର୍ତ୍ତି: ଜୟଦୁର୍ଗା। ପରମ୍ପରା ମୁତାବକ ନାଳି ଚାରୋଟି ଘୋଡ଼ା। (ରୋଚିକା, ମୋଚିକା, ଜିତା, ଅପରାଜିତା) ସ୍ଥାପନ କରାଯାଏ । ନାଲି ଓ କଳା ରଙ୍ଗର କପଡ଼ାରେ ରଥାବରଣ କରାଯାଏ ଦର୍ପଦଳନରେ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ (ଶବରୂଢ଼ା ଚତୁର୍ଭୁଜା), ବନଦୁର୍ଗା ବା କଣ୍ଟକାଢ଼ି, କାତ୍ୟାୟନୀ (ଅଷ୍ଟଭୁଜା ଦୁର୍ଗା), ହରଚଣ୍ଡୀ, ରାମଚଣ୍ଡୀ (ଅଷ୍ଟଭୁଜା ଓ ବାମହାତ କାଣି ଆଙ୍ଗୁଠିକୁ ପାଟିରେ ଚୁଚୁମିଛନ୍ତି), ଅଘୋରା ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ରଥର ୧୬ ଚକ ଷୋଳକଳାର, ବଳଭଦ୍ରଙ୍କର ୧୪ ଚକ ଚତୁର୍ଦ୍ଦଶ ମନ୍ୱନ୍ତରର ଓ ସୁଭଦ୍ରାଙ୍କ ୧୨ ଚକ ବାରମାସର ଦୃଷ୍ଟି ଆକର୍ଷଣ କରିଥାଏ। ତିନି ରଥର ଦଧିନଉତି: ହିରଣ୍ୟଗର୍ଭ, ହିରଣ୍ମୟୀ, ଭୁବନକୋଷ । ଏହି ତିନି ଦଧିନଉତି ଉପରେ ମୋଟ ୯ଟି ପିତଳ କଳସ (ନଭ, ଆକାଶ, ବ୍ୟୋମ, ପରା, ଅପରା, ବୈଖାରୀ, ଚନ୍ଦ୍ର, ସୂର୍ଯ୍ୟ, ବିଦ୍ୟୁତ) ସ୍ଥାପନ କରାଯାଏ । ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସର୍ବପ୍ରସିଦ୍ଧ। ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରାର ମଧ୍ୟରେ ପ୍ରଧାନ । ଏହି ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ । ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ । ହରିହର କାନୁନଗୋଙ୍କ ମତରେ ଜଗନ୍ନାଥଙ୍କ ରଥଯାତ୍ରା ଏକ ବୌଦ୍ଧ ଅନୁଷ୍ଠାନ । କେହି ଜଣେ ଗବେଷକ ଲାଙ୍ଗୁଳା ନରସିଂହ ଦେବଙ୍କ ପରବର୍ତ୍ତୀ ରାଜା ଭାନୁଦେବଙ୍କ (ଖ୍ରୀ.ଅ ୧୨୬୪-୧୨୭୮)ଙ୍କ ସମୟରେ ଛଅ ରଥ ପରିବର୍ତ୍ତେ ତିନି ରଥ ହେବାର ବ୍ୟବସ୍ଥା ହୋଇଥିଲା ବୋଲି ଉଲ୍ଲେଖ କରିଛନ୍ତି । ସୋମବଂଶୀ ରାଜା ଯଯାତି କେଶରୀଙ୍କ ସମୟରେ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ରଥର ଉଚ୍ଚତା ସମାନ ଥିଲା ଏବଂ ଛ ଗୋଟି ରଥ ତିଆରି କରାଯାଉଥିଲା। ତିନି ରଥକୁ ଟାଣୁଥିଲେ ଭକତମାନେ ଓ ଆଗରେ କନକ ମୁଣ୍ଡାଇରେ ରତ୍ନ ଚାନ୍ଦୁଆ ଟଣା ହେଉଥିଲା। ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁରୂପରେ ବାଙ୍କୀ ମୁହାଣରେ ଆବିର୍ଭାବ ହେଲା । ସମୁଦ୍ରରେ ଭାସୁଥିବା ସେହି ଦାରୁକୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ । ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ପ୍ରସ୍ତୁତ କଲେ। ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନହେବା ଯାଏ ଦ୍ୱାର ଖୋଲାଯିବ ନାହିଁ । ମାତ୍ର ପନ୍ଦର ଦିନ ପରେ ଦ୍ୱାର ଖୋଲାଗଲା ମୂର୍ତ୍ତିନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ । କେବଳ ଅଧାଗଢା ମୂର୍ତ୍ତି ରହିଗଲା ଅଧାଗଢ଼ା ମୂର୍ତ୍ତିକୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା । ସେହି ସମୟରେ ମହାପ୍ରଭୁ କହିଥିଲେ: ହେ ରାଜା, ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବ। ସେଥିପାଇଁ ଶ୍ରୀଜୀଉମାନେ ଗୁଣ୍ଡିଚାଘରକୁ ବୁଲି ଯାଆନ୍ତି ଓ ବାହୁଡ଼ନ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ବାୟୁ ପ୍ରଦୂଷଣ ପାଇଁ ପ୍ରତିବର୍ଷ ଦେଶରେ ୩୩ ହଜାର ଲୋକଙ୍କ ଜୀବନ ଯାଉଛି



ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ

ଭାରତରେ ବାୟୁ ପ୍ରଦୂଷଣ ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି । ଏଥିଯୋଗୁଁ ବର୍ଷକୁ ୩୩ ହଜାର ଲୋକଙ୍କ ଜୀବନ ଯାଉଛି । କେବଳ ୧୦ ସହରରେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହେଉଛି । ଏହି ତାଲିକାରେ ରାଜଧାନୀ ଦିଲ୍ଲୀ ଆଗରେ ରହିଛି । ଏଠାରେ ବର୍ଷକୁ ୧୨ ହଜାର ଜୀବନ ଯାଉଛି । ସେହିପରି ମୁମ୍ବଇରେ ୫,୧୦୦, କୋଲକାତାରେ ୪,୭୦୦, ଚେନ୍ନାଇରେ ୨,୯୦୦, ଅହମଦାବାଦରେ ୨,୫୦୦, ବେଙ୍ଗାଲୁରୁରେ ୨,୧୦୦, ହାଇଦ୍ରାବାଦରେ ୧,୬୦୦, ପୁନେରେ ୧, ୪୦୦ ଏବଂ ବାରାଣସୀରେ ବର୍ଷକୁ ୮୩୦ ଜଣଙ୍କ ଜୀବନ ଯାଉଛି । ସିମ୍ଲାରେ ବାୟୁ ପ୍ରଦୂଷଣ ସ୍ତର ସବୁଠୁ କମ୍ ରହିଛି । ଏଠାରେ ବର୍ଷକେ ୫୯ ଜଣଙ୍କ ମୃତ୍ୟୁ ହେଉଛି । 'ଦ ଲାନସେଟ ପ୍ଲାନେଟାରୀ ହେଲ୍‌ଥ'ରେ ପ୍ରକାଶିତ ଅଧ୍ୟୟନରେ ଏହି ସୂଚନା ଦିଆଯାଇଛି । ବାୟୁରେ ପିଏମ ୨.୫ର ମାତ୍ରା ବଢ଼ି ଚାଲିଛି । ଏଥିଯୋଗୁଁ ଅଧିକ ଜୀବନ ଯାଉଛି ବୋଲି କୁହାଯାଇଛି ।

# ଡ୍ରେନ୍ ବ୍ୟବସ୍ଥା ନାହିଁ:ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ବେହାଲ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଗ୍ରାଞ୍ଚଳର ରାସ୍ତା ଉନ୍ନତି ନିମନ୍ତେ ସରକାର ବିଭିନ୍ନ ଯୋଜନା କରୁଛନ୍ତି । ଏନେଇ କୋଟି କୋଟି ବ୍ୟୟ ବରାଦ କରାଯାଉଛି । ବିଭାଗୀୟ ଅଧିକାରୀ ଓ ଠିକାଦାର ଲାଭବାନ ହେଉଥିବା ବେଳେ ନୀରିହ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣଙ୍କ ଜନତାଙ୍କ କାମରେ ଆସୁନଥିବା ଅଭିଯୋଗ ହୋଇଛି । ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତରେ ଅସରାଏ ବର୍ଷାରେ ଗାଁ ଦାଣ୍ଡରେ ଓ ଏହାର ମୁଖ୍ୟ ରାସ୍ତାରେ ପାଣି ଭର୍ତ୍ତି ହେବା ଫଳରେ ଯାତାୟାତରେ ଲୋକେ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ଘଟଣାକୁ ନେଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅବଗତ କରାଇଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଏହି ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ୬ ଓ ୮ ନଂ ୱାର୍ଡ ସମେତ ରୁହାନିମଦ୍ରାସା, ଦାଣ୍ଡି ଏବଂ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତା ବ୍ରହ୍ମବରଦାସ୍ଥ ଇଦଗାହପଡିଆ ନିକଟରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଛି । ଗାଁରୁ ମୁଖ୍ୟ ରାସ୍ତାକୁ ଆସିବାକୁ ହେଲେ ଲୋକେ ହିନସ୍ତା ଭୋଗୁଛନ୍ତି । ଏହି ସବୁ ରାସ୍ତାକୁ ବିଭାଗୀୟ ପକ୍ଷରୁ କଙ୍କ୍ରିଟ କରାଯାଇଥିଲା । ହେଲେ ଏହି ରାସ୍ତା ନିର୍ମାଣ ସମୟରେ କିଛି ତୃଟି ରହିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ରାସ୍ତାର ମଧ୍ୟଭାଗକୁ ଉଚ୍ଚ କରାଯାଇଥିବା ବେଳେ ରାସ୍ତା କଡରେ ଡ୍ରେନେଜ୍‌ର କୌଣସି ସୁବିଧା କରାଗଲାନାହିଁ । ଫଳରେ ସାମାନ୍ୟ ବର୍ଷା ହେଲେ ଏହି ମୁଖ୍ୟ ରାସ୍ତା ଉପରେ ପାଣି ଲହଡି ଖେଳୁଛି । ଅନ୍ୟ ପକ୍ଷେ ପୁରୁଣା ଫାଣ୍ଡିଛକ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ବ୍ରହ୍ମବରଦାରେ ୫ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ସମୟରେ କେବଳ ଏହି ରାସ୍ତାରେ ଡଷ୍ଟ ଗୁଣ୍ଡ ପକା ଯାଇ ମରାମତି କରାଯାଇଥିଲା । ହେଲେ ସ୍ଥାୟୀ ମରାମତି ହୋଇପାରିଲାନାହିଁ । ଯାତାୟାତ ନିମନ୍ତେ ପଥଚାରୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ, ରାସ୍ତା କଡରେ ଥିବା ବ୍ୟବସାୟୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ମୁଖ୍ୟ ରାସ୍ତାରେ ପାଣି ଜମି ଦୁର୍ଗନ୍ଧ ହେଉଛି । ଫଳରେ ଲୋକେ ନାନା ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡିଛି । ଏହି ଘଟଣାକୁ ନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି । ତୁରନ୍ତ ଜିଲ୍ଲା ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେବା ସହିତ ରାସ୍ତା ସାଙ୍ଗକୁ ଡ୍ରେନେଜ୍‌ର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମାଟି ତଳୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର:ହତ୍ୟା ସନ୍ଦେହ

ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ

ପାଟଣାଗଡ ଥାନା ଅନ୍ତର୍ଗତ ଗଙ୍ଗାସାଗର ପଞ୍ଚାୟତ କର୍ଲାକଟା ଠାରୁ ଏକ ମୃତଦେହ ମାଟି ତଳୁ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶ ଯେ, ସ୍ଥାନୀୟ ଲୋକ ଶୌଚ ପାଇଁ ଯାଇଥିବା ବେଳେ ମାଟି ତଳୁ ଗୋଡ ବାହାରିଥିବା ଦେଖିବାକୁ ପାଇଥିଲେ । ଏହାପରେ ସ୍ଥାନୀୟ ଲୋକ ପାଟଣାଗଡ ପୋଲିସକୁ ଖବର ଦେଇଥିଲେ । ବର୍ତ୍ତମାନ ସୁଦ୍ଧା ମୃତକ ଜଣକର ପରିଚୟ ମିଳିନଥିବା ବେଳେ ମୃତକ କଳା ରଙ୍ଗର ନିକର ଏବଂ ରାଉଣ୍ଡ ନେକର ଗୋଟିଏ କଳା ଗଞ୍ଜି ପିନ୍ଧିଥିବା ଜଣାପଡିଛି । ମୃତକର ଆନୁମାନିକ ବୟସ ୩୫ରୁ ୪୦ ବର୍ଷ ବୟସ ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି । ଶବ ପୋତା ଯାଇଥିବା ସ୍ଥାନରେ ରକ୍ତ ପଡିଥିବା ସହ କେହି ମାରି ମାଟିରେ ପୋତି ଦେଇଥିବା ସନ୍ଦେହ କରାଯାଉଛି । ଏନେଇ ପାଟଣାଗଡ଼ ଥାନା କେସ ୟୁ ଡି କେସ୍ ନଂ ୧୩/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି ବୋଲି ଜିଲ୍ଲା ପୋଲିସ ଅଧିକ୍ଷକ ରିଷିକେଶ ଖିଲାରୀ ପ୍ରକାଶ କରିଛନ୍ତି ।

# ବର୍ଷକୁ ୫୦ ଲକ୍ଷ ବ୍ୟୟ, ତଥାପି ୱାଇଫାଇ ଅଚଳ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ମହାନଗର ନିଗମ ତରଫରୁ କାର୍ଯ୍ୟକାରୀ କରାଯାଇଥିବା ଯୋଜନାଗୁଡ଼ିକ ଅଳ୍ପ କିଛି ଦିନ ଠିକ୍ ଚାଲିବା ପରେ ଅକାମୀ ହୋଇପଡୁଛି । ଅତ୍ୟାଧୁନିକ ଟ୍ରାନ୍ସଫର ଶକ୍ତିର ଅଭାବ ଯୋଗୁଁ ଗୋଟିଏ ପରେ ଗୋଟିଏ ଯୋଜନା ବିଫଳ ହେବାରେ ଲାଗିଛି । କେବଳ କାଗଜ କଲମରେ ସଫଳତା ବଖାଣୁଛନ୍ତି ମହାନଗର ନିଗମ ଅଧିକାରୀ । ସହରବାସୀ ଲାଭ ପାଇପାରୁନାହାନ୍ତି । ଏହାର ସଦହରର ଉଦାହରଣ ହେଲା ମହାନଗର ନିଗମ ତରଫରୁ ପ୍ରଦାନ କରାଯାଉଥିବା ମାଗଣା ୱାଇଫାଇ ସେବା । ସରକାରୀ ହେଉ ଅବା ବେସରକାରୀ କାର୍ଯ୍ୟ ଆଜିକାଲି ଇଣ୍ଟରନେଟ୍ ବିନା ଅଧିକାଂଶ କାର୍ଯ୍ୟ ସମ୍ଭବ ନୁହଁ । ଲୋକମାନଙ୍କ ମଧ୍ୟରେ ଇଣ୍ଟରନେଟ୍‌ର ଚାହିଦା ଢ଼େର ଅଧିକ । ଚାହିଦାକୁ ଦୃଷ୍ଟିରେ ରଖି ମାଗଣା ୱାଇଫାଇ ସେବା ପ୍ରଦାନ ଦିଗରେ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । ୨୦୧୮ ଅଗଷ୍ଟ ୩୧ ତାରିଖରେ ପୌର ପରିଷଦର ୧୫୧ତମ ବର୍ଷ ପୂର୍ତ୍ତି ଅବସରରେ ମାଗଣା ୱାଇଫାଇ ସେବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ପରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଥିଲା । ଏକ ଘରୋଇ ସଂସ୍ଥାକୁ ପ୍ରାୟ ଏକ କୋଟି ଟଙ୍କାରେ ଟେଣ୍ଡର ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସେବାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ସହରର ୨୭ଟି ୱାଇଫାଇ ଆସେସ୍ ପଏଣ୍ଟ୍ ଥିଲ । ଏହି ଆସେସ୍ ପଏଣ୍ଟ୍ ଗୁଡ଼ିକ ଖଲ୍ଲିକୋଟ କଲେଜ ଠାରୁ ଟାଉନହଲ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ,



ଗିରିଜା ରେଷ୍ଟୁରାଣ୍ଟ ଛକ ଏବଂ ଗାନ୍ଧୀପାର୍କ ହୋଇ ବିଏମ୍‌ସି କାର୍ଯ୍ୟାଳୟ ଯାଏଁ ସ୍ଥାପନ କରାଯାଇଥିଲା । ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ପାର୍କ, ବୈକୁଣ୍ଠନଗରରେ ନିର୍ମାଣାଧୀନ ସ୍ପୋର୍ଟସ ଏରେନା ଆଦି ଅଞ୍ଚଳରେ ମଧ୍ୟ ଆସେସ୍ ପଏଣ୍ଟ୍ ଥିଲା । ଛଉଦ୍‌ଘାଟନ ପରଠୁ ବିଏମ୍‌ସିର ଏହି ମାଗଣା ୱାଇଫାଇ ଠିକ୍ ଠାକ୍ ଥିଲା । ସହରବାସୀ ବ୍ୟବହାର କରୁଥିଲେ । ପ୍ରତ୍ୟେକ ଆସେସ୍ ପଏଣ୍ଟର ଶହେ ମିଟର ଅଞ୍ଚଳ ପର୍ଯ୍ୟନ୍ତ ୱାଇଫାଇ ଉପଲବ୍ଧ ରହୁଥିଲା । ପ୍ରତ୍ୟେକ ଆସେସ୍ ପଏଣ୍ଟ୍ ଅଧୀନରେ ୨ହଜାର ଲୋକ ଇଣ୍ଟରନେଟ୍ ବ୍ୟବହାର କରିପାରିବେ । ମାଗଣା ଇଣ୍ଟରନେଟ୍ ସେବା ମିଳିବା ପରେ ସହରବାସୀଙ୍କ ମଧ୍ୟରେ ଏହାକୁ ନେଇ ଆଗ୍ରହ ମଧ୍ୟ ବଢ଼ିଥିଲା । କିନ୍ତୁ ଏବେ ଗତ କିଛି ମାସ ହେଲା ଆଉ ମାଗଣା ୱାଇଫାଇ ମିଳୁନି । ମୋବାଇଲ୍‌ରେ ୱାଇଫାଇ ଖୋଲିଲେ, ବିଏମ୍‌ସିର ଆସେସ୍ ପଏଣ୍ଟ୍ ଦେଖୁନି । ମାନୁଆଲ ଖୋଜିଲେ ମଧ୍ୟ ଆସେସ୍‌ପଏଣ୍ଟ୍ ଆସୁନି । ହସ୍‌ସ୍ପଟ୍ ଅଚଳ ହୋଇଯାଇଛି । ଖଲ୍ଲିକୋଟ କଲେଜ ଏବଂ ପୁରୁଣା ବସ୍‌ଷ୍ଟାଣ୍ଡ୍ ସହ ଅନ୍ନପୂର୍ଣ୍ଣା ମାର୍କେଟ୍ ଅଞ୍ଚଳରେ ଏହି ମାଗଣା ୱାଇଫାଇ ସେବା ସର୍ବାଧିକ ବ୍ୟବହାର ହେଉଥିଲା । ହେଲେ ଏହି ସେବା ଅଚଳ ହୋଇପଡ଼ିବା ପରେ ବ୍ୟବହାରକାରୀମାନେ ନିରାଶ ହୋଇଛନ୍ତି । ବିଏମ୍‌ସିର ଅଧିକାଂଶ ଯୋଜନା, ଦିନ କେଇଟା ଚାଲିବା ପରେ ଆଉ ଆସୁନାହିଁ ବୋଲି ସହରବାସୀ ଆଲୋଚନା କରୁଛନ୍ତି । ଅଚଳ ହୋଇପଡ଼ିଥିଲେ ମଧ୍ୟ ୱାଇଫାଇ ସେବାର ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଏହାର ରକ୍ଷଣାବେକ୍ଷଣ ବାବଦରେ ୫୧ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ୨୦୨୩-୨୪ ଆର୍ଥିକ ବର୍ଷରେ ମଧ୍ୟ ଏଥିପାଇଁ ଆଉ ୫୧ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି । କେବଳ ଏତିକି ନୁହଁ, ଚଳିତ ଆର୍ଥିକ ବର୍ଷ ପାଇଁ ମଧ୍ୟ ଟଙ୍କା ବରାଦ କରାଯାଇଛି । ଗତ ମାର୍ଚ୍ଚରେ ମହାନଗର ନିଗମର ବଜେଟ୍ ବୈଠକରେ ଏହାକୁ ନେଇ ନାରା ଆଲୋଚନା ହୋଇଥିଲା । ୱାଇଫାଇ ଅଚଳ ହୋଇପଡ଼ିଥିବା ନେଇ ଅନେକ କର୍ପୋରେଟର ଅସନ୍ତୋଷ ମଧ୍ୟ ପ୍ରକାଶ କରିଥିଲେ । ତଥାପି କୌଣସି ସୁଫଳ ମିଳିଲା ନାହିଁ । ବଜେଟ୍‌ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୁଣି ଥରେ ୫୧ ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି । ତେବେ ଗୋଟିଏ ପଟେ ସିସି ୱାଇଫାଇ ଅଚଳ ପଡିଥିବା ବେଳେ ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କା କାହା ସ୍ୱାର୍ଥରେ ଖର୍ଚ୍ଚ କରାଯାଉଛି ବୋଲି ଅନେକ କର୍ପୋରେଟର ପ୍ରଶ୍ନ କରିଛନ୍ତି । ଏପରିକି ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବାକୁଥିବା କର୍ପୋରେସନ୍ ବୈଠକରେ ଏନେଇ ପ୍ରଶ୍ନ କରିବା ପାଇଁ ବହୁ କର୍ପୋରେଟର ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି ।

# ସରକାରୀ ଜମିର ଜବରଦଖଲ ବଢୁଛି:କାର୍ଯ୍ୟାନୁଷ୍ଠାନ ଦାବି

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଗତ କିଛି ବର୍ଷ ମଧ୍ୟରେ ସମଗ୍ର ଜିଲ୍ଲାରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ସରକାରୀ ଜମିକୁ ଅନୈତିକ ଭାବରେ ଦଖଲ କରିବା ଅତି ମାତ୍ରାରେ ବୃଦ୍ଧି ପାଇଛି । ଏହି ଜବରଦଖଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜଗତସିଂହପୁର ବିକାଶ ମଞ୍ଚ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛି । ବ୍ୟବସ୍ଥା ମଧ୍ୟରେ ରହି ପ୍ରଶାସନର ସହଯୋଗରେ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟରତ ଏହି ଯୁବ ଓ ବୁଦ୍ଧିଜୀବୀ ଅନୁଷ୍ଠାନର ଆବାହକ ଦେବେନ୍ଦ୍ର ନାଥ ରାଉତ ଜିଲ୍ଲାପାଳ ତଥା ସମସ୍ତ ତହସିଲଦାରଙ୍କୁ ଏ ବିଷୟରେ ପତ୍ରଲେଖି ଅବଗତ କରାଇଛନ୍ତି । ଜଗତସିଂହପୁର ଜିଲ୍ଲା ରାଜ୍ୟର ଆୟତନ ଦୃଷ୍ଟିରୁ କ୍ଷୁଦ୍ରତମ ଜିଲ୍ଲା ହୋଇଥିବା ବେଳେ ଜନସଂଖ୍ୟା ଦୃଷ୍ଟିରୁ ୧୯ ତମ ସ୍ଥାନ ଅଧିକାର କରେ । ଏହାର ଆୟତନ ଓ ଜନସଂଖ୍ୟାକୁ ବିଚାରକୁ ନେଇ ଏହାର ସ୍ୱଳ୍ପ ସରକାରୀ ଭୂଭାଗକୁ ସୁରକ୍ଷା କରିବା ପ୍ରଶାସନର ପ୍ରାଥମିକ କର୍ତ୍ତବ୍ୟ ଅଟେ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହା ଯେ ବିଭିନ୍ନ ବ୍ୟକ୍ତି ବା ଅନୁଷ୍ଠାନ ଏହି ସୀମିତ ଜମିକୁ ଜବର ଦଖଲ କରି ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । କିଛି ପ୍ରଭାବଶାଳୀ ବ୍ୟକ୍ତି ବିଭିନ୍ନ ଆଳରେ ବା ଅନ୍ୟାୟ ଭାବରେ କେତେକ ସରକାରୀ ଜମିକୁ ଲିଜ୍ ଆକାରରେ ମଧ୍ୟ ନେବାରେ ସଫଳ ହୋଇଛନ୍ତି । ଏହାଦ୍ୱାରା ଜିଲ୍ଲାରେ ସରକାରୀ ଜମିର ଘୋର ଅଭାବ ଅନୁଭୂତ ହେଉଛି । ଗୋଚର, ନଦୀପଠା, ସମୁଦ୍ର ବେଳାଭୂମି, ଜଳଚର ଜମି, ଜଙ୍ଗଲ ଜମି ଇତ୍ୟାଦି ସରକାରୀ ଜମିର ଜବର ଦଖଲ ଫଳରେ ପରିବେଶ ସନ୍ତୁଳନରେ ବ୍ୟାଘାତ ସୃଷ୍ଟି ହେବା ସହିତ ସରକାରୀ ବନୀକରଣ ଯୋଜନା ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ । ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଦ୍ୟାଳୟ, ପାଠାଗାର, ପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଅନ୍ୟ ଅତ୍ୟାବଶ୍ୟକୀୟ ଅନୁଷ୍ଠାନ ଗୁଡିକ ସରକାରୀ ଜମିରେ ନିର୍ମିତ ହେବା ଉଚିତ୍ କିନ୍ତୁ ଏହି ଜବର ଦଖଲ ହେବା ଯୋଗୁଁ ତାହା ସମ୍ଭବ ହୋଇପାରୁନାହିଁ । ଅନେକ ସ୍ଥାନରେ ସରକାରୀ ଜାଗାକୁ ଦଖଲ କରି ଅସାମାଜିକ କାର୍ଯ୍ୟ (ନିଶା ସେବନ ଓ ବିକ୍ରୟ ଆଦି), କଳା ବ୍ୟବସାୟ ମଧ୍ୟ କରାଯାଉଛି, ଯାହା ସମାଜରେ ଏକ ଭୟ ଓ ଆଶାନ୍ତିର ବାତାବରଣ ସୃଷ୍ଟି କରୁଛି । ଅନ୍ୟାୟ ଭାବରେ ଏହି ଜବର ଦଖଲ ପ୍ରକ୍ରିୟାରେ ଅନେକ ସ୍ଥାନୀୟ ବ୍ୟକ୍ତିତ୍ୱ ସମ୍ପୃକ୍ତ ଥିବାବେଳେ ପ୍ରଶାସନିକ ଅଣଦେଖା ଭାବ ଏହାକୁ ପ୍ରୋତ୍ସାହିତ କରୁଛି ବୋଲି ଜଗତସିଂହପୁର ବିକାଶ ମଞ୍ଚର ଆବାହକ ଲିଖିତ ଭାବରେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ବିଚାରକୁ ନେଇ ସମସ୍ତ ତହସିଲଦାରଙ୍କୁ ଏହା ଉପରେ ଅନୁସନ୍ଧାନ କରି ଏକ ବିଶେଷ ରିପୋର୍ଟ ପ୍ରସ୍ତୁତ କରିବା ସହିତ ଜବରଦଖଲକାରୀଙ୍କ ଠାରୁ ସରକାରୀ ଜମିକୁ ଉଦ୍ଧାର କରିବା ଓ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଗତସିଂହପୁର ବିକାଶ ମଞ୍ଚ ତରଫରୁ ଦୃଢ଼ ଦାବି ଉପସ୍ଥାପନ କରାଯାଉଛି ।

## ରାଜସ୍ଥାନରେ ବିକ୍ରିହୋଇଥିବା ଝିଅକୁ ଉଦ୍ଧାର ପାଇଁ ବାପା ଥାନାର ଦ୍ୱାରସ୍ଥ

ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ

୮ ମାସ ହେଲା ଝିଅ ନିଖୋଜ ଥିଲା । ଝିଅର ଖବର ପାଇବା ପରେ ବାପା ଥାନାର ଦ୍ୱାରସ୍ଥ । ଝିଅକୁ ରାଜସ୍ଥାନରେ ବିକ୍ରି କରିଦେଇଥିବା ଅଭିଯୋଗ ଆଣିଛନ୍ତି ବାପା । ବଲାଙ୍ଗିର ଟାଉନ୍‌ଥାନାକୁ ଏଭଳି ଏକ ଅଭିଯୋଗ ନେଇ ଜଣେ ବୃଦ୍ଧା ବାପା ପହଞ୍ଚିଛନ୍ତି । ସୂଚନା ଅନୁସାରେ ଗତ ୨୦୨୩ ଏପ୍ରିଲ ମାସରେ ବବଜା ଗ୍ରାମର ମୋହନ ବେଣୁ ସାହୁ ତାଙ୍କର ଝିଅ ରଞ୍ଜିତା ସାହୁଙ୍କୁ ସାଲେଭଟା ସ୍ଥିତ ଖଲିଆପାଲିର ଦେବେନ୍ଦ୍ର ସାହୁଙ୍କ ସହିତ ସାମାଜିକ ରୀତିନୀତି ଅନୁସାରେ ବିବାହ କରାଇଥିଲେ । ବାହାଘର ପରେ ସେମାନେ ବଲାଙ୍ଗିର ଟାଉନ୍ ସ୍ଥିତ ଶାନ୍ତିପଡାରେ ଆସି ଏକାଠି ରହୁଥିଲେ । କିନ୍ତୁ ବିବାହର ୨ ମାସ ପରେ ରଞ୍ଜିତା ତାଙ୍କ ସ୍ୱାମୀ ସହ କୌଣସି ବିଷୟକୁ ନେଇ କଥା କଟାକଟି ହୋଇଥିଲା । ଏହାପରେ ସେମାନେ ଅଲଗା ହୋଇଯାଇଥିଲେ । ସ୍ୱାମୀ ଦେବେନ୍ଦ୍ର ସ୍ତ୍ରୀ ରଞ୍ଜିତାଙ୍କୁ ଛାଡି ତାଙ୍କ ଗାଁ ଖଲିଆପାଲି ଚାଲିଯାଇଥିଲେ । ରଞ୍ଜିତା କାମ ଧନ୍ଦା ଖୋଜିବା ପାଇଁ ପାଟଣାଗଡ଼ ଥାନା ଅନ୍ତର୍ଗତ କଦଳୀମୁଣ୍ଡା ଗ୍ରାମର ଅଜିତ ବାଗଙ୍କ ସମ୍ପର୍କରେ ଆସିଥିଲେ । ରଞ୍ଜିତାକୁ ଅଜିତ କାମଦେବା ବାହାନା କରି ରାଜସ୍ଥାନ ନେଇଯାଇଥିଲା । ଏପଟେ ପାରିବାର ଲୋକଙ୍କ ପାଖରେ ରଞ୍ଜିତାଙ୍କ କୌଣସି ଖୋଜ ଖବର ନଥିଲା । ପରିବାର ଲୋକେ ବହୁତ ଖୋଜା ଖୋଜି କରିଥିଲେ ହେଁ ରଞ୍ଜିତାଙ୍କ କୌଣସି ଖୋଜ ଖବର ପାଇନଥିଲେ । ଏହି ଘଟଣାକୁ ଦୀର୍ଘ ୮ରୁ ୯ ମାସ ବିତିଯିବା ପରେ ଗତ କିଛିଦିନ ହେବ ରଞ୍ଜିତା ପରିବାର ଲୋକଙ୍କୁ ଫୋନ୍ କରି ତାଙ୍କୁ ରାଜସ୍ଥାନରେ ବିକ୍ରି କରିଦିଆଯାଇଛି ବୋଲି କହୁଥିବା ତାଙ୍କର ବାପା ମୋହନବେଣୁ କହିଛନ୍ତି । ରଞ୍ଜିତା ବର୍ତ୍ତମାନ ରାଜସ୍ଥାନର ବାରା ଜିଲ୍ଲା ଅନ୍ତର୍ଗତ ଭଟୱାଡା ଠାରେ ଅଛନ୍ତି । ଅଜିତ ବାଗ ରଞ୍ଜିତାଙ୍କୁ ସେଠାର ୧ ଲକ୍ଷ ୧୦ ହାଜର ଟଙ୍କାରେ ବିକ୍ରିକରି ବାହା କରାଇ ଦେଇଥିବା ଅଭିଯୋଗ କରିଛନ୍ତି ରଞ୍ଜିତା । ଏଣୁ ମୋହନ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ସହିତ ତାଙ୍କ ଝିଅକୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି ।

## ମାନସିକ ଚାପରେ ଜୀବନ ହାରିଲେ

ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ

ଚମ୍ପୁଆ ଥାନା ଅନ୍ତର୍ଗତ ଡଙ୍ଗାକଟା ଗ୍ରାମରେ ବେକରେ ଫାସି ଲଗାଇ ଜଣେ ଆତ୍ମହତ୍ୟା କରିଛନ୍ତି । ମୃତକର ନାମ ରମେଶ ଚନ୍ଦ୍ର ବେହେରା (୬୩) । ସେ ରାତିରେ ରହୁଥିବା ରଘୁଆଳସାହି ଗ୍ରାମରୁ ନିଜ ପୁରୁଣା ଗାଁ ଡଙ୍ଗାକଟାକୁ ଯାଇଥିଲେ । ସେଠାରେ ରାତିରେ ବେକରେ ଫାସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସେ କିଛି ଦିନ ହେବ ଟ୍ରକ୍ ବ୍ୟବସାୟରେ କ୍ଷତି ହେଉଥିବା ଯୋଗୁଁ କରଜ ଟଙ୍କା ପରିଶୋଧ କରିନପାରିବାରୁ ମାନସିକ ଚାପରେ ରହୁଥିଲେ । ଯାହାପାଇଁ ସେ ଆତ୍ମହତ୍ୟା ପରି ଚରମ ନିଷ୍ପତି ନେଇଥିବା ନିଜ ସାନ ଭାଇ ଯୋଗେନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନା ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବେଧଡ଼କ ଭାବେ ଚାଲିଥିବା ଲଘୁ ଖଣିଜ ସାମଗ୍ରୀ ପରିବହନ ରୋକାଯାଉ

କେନ୍ଦୁଝର/ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

୫୭ କେନ୍ଦୁଝର ଜିଲ୍ଲା ବୈତରଣୀ ନଦୀ, କୁଶେଇ, ଅରଡ଼େଇ, ସମାକୋଇ, ମୁସଳ ପ୍ରଭୃତି ନଦୀ ମାନଙ୍କରୁ ଖୁଲମ ଖୁଲା ଭାବେ ଦିନ ଦ୍ୱିପହରରେ ବାଲି ମାଫିଆମାନେ ବେଆଇନ୍ ଭାବରେ, ନ୍ୟାସ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଓ ରାଜ୍ୟ ଖଣିଜ ଲଘୁ ଦ୍ରବ୍ୟ ଆଇନ୍‌କୁ ଉଲ୍ଲଂଘନ କରି ଚୋରା ବାଲି ଚାଲାଣ କରୁଛନ୍ତି ଏବଂ ସେଥିପ୍ରତି ଜିଲ୍ଲା ରାଜସ୍ୱ ବିଭାଗ, ଖଣି ବିଭାଗ ଓ ପୋଲିସ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ତାହା ଚିନ୍ତା ଜନକ ବିଷୟ ଅଟେ । ବର୍ଷା ଋତୁରେ ବାଲି ଉତ୍ତୋଳନ ଉପରେ ଆଇନ୍ ଅନୁଯାୟୀ ରୋକ୍ ଥିବାବେଳେ କେନ୍ଦୁଝର ଜିଲ୍ଲାରେ ବାଲି ମାଫିଆମାନେ ଖୁଲମ୍ ଖୁଲା ଭାବେ ଦୈନିକ ଦିନ ଦ୍ୱିପ୍ରହରରେ ୧୦ ଚକିଆରୁ ୧୬ ଚକିଆ ଶହ ଶହ ହାଇୱାରେ ବାଲି ପରିହନ କରାଯାଉଛି । ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଓ ପୋଲିସ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । କେବଳ ନଦୀର ସ୍ଥାୟିତ୍ୱ, ନଦୀ ବନ୍ଧ ଓ ରାସ୍ତା ଘାଟ ସୁରକ୍ଷା ଦୃଷ୍ଟିରୁ ଏହା ବିପଦ ଜନକ ତାହା ନୁହେଁ, ବରଂ ବାଲି ମାଫିଆଙ୍କ ଅପରାଧିକ କାର୍ଯ୍ୟକଳାପ ଦୃଷ୍ଟିରୁ ମଧ୍ୟ ଏହା ଆହୁରି ଗମ୍ଭୀରତାର ବିଷୟ ଅଟେ । ଏହି ବାଲି



ଚୋରା ଚାଲାଣରେ ବାର୍ଷିକ କେନ୍ଦୁଝର ଜିଲ୍ଲାର ଆନୁମାନିକ ୫୦୦ କୋଟି ଟଙ୍କାର ରାଜସ୍ୱ ହରାଉଛି । କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡର ହାଟଡ଼ିହୀ ତହସିଲର ହାବଳେଶ୍ୱର, ଡ଼ିମିରିଆ, ଅମୃତପୁର, ଜମ୍ବରା ଓ ଆନନ୍ଦପୁର ତହସିଲର ପଚୁପଲ୍ଲୀ, ଘସିପୁରା ତହସିଲର ଦେଉଗାଁ, ପାଟଣା ତହସିଲର ଉଦୟପୁର, ରାଜନଗର, ତୁରୁମୁଙ୍ଗା, ଓ୍ୱମୁରିଆ, ଦୁର୍ଗାଦେଇପୁର, ପାଟଣା ପ୍ରଭୃତି ସ୍ଥାନ ମାନଙ୍କରେ ବାଲି ମାଫିଆମାନେ ବେଆଇନ୍ ଭାବରେ ଦିନ ଦ୍ୱିପ୍ରହରରେ ଖୁଲମ୍ ଖୁଲା ଭାବରେ ନଦୀ ପଠାରୁ ମେସିନ୍ ସାହାଯ୍ୟରେ ବଡ଼ ବଡ଼ ହାଇୱା ଟ୍ରକ୍ ଓ ଟ୍ରାକ୍ଟର ସାହାଯ୍ୟରେ ଦୈନିକ ଶହ ଶହ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି । ଜନସାଧାରଣଙ୍କ ତରଫରୁ ଏ ବିଷୟରେ ସରକାରୀ ପ୍ରଶାସନ ଓ ପୋଲିସକୁ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ । ପ୍ରକାଶ ଥାଉକି ଏହି ଚୋରା ବାଲି କାରବାରରେ ସ୍ଥାନୀୟ ପ୍ରଶାସନିକ ଅଫିସର ଓ କର୍ମଚାରୀ ଏବଂ ପୋଲିସ ଅଧିକାରୀ, ଖଣି ବିଭାଗ ଅଧିକାରୀ ମାନେ ସଂପୃକ୍ତ ଥିବାର ସାଧାରଣରେ ଅଭିଯୋଗ ହେଉଛି । ପ୍ରକାଶଥାଉକି ବାଲିଘାଟ ନିଲାମଧାରୀ ମାନେ ନ୍ୟାସନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଓ ରାଜ୍ୟ ଲଘୁ ଖଣିଜ ଦ୍ରବ୍ୟ ଆଇନ୍‌କୁ ଉଲ୍ଲଂଘନ କରି ବାଲି ଉତ୍ତୋଳନ କରୁଛନ୍ତି । ସରକାରୀ ନିୟମ ଅନୁଯାୟୀ ବର୍ଷା ଋତୁରେ ଜୁନ୍ ୧୪ ଠାରୁ ୪ ମାସ ପର୍ଯ୍ୟନ୍ତ ବାଲିଘାଟ ବନ୍ଦ ରହିବା କଥା କିନ୍ତୁ ଏହି ନିୟମକୁ ଉଲ୍ଲଂଘନ କରି ବର୍ତ୍ତମାନ କେନ୍ଦୁଝର ଜିଲ୍ଲାରେ ବ୍ୟାପକ ଭାବରେ ନଦୀ ପଠା ମାନଙ୍କରୁ ଦିନକୁ ଶହ ଶହ ଟ୍ରି ବାଲି ବାହାର ରାଜ୍ୟକୁ ବେଆଇନ ଭାବେ ଦିନ ଦ୍ୱିପ୍ରହରରେ ଚାଲାଣ କରାଯାଉଛି । ନ୍ୟାସନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଆଇନ୍ ଅନୁଯାୟୀ ଦିନ ୭ଟାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ବାଲି ଉତ୍ତୋଳନ କରିବା କଥା କିନ୍ତୁ ନିଲାମଧାରୀ ମାନେ ଏ ଆଇନ୍‌କୁ ବେଖାତିର କରି ଦିନ ରାତି ବାଲି ଚାଲାଣ କରୁଛନ୍ତି । ଆଇନ୍ ଅନୁଯାୟୀ ଲୋକମାନଙ୍କ ଦ୍ୱାରା ଗାଡ଼ିରେ ବାଲି ବୋଝେଇ କରିବା କଥା କିନ୍ତୁ ବାଲି ଘାଟ ନିଲାମଧାରୀ ମାନେ ମେସିନ୍ ସାହାଯ୍ୟରେ ବାଲି ବର୍ଷ ବର୍ଷ ଧରି ଉତ୍ତୋଳନ କରି ଆସୁଛନ୍ତି । ଭାରୀଯାନରେ ବାଲି ପରିବହନ କରିବା ଦ୍ୱାରା ରାସ୍ତା ଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି । ଏସବୁ ପ୍ରତି ସ୍ଥାନୀୟ ପ୍ରଶାସନ ଓ ପୋଲିସ ନୀରବ ରହିବା ଅତ୍ୟନ୍ତ ପରିତାପର ବିଷୟ । ଏହି ଅବାଧ ଓ ଅବୈଧ ବାଲି ଚୋରା ଚାଲାଣକୁ ରୋକିବା ଉପରେ ପଦକ୍ଷେପ ନେବାପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ବିଜେପିର ମିଡ଼ିଆ ସଂଯୋଜକ ବ୍ରଜ କିଶୋର ରାୟ, ପ୍ରକାଶ ସୂତ୍ରଧାର, ସତ୍ୟଜିତ ସାମନ୍ତରାୟ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ବିଷୟରେ ସବିଶେଷ ତଦନ୍ତ କରି ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।

## ମରଣାନ୍ତକ ଆକ୍ରମଣ:ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପରିବାର

କୋରେଇ, ନ୍ୟୁଜ୍ ବ୍ୟୁରୋ

କୋରେଇ ଥାନା ଅନ୍ତର୍ଗତ ଟଂଚାଣିଆ ଗ୍ରାମର ବଳରାମ ଯେନାଙ୍କୁ ସେହି ଗ୍ରାମର କାର୍ତ୍ତିକ ଚନ୍ଦ୍ର ବାରିକ ଓ ତାଙ୍କ ପତ୍ନୀ ମିଳିତ ଭାବେ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ବଳରାମ ଲହୁ ଲୁହାଣ ହୋଇ କୋରେଇ ଥାନାରେ ଗତ ୧ ତାରିଖ ଲିଖିତ ଅଭିଯୋଗ କରିଥିଲେ । ଏନେଇ ପୋଲିସ ଏକ ମାମଲା ୨୮୭/୨୪ ରୁଜୁ କରିବା ସହ ତଦନ୍ତଭାର ଜଣେ ଡିଏସପିଙ୍କୁ ଦିଆଯାଇଛି । ଏହାର ତଦନ୍ତ ଚାଲୁଥିବା ବେଳେ କାର୍ତ୍ତିକ ବାରିକ ପାଲଟା ଅଭିଯୋଗ କରିବା ସହ ଜୀବନରୁ ମାରଦେବାକୁ ଷଡଯନ୍ତ୍ର କରୁଛି । ଏମିତିକି ତାଙ୍କ ପିଲାମାନଙ୍କୁ ଅପହରଣ କରିବାର ଧମକ ଦେଉଛନ୍ତି । ଯାହା ଫଳରେ ବଳରାମ ପରିବାର ଭୟଭୀତ ହୋଇଛନ୍ତି । ଜଣେ ଦଳିତ ପରିବାରକୁ ଆକ୍ରମଣ କରି ମୁଣ୍ଡ ଫାଟି ଲହୁ ଲୁହାଣ ହୋଇ ଭୟଭିତ ଅବସ୍ଥାରେ ଥିବା ବେଳେ ପୁଲିସ ଉକ୍ତ ପରିବାରକୁ ସୁରକ୍ଷା ଦେବାରେ ବିଫଳ ହୋଇଛି । ଯାହାକୁ ନେଇ କୋରେଇ ପୁଲିସ ଠାରୁ ଆଶା ତୁଟାଇ ଉକ୍ତ ପରିବାର ଏସପିଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ବଳରାମ ପରିବାର ସହିତ ମୂଳନିବାସୀ ୟୁନାଇଟେଡ ଫୋରମର ସହଦେବ ଜେନା ଓ ଯାଜପୁର ସିଭିଲ ସୋସାଇଟ ଫୋରମର ବିଶ୍ୱନାଥ ପାତ୍ରଙ୍କ ଉପସ୍ଥିତିରେ ଏନେଇ ଆଲୋଚନା କରାଯାଇଛି । ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପି ପ୍ରତିଶୃତି ଦେଇଛନ୍ତି ।

# ସିକିଲ ସେଲ ଆନିମିଆ ଭବିଷ୍ୟତ ପ୍ରଜନ୍ମ ପାଇଁ ଏକ ମହା ସଂକଟ:କୁଳପତି

ବାଲେଶ୍ୱର, ନ୍ୟୁଜ୍

ଚଳିତ ମାସର ୧୧ ତାରିଖରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ନିଜର ୨୬ ତମ ସ୍ଥାପନା ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ପରିପେକ୍ଷୀରେ ସିକିଲ ସେଲ ଆନିମିଆ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବିଭାଗ ଓ ପ୍ରାକ୍ତନ ଛାତ୍ର ସଂସଦର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରି ସେବା ଯୋଜନାର ଦାୟିତ୍ୱବୋଧର ମୂଲ୍ୟ ବୁଝି ଅଧିକ ଲୋକଙ୍କ ପାଖରେ ଏହି ରୋଗ ଓ ଏଥିପାଇଁ ଭବିଷ୍ୟତର ମହାସଂକଟ ତଥା ଏହାର ନିରାକରଣ ସମ୍ବନ୍ଧିତ ସମସ୍ତ ମୂଲ୍ୟବାନ ସୂଚନା ପହଞ୍ଚାଇବାର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧକ୍ଷ




ପ୍ରଫେସର ଭାସ୍କର ବେହେରା, ମୁଖ୍ୟବକ୍ତା ଭାବେ ଶିଶୁରୋଗ ବିଶେଷଜ୍ଞ ଡକ୍ଟର ନବକିଶୋର ପ୍ରଧାନ, ଅତିଥି ବକ୍ତା ଭାବେ ବାଲେଶ୍ୱର ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଓ ଏନଏସଏସ ସଂଯୋଜକ ଡକ୍ଟର ଦୀପକ କୁମାର ପାଣିଗ୍ରାହୀ, ବିଶ୍ୱବିଦ୍ୟାଳୟର ଆଡଜଙ୍କ୍ଟ-ପ୍ରଫେସର ପ୍ରଫେସର ବିଷ୍ଣୁପ୍ରସାଦ ଦାଶ, ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ସିକିଲ ସେଲ ଆନିମିଆ ରୋଗର କାରଣ, ନିରାକରଣ ଓ ଅନ୍ୟାନ୍ୟ ଡାକ୍ତରୀ ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟ ଗୁଡ଼ିକର ଏନ୍‌ଏସ୍‌ଏସ୍ ବିଭାଗର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ଏହି ରୋଗ ସମ୍ପର୍କରେ ଜ୍ଞାନ ଆହରଣ କରି ଏହାକୁ ବିଭିନ୍ନ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚାଇବାର ଉଦ୍ୟମ କରିବା ନେଇ ଆଶାବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ହୋଇ ସିକିଲ ସେଲ ଆନିମିଆ ସମ୍ପର୍କରେ ସଚେତନତା ହେବା ସହ ଏହାର ଚିକିତ୍ସା ବିଷୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ବନ୍ଧରେ ଅବଗତ ହୋଇଥିଲେ । ଏଥିସହ ଆନିମିଆ ମୁକ୍ତ ଭାରତ:ଆନ ଇନିସିଏଟିଭ ଆଟ ଫକୀରମୋହନ ୟୁନିଭରସିଟି ନାମକ ଏକ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ ସଞ୍ଚାଳନ କରିଥିଲେ । ତଥା ଡ଼କ୍ଟର ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଏମ୍‌ସିର ତ୍ରୁଟିପୂର୍ଣ୍ଣ ନିର୍ମାଣ ଶୈଳୀ ଯୋଗୁଁ ମାର୍କେଟ୍ କମ୍ପ୍ଲେକ୍ସ ସଫଳ ହୋଇପାରୁନି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସହରରେ ଉଠା ଦୋକାନୀ ସଂଖ୍ୟା କମାଇବା ସହ ବ୍ୟବସାୟକୁ ସୁଗମ କରିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ମାର୍କେଟ, ଭେଣ୍ଡିଂଜୋନ୍ ଆଦି ନିର୍ମାଣ କରାଯାଉଛି । ମାତ୍ର ସେଗୁଡିକୁ ଠିକ୍ ଭାବେ ଆବଣ୍ଟନ କରାଯାଉ ନଥିବାବେଳେ ନିର୍ମାଣ ସମୟରେ ଦୂରଦୃଷ୍ଟିର ଅଭାବ ତଥା ତ୍ରୁଟିପୂର୍ଣ୍ଣ ଡିଜାଇନ ପାଇଁ ଯେଉଁ ଉଦ୍ଦେଶ୍ୟ ନେଇ ମାର୍କେଟ ନିର୍ମାଣ ହେଉଛି ତାହା ସଫଳ ହୋଇପାରୁନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ୟୁନିଟ-୨ସ୍ଥିତ ଫଳ ବଜାର । ୩ ମହଲା ବିଶିଷ୍ଟ ଏହି ଫଳ ବଜାରରେ ବେପାର କରିନପାରି ବ୍ୟବସାୟୀମାନେ ନିରାଶ ହୋଇଥିବା ବେଳେ ଏହାକୁ ମାର୍କେଟ କମ୍ପ୍ଲେକ୍ସରେ ପରିଣତ କରିବା ପାଇଁ ଯୋଜନା ହେଉଥିବା ସୂଚନା ମିଳିଛି । ରାସ୍ତାକଡ଼ରେ ଫଳ ବିକ୍ରି କରୁଥିବାରୁ ଅନେକ ସମୟରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି । ଏଥିସହିତ ଫଳଗୁଡିକ ବାହାରେ ଖରା, ବର୍ଷା ଖାଇ ପଚିଶଢି ଯାଉଛି । ତେଣୁ ୟୁନିଟ୍-୨ ଫଳ ବ୍ୟବସାୟୀଙ୍କ ପାଇଁ ୨୦୧୩ରେ ଫଳ ବଜାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୫ରେ ଶେଷ ହୋଇଥିଲା । ଏହି ବଜାରର ପ୍ରତ୍ୟେକ ମହଲାରେ ୮ଫୁଟ୍ ପ୍ରସ୍ଥ ଓ ୧୦ଫୁଟ ଲମ୍ବର ୨୪ କୋଠରି ରହିଛି । ୧.୯୨ କୋଟି ବ୍ୟୟରେ ପ୍ରାୟ ୪ ହଜାର ବର୍ଗଫୁଟ ଅଞ୍ଚଳରେ ଏହି ମାର୍କେଟ କମ୍ପ୍ଲେକ ନିର୍ମାଣ କରାଯାଇଛି । ପ୍ରତି ମହଲାରେ ୨ଟି ଲେଖାଏ ମୋଟ ୬ଟି ଶୀତତାପ ନିୟନ୍ତ୍ରିତ କୋଠରି ରହିଛି । ମାତ୍ର ନିର୍ମାଣର ପ୍ରାୟ ୯ବର୍ଷ ପରେ ମଧ୍ୟ ସମ୍ପୃକ୍ତ ବଜାର ସେମିତି ବନ୍ଦ ହୋଇ ପଡିରହିଛି । ଫଳ ବଜାରରେ ବିଏମ୍‌ସି ପକ୍ଷରୁ ଲାଗିଥିବା ହୋଡିଂ ଚିରି ଯାଇଥିବାବେଳେ ଏବେ ଫଳବଜାର ସ୍ଥାନରେ କିଏ ଗାର୍ମେଣ୍ଟ ଦୋକାନ ତ ଆଉକିଏ ଇଣ୍ଟରନେଟ୍ ପଏଣ୍ଟ, ଜୁଏଲେରୀ ଦୋକାନ ଖୋଲିବାକୁ ବସିଲେଣି । ଫଳ ବ୍ୟବସାୟକୁ ଦେଖୁ ସମ୍ପୃକ୍ତ ମାର୍କେଟର ଡିଜାଇନ୍ ଠିକ୍ ଭାବେ ହୋଇନଥିବାରୁ ଅଧିକାଂଶ ସମୟରେ ଫଳ ନଷ୍ଟ ହେଉଥିଲା । ଏଥିସହ ବାହାରେ ରାସ୍ତାକଡ଼ରେ ଫଳ ବିକ୍ରି ହେଉଥିବାରୁ ଲୋକମାନେ ଏହି ବଜାରକୁ ଆସି ଫଳ କିଣିବାକୁ ପସନ୍ଦ କରି ନ ଥିଲେ । ତେଣୁ କ୍ଷତି ସହିବା ପରେ ଏବେ ଦୋକାନର ଆଲମେଣ୍ଟ ପାଇଥିବା ୭୮ଜଣ ବ୍ୟବସାୟୀ ନିଜର ବ୍ୟବସାୟ ପରିବର୍ତ୍ତନ କରିଥିବା ସୂଚନା ମିଳିଛି । ମାତ୍ର ଫଳ ବଜାରରେ ଅନ୍ୟ ବ୍ୟବସାୟ କରିବାକୁ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ଅନୁମୋଦନ ମିଳି ନଥିବାରୁ ଠିକ୍ ଭାବେ ଦୋକାନ ଖୋଲାଯାଇ ପାରୁନାହିଁ । ସେହିପରି ସମ୍ପୃକ୍ତ ବ୍ୟବସାୟୀମାନେ ଏହି ଦୋକାନ ଗୃହକୁ ଅନ୍ୟ ବ୍ୟବସାୟରେ ଲଗାଇବା ସହିତ ପୂର୍ବପରି ରାସ୍ତାକଡ଼ରେ ଫଳ ବ୍ୟବସାୟ ମଧ୍ୟ କରୁଛନ୍ତି । ତେଣୁ ଯେଉଁ ଲକ୍ଷ୍ୟ ନେଇ ବିଏମ୍‌ସି ଏହି ୩ ମହଲା ବିଶିଷ୍ଟ ଫଳବଜାର ନିର୍ମାଣ କରିଥିଲା ତାହା ଏବେ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଏନେଇ ବିଏମସିରେ ସମ୍ପୃକ୍ତ ବ୍ୟବସାୟୀମାନେ ବାରମ୍ବାର ଅଭିଯୋଗ କରି ଆସୁଥିବାବେଳେ ବିଏମ୍‌ସି ଅଧିକାରୀ ମଧ୍ୟ ନିଜ ପକ୍ଷରୁ କରାଯାଇଥିବା ଭୁଲକୁ ସ୍ୱୀକାର କରୁଛନ୍ତି । ଫଳବଜାର ପାଇଁ ଯେଉଁଭଳି ଡିଜାଇନ୍ ହେବାକଥା ତାହା ହୋଇ ନ ଥିବାରୁ ସେଠାରେ ବ୍ୟବସାୟ କରିବା ସମ୍ଭବପର ନୁହେଁ ବୋଲି ମାନିଛନ୍ତି । ତେଣୁ ସମ୍ପୃକ୍ତ ବଜାରକୁ ଫଳବଜାର ନକରି ମାର୍କେଟ କମ୍ପ୍ଲେକ୍ସ ପାଇଁ ଯୋଜନା କରାଯାଉଛି । ବଜାରର ତଳମହଲାକୁ ଫଳ ଦୋକାନ, ପ୍ରଥମ ମହଲାକୁ ଗାର୍ମେଣ୍ଟ ଏବଂ ଉପର ମହଲାକୁ ଷ୍ଟେସନାରୀ ବ୍ୟବସାୟ ପାଇଁ ବ୍ୟବହାର କରିବାକୁ ୨୦୨୩ରୁ ଜିଏକୁ ପ୍ରସ୍ତାବ ଦିଆଯାଇଛି । ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ସମ୍ପୃକ୍ତ ବଜାରରେ ଥିବା ବ୍ୟବସାୟୀଙ୍କ ଭାଗ୍ୟ ଫିଟିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଦୀର୍ଘଦିନ ପର୍ଯ୍ୟନ୍ତ ବ୍ୟବସାୟୀମାନେ ଦୋକାନ ଖୋଲି ନଥିବାରୁ ୨୦୨୨ ଅଗଷ୍ଟ ୬ରେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଥିଲା । ସମ୍ପୃକ୍ତ ସ୍ଥାନରେ ଅଗଷ୍ଟ ସୁଦ୍ଧା ଫଳ ବିକ୍ରୟ ନ କଲେ ସେମାନଙ୍କୁ ପରବର୍ତ୍ତୀ ସମୟରେ ଏଠାରେ ସ୍ଥାନ ମିଳିବ ନାହିଁ ବୋଲି ତତ୍କାଳୀନ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଚେତାବନୀ ଦେଇଥିଲେ । ଏପରିକି ଆବଶ୍ୟକ ପଡିଲେ ବ୍ୟବସାୟୀଙ୍କ ଆବଣ୍ଟନ ରଦ୍ଦ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାସହ ବିଏମ୍‌ସିକୁ ବ୍ୟବସାୟୀମାନେ ଦେଇଥିବା ଅମାନତ ରାଶି ବାଜ୍ୟାପ୍ତ କରାଯିବା ସହ ଭବିଷ୍ୟତରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଅନ୍ୟ କୌଣସି ଦୋକାନ ଗୃହ ଆବଣ୍ଟନ କରାଯିବ ନାହିଁ ବୋଲି ଦର୍ଶାଯାଇଥିଲା । ମାତ୍ର ବ୍ୟବସାୟୀମାନେ ଏହାକୁ ନେଇ ବିରୋଧ କରିବା ସହ ଏଥିପାଇଁ ବିଏମ୍‌ସିକୁ ଦାୟୀ କରିଥିଲେ ।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୦୮ ଜୁଲାଇ, ସୋମବାର,୨୦୨୪


# ବିଶ୍ୱ ଚାମ୍ପିୟନ୍ ଅଧିନାୟକ ରୋହିତଙ୍କ ଆଗରେ କାନ୍ଦିଲେ ନୀତା ଅମ୍ବାନୀ

**ନୂଆଦିଲ୍ଲୀ**



ଆଇପିଏଲ୍ ୨୦୨୪ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ହଠାତ ରୋହିତ ଶର୍ମାଙ୍କୁ ପଦରୁ ହଟାଇ ଦେଇଥିଲା। ଏହା ପରେ ଏହି ମାମଲା ବେଶ୍ ଚର୍ଚ୍ଚାରେ ରହିଥିଲା। ଏପରିକି ମୁମ୍ବାଇର ଫଲୋଅର୍ସ ସଂଖ୍ୟା କମିଯାଇଥିଲା। ହେଲେ ଏସବୁ ମଧ୍ୟରେ ପୁଣିଥରେ ବିଶ୍ୱକପ୍ ବିଜେତା ଅଧିନାୟକ ଚର୍ଚ୍ଚାରେ ରହିଛନ୍ତି। କାରଣ ଅଧିନାୟକ ପଦରୁ ହଟାଇଥିଲେ ହେଁ ଅମ୍ବାନୀ ପରିବାର ସହ ତାଙ୍କ ସମ୍ପର୍କ ପୂର୍ବଭଳି ରହିଛି। ନିକଟରେ ଅନନ୍ତ ଅମ୍ବାନୀଙ୍କ ସଙ୍ଗୀତ ଉତ୍ସବରେ ସେ ଯୋଗ ଦେଇଥିଲେ। ଏହି ଅବସରରେ ମାଲିକାଣୀ ନୀତା ଅମ୍ବାନୀ ତାଙ୍କୁ ଷ୍ଟେଜ୍ ଉପରକୁ ଡାକି କାନ୍ଦିଥିବା ଦେଖାଯାଇଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଭିଡିଓକୁ ନେଇ ଜଣେ ବ୍ୟବହାରକାରୀ ଏକ୍ସରେ କହିଛନ୍ତି ଯେ, ମୁଁ ଭାରତୀୟ ନୁହେଁ, ହେଲେ ଏସବୁ ମୋ ହୃଦୟକୁ ଛୁଇଁଛି। ଭିଡିଓ ଦେଖି ମୋ ଆଖିରେ ଲୁହ ଆସିଗଲା। ଲୋକଙ୍କୁ ସକରାତ୍ମକ କାରଣରୁ ଖୁସିହେଉଥିବା ଦେଖି ଭଲ ଲାଗେ। ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା। କହିରଖୁଛୁ, ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚେଣ୍ଟର ବିବାହ ଜୁଲାଇ ୧୨ରେ ଆରମ୍ଭ ହେବ। ଏହା ପୂର୍ବରୁ ସଙ୍ଗୀତ ସେରିମନିର ଆୟୋଜନ କରାଯାଇଥିଲା। ଏଥିରେ ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କ ସହିତ ଅନ୍ୟ ଖେଳାଳି ସାମିଲ ହୋଇଥିଲେ।

# ଦ୍ୱିତୀୟ ଟି-୨୦ରେ ଜିମ୍ବାୱେକୁ ୧୦୦ ରନ୍‌ରେ ହରାଇଲା ଟିମ୍ ଇଣ୍ଡିଆ

**ହରାରେ**

ଶନିବାର ଅପ୍ରତ୍ୟାଶିତ ଢଙ୍ଗରେ ଭାରତର ଯୁବ ବାହିନୀ ଜିମ୍ବାୱେ ଠାରୁ ହାରି ଯାଇଥିଲା। ହେଲେ ଏହାର ମଧୁର ପ୍ରତିଶୋଧ ନେଇଛି ଶୁବମନ ଗିଲ୍‌ଙ୍କ ଭାରତୀୟ ଟିମ୍। ଦ୍ୱିତୀୟ ଟି-୨୦ରେ ଭାରତୀୟ ଟିମ୍ ଜିମ୍ବାୱେକୁ ୧୦୦ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂରେ ଭାରତୀୟ ବ୍ୟାଟରମାନେ ଜିମ୍ବାୱେର ସବୁ ବୋଲରଙ୍କୁ କଡ଼ା ପ୍ରହାର କରିଥିଲେ।

ଅଭିଷେକ ଶର୍ମାଙ୍କ ୧୦୦, ଋତୁରାଜ ଗାଇକ୍ୱାଡ୍‌ଙ୍କ ଅପରାଜିତ ୭୭ ଓ ରିଙ୍କୁ ସିଂହଙ୍କ ଅପରାଜିତ ୪୮ ରନର ଭାରତୀୟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ବିଶାଳ ୨୩୪ ରନ କରିଥିଲା। ଏହାକୁ ପିଛା କରୁଥିବା ଜିମ୍ବାୱେ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୩୪ ରନ କରିପାରିଥିଲା। ଭାରତ ଏହି ମ୍ୟାଚ୍‌କୁ ଜିତି ୫ ଟିକିଆ ଟି-୨୦ ସିରିଜ୍‌କୁ ୧-୧ ସ୍ଥିତିକୁ ନେଇ ଆସିଛି।



ଘରୋଇ ପରିବେଶରେ ୨୩୫ ରନର ଟାର୍ଗେଟ ପାଇଥିବା ଜିମ୍ବାୱେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ଇନୋସେଣ୍ଟ କାଇଆ ମାତ୍ର ୪ ରନ କରି ପୁଣିଥରେ ମୁକେଶ କୁମାରଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ବ୍ରାଏନ ବେନେଟ କିଛି ବଡ଼ ସଟ ଖେଳିଥିଲେ ହେଁ କେବଳ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କୁ ମୁକେଶ କୁମାର ଆଉଟ କରିଥିଲେ। ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା(୪) ଓ ଡିଓନ ମେୟର୍ସ(୦)ଙ୍କୁ ଆବେଶନ ଖାନ ଗୋଟିଏ ଓଭରରେ ଆଉଟ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

ଜୋନାଥନ କମ୍ପବେଲ(୪)ଙ୍କୁ ୱାଶିଂଟନ ସୁନ୍ଦର ଓ କ୍ଲାଏଭ ମାଣ୍ଡାଡେ(୦)ଙ୍କୁ ରବି ବିଷ୍ଣୋଇ ପ୍ୟାଭିଲିୟନ ପଠାଇ ଭାରତର ବିଜୟ ଏକପ୍ରକାରର ନିଶ୍ଚିତ କରି ଦେଇଥିଲେ। ୱେଲିଂଟନ ମାସାକାଜା ୧ ରନ କରି ରନଆଉଟ ହୋଇଥିଲେ। ଜିମ୍ବାୱେ ୭୧ ରନରେ ୭ ୱିକେଟ ହରାଇଥିଲା। ଗୋଟିଏ ପଟେ ୱିକେଟ ଯାଉଥିବା ବେଳେ ଦଳର ଓପନର ସ୍ୱେଲେ ମାଧେଭେରେ ଖୁଣ୍ଟ ଭଳି ଛିଡ଼ା ହୋଇଥିଲେ। ସେ ଅର୍ଦ୍ଧଶତକ ଆଡ଼କୁ ଯାଉଥିବା ବେଳେ ତାଙ୍କୁ ରବି ବିଷ୍ଣୋଇ ଆଉଟ କରି ସବୁ ଆଶାରେ ପାଣି ପକାଇ ଦେଇଥିଲେ। ମାଧେଭେରେ ୩୯ ବଲରେ ୪୩ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ଗୋଟିଏ ଛକା ଓ ୩ଟି ଚୌକା ମାରିଥିଲେ।

ଲୁକେ ଜୋଙ୍ଗ୍‌ୱେ ଶେଷ ଭାଗରେ କିଛି ବଡ଼ ସଟ ଖେଳିବାରୁ ଦଳୀୟ ସ୍କୋର ୧୦୦ ପାର କରିଥିଲା। ତେବେ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ଥିଲା। ଜୋଙ୍ଗ୍‌ୱେ ଦମ୍‌ଦାର ବ୍ୟାଟିଂ କରୁଥିବା ବେଳେ ଆବେଶ ଖାନ ୨ ରନ କରିଥିବା ବ୍ଲେସିଂ ମୁଜାରାବାନିଙ୍କୁ ଆଉଟ କରି ଜିମ୍ବାୱେକୁ ୯ମ ଝଟ୍‌କା ଦେଇଥିଲେ। ତଥାପି ଜୋଙ୍ଗ୍‌ୱେ ସଟ ଖେଳିବା ବନ୍ଦ କରି ନଥିଲେ। କିନ୍ତୁ ୧୯ତମ ଓଭରର ୪ର୍ଥ ବଲରେ ମୁକେଶ କୁମାର ୩୩ ରନ କରିଥିବା ଜୋଙ୍ଗ୍‌ୱେଙ୍କୁ ଆଉଟ କରି ଜିମ୍ବାୱେ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଜିମ୍ବାୱେ ୧୮.୪ ଓଭରରେ ୧୩୪ କରି ସମସ୍ତ ୱିକେଟ ହରାଇବାରୁ ଭାରତ ୧୦୦ ରନରେ ମ୍ୟାଚ୍ ଜିତି ନେଇଥିଲା।

# ବାରିପଦାରେ ପ୍ରଥମ ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କ୍ରୀଡ଼ା ଓ କ୍ରୀଡ଼ାବିତ ମାନଙ୍କର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ଚେଷ୍ଟିତ। ଏହି ପରିପ୍ରେକ୍ଷୀରେ ଜିଲ୍ଲା କ୍ରୀଡା ବିଭାଗ ଏବଂ ଓଡ଼ିଶା ସନ୍ତରଣ ଆସୋସିଏସନର ମିଳିତ ଆନୁକୂଲ୍ୟରେ ପ୍ରଥମ ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାରିପଦାସ୍ଥ ଦେବେନ୍ଦ୍ରପୁର ଠାରେ ନୂତନ ଭାବେ ନିର୍ମିତ ବିଜୁ ପଟ୍ଟନାୟକ ସନ୍ତରାଣାଗାର ଠାରେ ବିଭିନ୍ନ ବର୍ଗର ପ୍ରତିଯୋଗୀ ମାନଙ୍କୁ ନେଇ ଏହି ପ୍ରତିଯୋଗିତା ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜ ଦେଓ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମୁଦାୟ ୪୫ଟି ବର୍ଗରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା। ଏହି କାର୍ଯ୍ୟକ୍ରମର ସଂଯୋଜନା, ସନ୍ତରାଣାଗାରର ସମ୍ପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁଡ଼ କରିଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅନନ୍ତ ମୋହନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ସୂଚନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପଣିଙ୍କ ଠାରୁ ପ୍ରକାଶ।

# ରାହୁଲ ଦ୍ରାବିଡ୍‌ଙ୍କ ପାଇଁ ଭାରତ ରତ୍ନ ଦାବି କଲେ ସୁନୀଲ ଗାଭାସ୍କର

**ନୂଆଦିଲ୍ଲୀ**

କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ରାହୁଲ ଦ୍ରାବିଡଙ୍କ ପାଇଁ ଦାବି କରିଛନ୍ତି। ଭାରତୀୟ ଟିମ୍‌ର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ଭାରତର ଟି-୨୦ ବିଶ୍ୱକପ ଜିତିବା ସହ ଶେଷ ହୋଇଛି।



ଦ୍ରାବିଡଙ୍କ କାର୍ଯ୍ୟକାଳ ସମୟରେ ଭାରତୀୟ ଟିମ୍ ଅନେକ ସଫଳତା ପାଇଛି। ଦଳ ଫାଇନାଲ ଠାରୁ ଆରମ୍ଭ କରି ଦିନିକିଆ ବିଶ୍ୱକପ ଫାଇନାଲ ତାଙ୍କ କୋଚିଂ ସମୟରେ ଖେଳିଥିଲା। ସେହିପରି ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ ଫାଇନାଲରେ ଦଳ ଚାମ୍ପିୟନ ହୋଇଛି।

ଏହାବାଦ୍ ଭାରତ ଏସିଆ କପ୍‌ରେ ମଧ୍ୟ ଚାମ୍ପିୟନ ହୋଇଥିଲା। ଭାରତୀୟ ଟିମ୍‌ର ମୁଖ୍ୟ କୋଚ୍ ହେବା ପୂର୍ବରୁ ଭାରତର କ୍ରିକେଟ ପ୍ରତି ତାଙ୍କର ଅନେକ ଅବଦାନ ରହିଥିଲା। ସେ ଏନସିଏର ମୁଖ୍ୟ ରହିଥିଲେ। ୨୦୧୮ରେ ତାଙ୍କ କୋଚିଂରେ ଭାରତ ଅଣ୍ଡର ୧୯ ବିଶ୍ୱକପ ଜିତିଥିଲା। ଭାରତୀୟ ଟିମ୍ ପାଇଁ ସେ ଖେଳିବା ସମୟରେ ୨୪,୧୭୭ ରନ ମଧ୍ୟ କରିଛନ୍ତି। ଉଭୟ ଅନ୍‌ଫିଲ୍ଡ ଓ ଅଫ୍ ଫିଲ୍ଡରେ ସେ ଭାରତୀୟ କ୍ରିକେଟକୁ ଅନେକ କିଛି ଦେଇଛନ୍ତି। ତେଣୁ ଭାରତ ସରକାର ତାଙ୍କୁ ଭାରତ ରତ୍ନ ସମ୍ମାନ କରିବା ଦରକାର ବୋଲି ଗାଭାସ୍କର ମତ ରଖିଛନ୍ତି।

ଗାଭାସ୍କରଙ୍କ କହିବା କଥା ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ପ୍ରଥମଥର ୱେଷ୍ଟଇଣ୍ଡିଜରେ ସିରିଜ୍ ଜିତିଥିଲା। ଇଂଲଣ୍ଡରେ ୩ ଜଣ କ୍ୟାପ୍ଟେନ ଭାରତ ପାଇଁ ଇଂଲଣ୍ଡରେ ଟେଷ୍ଟ ସିରିଜ୍ ଜିତିଛନ୍ତି। ସେମାନଙ୍କ ମଧ୍ୟ ଦ୍ରାବିଡ ରହିଛନ୍ତି। ସେ ଅନେକ ଯୁବ ଖେଳାଳିଙ୍କୁ ଏନସିଏ ମୁଖ୍ୟ ଥିବା ବେଳେ ନିଜ ହାତରେ ଗଢ଼ିଛନ୍ତି। କୋଚ୍ ଭାବେ ସେ ନିଜର ଦକ୍ଷତା ଦେଖାଇଛନ୍ତି।

ଚଳିତ ବର୍ଷ ସମାଜ ପ୍ରତି ନିଜର ଉଲ୍ଲେଖନୀୟ ଅବଦାନ ପାଇଁ କିଛି ନେତାଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସେମାନଙ୍କର ପ୍ରଭାବ କେବଳ ଦଳରେ କିମ୍ବା ସେମାନେ ଆସିଥିବା ଦଳ ମଧ୍ୟରେ ସୀମିତ ଥିବା ବିନା ସଙ୍କୋଚରେ କୁହାଯାଇ ପାରିବ। ହେଲେ ଦ୍ରାବିଡ୍‌ଙ୍କ ଅବଦାନ ସମସ୍ତ ଦଳ, ଜାତି, ଧର୍ମ ଓ ସଂପ୍ରଦାୟକୁ ଖୁସି ଦେଇଛି। ପୂରା ଦେଶକୁ ସେ ଖୁସି ଦେଇଛନ୍ତି। ତେଣୁ ଦ୍ରାବିଡ୍‌ଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ମିଳିବା ଦରକାର ବୋଲି ଗାଭାସ୍କର କହିଛନ୍ତି।

# ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବନି ଟିମ୍ ଇଣ୍ଡିଆ : ଚିନ୍ତାରେ ପିସିବି



**ନୂଆଦିଲ୍ଲୀ**

ଟି୨୦ ବିଶ୍ୱକପ୍ ଶେଷ ହେବା ପରେ ଆଇସିସି ଏବେ ଆଗାମୀ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ୍ସ ଟ୍ରଫି ପ୍ରସ୍ତୁତିରେ ଲାଗି ପଡ଼ିଛି। ଏହା ପାକିସ୍ତାନରେ ଖେଳାଯିବ। ଏଥିଲାଗି ପାକିସ୍ତାନ କ୍ରିକେଟ ବୋର୍ଡ ମଇଦାନ ମରାମତି କରିବା ଆରମ୍ଭ କରିଛି। ଏହାଛଡ଼ା ଆଇସିସିକୁ ପଠାଯାଇଥିବା କାର୍ଯ୍ୟକ୍ରମ ସୂଚନା ଅନୁଯାୟୀ ଟୁର୍ଣ୍ଣାମେଣ୍ଟ ଫେବୃୟାରୀ ୧୯ରୁ ମାର୍ଚ୍ଚ ଯାଏ ହେବ। ଟିମ୍ ଇଣ୍ଡିଆ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଯାଉ ବୋଲି ପିସିବି ଚେଷ୍ଟା ଚଳାଇଛି। ହେଲେ ବିସିସିଆଇ ବଡ଼ ଝଟ୍‌କା ଦେଇଛି, ଯାହାକୁ ନେଇ ବୋର୍ଡ ଏବେ ଚିନ୍ତାରେ ପଡ଼ିଯାଇଛି ପିସିବି।

କ୍ରିକେଟରେ ଭାରତୀୟ ଟିମ୍ ଯେଉଁଠାରେ ମ୍ୟାଚ୍ ଖେଳେ ସେଠାରେ ଭଲ ରୋଜଗାରର ସୁଯୋଗ ଥାଏ। ଏଣୁ ବିପଦରେ ପଡ଼ିଥିବା ପାକିସ୍ତାନ ବୋର୍ଡ ଏହି ମଉକା ଛାଡ଼ିବାକୁ ଚାହୁଁନାହିଁ। ବିସିସିଆଇକୁ ମନାଇବା ଲାଗି ଗୋଟିଏ ଭେନ୍ୟୁର ଅଫର ମଧ୍ୟ ପିସିବି ଦେଇଥିଲା। ଏହାସତ୍ତ୍ୱେ ବିସିସିଆଇ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ଚାହୁଁନାହିଁ। ରିପୋର୍ଟ ମୁତାବକ ଚାମ୍ପିୟନ୍ସ ଟ୍ରଫିକୁ ନେଇ କୌଣସି ଆଲୋଚନା ହୋଇନାହିଁ। ହେଲେ ସେଠାକୁ ଯିବାର ଆଶା କମ୍। ଏହି ମାମଲାରେ ଶେଷ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ଉପରେ ନିର୍ଭର କରେ।

ତେବେ ଟିମ୍ ଇଣ୍ଡିଆ ପାକିସ୍ତାନ ନ ଯିବା ପଛରେ ସବୁଠାରୁ ବଡ଼ କାରଣ ଉଭୟ ଦେଶ ମଧ୍ୟର ସମ୍ପର୍କ ଦୀର୍ଘ ସମୟ ଧରି ଚାଲିଥିବା ଶତ୍ରୁତାପୂର୍ଣ୍ଣ ମନୋଭାବ ସହ ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସମ୍ପର୍କ ଶେଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତ ସରକାର ଖେଳାଳିଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଥାନ୍ତି। ଏଣୁ ଦୁଇ ଦେଶ କେବେହେଲେ ସିରିଜ୍ ଖେଳୁନାହାନ୍ତି। ୨୦୦୮ ପରଠାରୁ ଭାରତ ପାକିସ୍ତାନ ଗସ୍ତ କରିନାହିଁ।

# ଦଳ ଛାଡ଼ିଲେ ଗମ୍ଭୀର

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍ ବିଜୟ ପରେ ଭାରତୀୟ ଟିମ୍‌ର ହେଡ୍ କୋଚ୍ ରାହୁଲ ଦ୍ରାବିଡ଼ କୋଚ୍ ପଦରୁ ବିଦାୟ ଘୋଷଣା କରିଛନ୍ତି। ଅନ୍ୟପଟେ ତାଙ୍କ ସ୍ଥାନରେ ଭାରତୀୟ ଦଳର ପୂର୍ବତନ ଖେଳାଳି ଗୌତମ ଗମ୍ଭୀର ମୁଖ୍ୟ କୋଚ୍ ରେସ୍‌ର ଆଗରେ ରହିଛନ୍ତି। ବିସିସିଆଇ ଖୁବ୍‌ଶୀଘ୍ର ଗମ୍ଭୀରଙ୍କ ନିଯୁକ୍ତି ନେଇ ଘୋଷଣା କରିପାରନ୍ତି। ହେଲେ ଏହା ପୂର୍ବରୁ ଗମ୍ଭୀରଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। କୁହାଯାଉଛି ଯେ ଆଇପିଏଲ୍ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ୍ ରାଇଡ଼ରର ମେଣ୍ଟର ପଦକୁ ଗମ୍ଭୀର ଗୁଡ୍‌ବାଏ କହିଛନ୍ତି। ସେ କୋଲକାତାର ଇଡେନ୍ ଗାର୍ଡେନ ଷ୍ଟାଡିୟମ୍ ଯିବା ସହ ପଡ଼ିଆରେ ଛିଡ଼ା ହୋଇ ଫ୍ୟାନ୍ସଙ୍କ ପାଇଁ ଏକ ଇମୋସନାଲ୍ ଭିଡିଓ ସୁଟ୍ କରିଛନ୍ତି। ଗମ୍ଭୀରଙ୍କ ମେଣ୍ଟରସିପ୍‌ରେ କୋଲକାତା ନାଇଟ୍ ରାଇଡର ଆଇପିଏଲ୍ ୨୦୨୪ରେ ଚାମ୍ପିୟନ ହୋଇଥିଲା। କେକେଆର ତିନିଥର ଆଇପିଏଲ୍ ଚାମ୍ପିୟନ୍ ହୋଇଛି। ଗମ୍ଭୀରଙ୍କ ଅଧିନାୟକତ୍ୱରେ କେକେଆର ଦୁଇଥର ଟ୍ରଫି ଜିତିଥିବା ବେଳେ ମେଣ୍ଟରସିପ୍‌ରେ ଥରେ ଟ୍ରଫି ଜିତିଛି। ଟାଇମ୍ସ ନାଓର ରିପୋର୍ଟ ମୁତାବିକ, ଗମ୍ଭୀର ଶୁକ୍ରବାର ଇଡେନ ଗାର୍ଡେନ୍‌ରେ ପହଞ୍ଚିବା ପରେ ଫ୍ୟାନ୍ସ ଏବଂ ଫ୍ରାଞ୍ଚାଇଜ୍‌କୁ ଅଲ୍‌ବିଦା କହିବା ପାଇଁ ଏକ ଭିଡିଓ ସୁଟ୍ କରିଥିଲେ।

# ଚାମ୍ପିୟନ୍ସ ଟ୍ରଫି ଓ ଡବ୍ଲୁଟିସିରେ ଭାରତର ନେତୃତ୍ୱ ନେବେ ରୋହିତ ଶର୍ମା : ଜୟ ଶାହ

**ନୂଆଦିଲ୍ଲୀ**

ଆସନ୍ତା ବର୍ଷ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱ ଟେଷ୍ଟ ଚାମ୍ପିୟନସିପର ସମସ୍ତ ମ୍ୟାଚ୍‌ରେ ଭାରତୀୟ କ୍ରିକେଟ ଟିମ୍‌ର କମାଣ ରୋହିତ ଶର୍ମା ହିଁ ସମ୍ଭାଳିବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ ନିଶ୍ଚିତ କରିଛନ୍ତି। ଏଥିସହ ଟି-୨୦ ବିଶ୍ୱକପ ଭଳି ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ଚାମ୍ପିୟନ୍ସ ଟ୍ରଫି ଓ ଫାଇନାଲ ଖେଳିବ ଓ ଟ୍ରଫି ଜିତିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ ଭାରତ ରୋହିତଙ୍କ କ୍ୟାପ୍ଟେନ୍ସିରେ ଜିତିଥିଲା। ବିଶ୍ୱକପ ଜିତିବା ପରେ ରୋହିତ ଟି-୨୦ ଅନ୍ତର୍ଜାତୀୟକୁ ଅଲବିଦା କହିଥିଲେ। କିନ୍ତୁ ସେ ଭାରତ ପାଇଁ ଟେଷ୍ଟ ଓ ଦିନିକିଆ ଖେଳିବେ ବୋଲି ସ୍ପଷ୍ଟ କରିଥିଲେ। ସେ କେବଳ ଖେଳିବେ ନାହିଁ ବରଂ ଭାରତର ନେତୃତ୍ୱ ମଧ୍ୟ ନେବେ ବୋଲି ଶାହ ସ୍ପଷ୍ଟ କରିଛନ୍ତି।



ଗୋଟିଏ ଭିଡିଓ ବାର୍ତ୍ତା ଜାରି କରି ଶାହ କହିଛନ୍ତି, ମୁଁ ନିଶ୍ଚିତ ଯେ ରୋହିତ ଶର୍ମାଙ୍କ କ୍ୟାପ୍ଟେନ୍ସିରେ ଆମେ ଫାଇନାଲ ଓ ଚାମ୍ପିୟନ୍ସ ଟ୍ରଫି ଜିତିବୁ। ଐତିହାସିକ ବିଜୟ ପାଇଁ ମୁଁ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଉଛି। ଏହି ବିଜୟକୁ ମୁଁ ରୋହିତ ଶର୍ମା, ବିରାଟ କୋହଲି, ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ୍ ଓ ରବୀନ୍ଦ୍ର ଜାଡ଼େଜାଙ୍କୁ ଉତ୍ସର୍ଗ କରିବାକୁ ଚାହୁଁଛି।

ଗଲା ଗୋଟିଏ ବର୍ଷ ମଧ୍ୟରେ ଏହା ଆମର ତୃତୀୟ ଫାଇନାଲ। ଆମେ ୨୦୨୩ ଜୁନରେ ଆମେ ଅଷ୍ଟ୍ରେଲିଆ ଠାରୁ ହାରିଥିଲୁ। ୨୦୨୩ ନଭେମ୍ବରରେ ଆମେ ୧୦ଟି ବିଜୟ ହାସଲ କରି ଲୋକଙ୍କ ହୃଦୟ ଜିତିଥିଲୁ। କିନ୍ତୁ ଆମେ ବିଶ୍ୱକପ ଜିତି ପାରି ନଥିଲୁ। ଚଳିତ ବର୍ଷ ଫେବୃଆରୀ ୧୪ରେ ମୁଁ ରାଜକୋଟରେ କହିଥିଲି ଯେ ୨୦୨୪ ଜୁନ୍ ମାସରେ ଆମେ ଲୋକଙ୍କ ହୃଦୟ ସହ ଟି-୨୦ ବିଶ୍ୱକପ ଜିତିବୁ। ବାର୍ବଡସରେ ତ୍ରିରଙ୍ଗା ପୋତିବୁ। ଆମ ଅଧିନାୟକ ତାହା କରି ଦେଖାଇଛନ୍ତି। ଫାଇନାଲ ବିଜୟରେ ଶେଷ ୫ ଓଭର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଏଥିପାଇଁ ମୁଁ ସୂର୍ଯ୍ୟ କୁମାର ଯାଦବ(ଡେଭିଡ ମିଲରଙ୍କ ଚମତ୍କାର କ୍ୟାଚ୍ ଧରିଥିଲେ), ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ବର୍ତ୍ତମାନ ଆମର ପରବର୍ତ୍ତୀ ଟାର୍ଗେଟ ହେଉଛି ଫାଇନାଲ ଓ ଚାମ୍ପିୟନ୍ସ ଟ୍ରଫି ଜିତିବା।

# ହାର୍ଦ୍ଦିକ-ନତାଶାଙ୍କ ସମ୍ପର୍କରେ ଫାଟ

**ନୂଆଦିଲ୍ଲୀ**

ଟି୨୦ ବିଶ୍ୱକପ୍ ୨୦୨୪ରେ ସ୍ୱତନ୍ତ୍ର ଯୋଗଦାନ ଦେଇଥିବା ଭାରତୀୟ କ୍ରିକେଟ ଟିମ୍‌ର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଚର୍ଚ୍ଚାରେ। କିଛି ଦିନ ଧରି ପତ୍ନୀ ନତାଶା ଷ୍ଟେନ୍‌କୋଭିକ୍‌ଙ୍କ ସହ ତାଙ୍କ ସମ୍ପର୍କରେ ତିକ୍ତତା ଆସିଥିବା ନେଇ ଖବର ପ୍ରକାଶ ପାଉଛି। ଏସବୁ ମଧ୍ୟରେ ହାର୍ଦ୍ଦିକ ନିରବ ରହିଆସୁଛନ୍ତି। ହେଲେ ଶୁକ୍ରବାର ଅପରାହ୍ନରେ ଅନନ୍ତ ଅମ୍ବାନୀଙ୍କ ସଙ୍ଗୀତ ସେରିମନିରେ ସେ ଏକାକୀ ପହଞ୍ଚିବା ପରେ ଛାଡ଼ପତ୍ର ହେବା ନିଶ୍ଚିତ ବୋଲି କୁହାଯାଉଛି। ପାଣ୍ଡ୍ୟା ମୁମ୍ବାଇରେ ହେଉଥିବା ଅନନ୍ତ ଏବଂ ରାଧିକାଙ୍କ ସଙ୍ଗୀତ ସମାରୋହରେ ଏକାକୀ ସାମିଲ ହୋଇଥିଲେ। ହେଲେ ଅନ୍ୟ କ୍ରିକେଟରମାନେ ପତ୍ନୀଙ୍କ ସହ ଆସିଥିଲେ। ଏହି ଫଟୋ ଭାଇରାଲ ହେବା ପରେ ସ୍ତ୍ରୀଙ୍କ ସହ ତାଙ୍କ ସମ୍ପର୍କ ଠିକ୍ ଚାଲି ନ ଥିବା କୁହାଯାଉଛି।

ଏହାପୂର୍ବରୁ ପାଣ୍ଡ୍ୟା ମୁମ୍ବାଇରେ ଟିମ୍ ଇଣ୍ଡିଆ ଦ୍ୱାରା ଭବ୍ୟ ବିଶ୍ୱକପ୍ ବିଜୟ ପରେଡ୍ ସମାପ୍ତ କରିବା ପରେ ପରିବାର ସହ ଖୁସି ମନାଇଥିଲେ। ଏହା ପରେ ସେ ପୁଅ ଅଗସ୍ତ୍ୟଙ୍କ ସହ ଫଟୋ ପୋଷ୍ଟ କରିଥିଲେ। ହେଲେ ସ୍ତ୍ରୀ ନତାଶା ସେସବୁରେ ନ ଥିଲେ। ଏଣୁ ପ୍ରଶଂସକଙ୍କ ଚିନ୍ତା ବଢ଼ିଛି।

# ଆଲୁମିନି ଗାର୍ଡେନ ଓ ୱାନ ଷ୍ଟୁଡେଣ୍ଟ, ୱାନ ପ୍ଲାଣ୍ଟ ପାଇଁ ଯୋଜନା ଚୂଡ଼ାନ୍ତ

**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ପ୍ରାକ୍ତନ ଛାତ୍ରସଂସଦ ଉଦ୍ୟାନ ଓ ଛାତ୍ରଜଣେ ଗଛଟିଏ କାର୍ଯ୍ୟକ୍ରମକୁ ଚଳିତ ବର୍ଷ ଚୂଡ଼ାନ୍ତ ରୂପ ଦିଆଯିବ। ପ୍ରାକ୍ତନ ଛାତ୍ର ସଂସଦର ଚତୁର୍ଥ ସମ୍ମିଳନୀ ଆୟୋଜନର ପ୍ରସ୍ତୁତି ବୈଠକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ନିଆଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର ରୌପ୍ୟଜୟନ୍ତୀ ବର୍ଷ ପାଳନର ଶେଷ ପର୍ଯ୍ୟାୟ ପରିପେକ୍ଷୀରେ ସପ୍ତାହବ୍ୟାପୀ ପାଳନ ହେବାକୁ ଥିବା କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ସୂଚୀତ କରାଯାଇଛି। ଏହି ବୈଠକରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଆଲୁମିନି ସଂସଦର ସେକ୍ରେଟାରୀ ଡକ୍ଟର ଦେବଦତ୍ତ ଦାସ, ଆସିଷ୍ଟାଣ୍ଟ ସେକ୍ରେଟାରୀ ଡକ୍ଟର ଜଗନ୍ନାଥ ବେହେରା, ଭାଇସ ପ୍ରେସିଡେଣ୍ଟ ଡକ୍ଟର ମିନତୀ ମିଶ୍ର, ପୁରାତନ ଛାତ୍ର ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ଏବଂ ଚଳିତ ମାସ ୯ ତାରିଖ ଆୟୋଜିତ ହେବାକୁ ଯାଉଥିବା ଏହି ମେଗା ଆଲୁମିନି ମିଟ୍-୨୦୨୪ର କାର୍ଯ୍ୟସୂଚୀ ସଂପର୍କରେ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସଂସ୍କରଣରେ ଏକ 'ଆଲୁମିନି ଗାର୍ଡେନ' କରାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଛି। 'ୱାନ ଷ୍ଟୁଡେଣ୍ଟ, ୱାନ ପ୍ଲାଣ୍ଟ' ସ୍ଲୋଗାନକୁ ସଂଯୋଜିତ କରାଯାଇଛି। ସମସ୍ତ ଆଲୁମିନି ନିଜେ ଏକ ଫଳଗଛର ଚାରା ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରେ ରୋପଣ କରିବାର କାର୍ଯ୍ୟକ୍ରମ ରହିଛି।ଏହାକୁ ସ୍ୱତନ୍ତ୍ର 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଲୁମିନି ଗାର୍ଡେନ' ନାମରେ ନାମିତ କରାଯିବ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଚାନ୍ଦିପୁର ପି.ଏକ୍ସ. ଇ ର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ଓ ସାହିତ୍ୟିକ ହର ପ୍ରସାଦ ଦାସ ଯୋଗଦେବା ନେଇ ସୂଚନା ପ୍ରଦାନ କରାଯାଇଛି। ଆମନ୍ତ୍ରିତ ଆଲୁମିନି ସଂସଦର ସଦସ୍ୟଙ୍କ ବିଶ୍ରାମ ଓ ଭୋଜନର ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିସହ ସଦସ୍ୟଙ୍କ ଯାତାୟାତକୁ ସୁବ୍ୟବସ୍ଥିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ବସ୍‌ର ସୁବିଧା ଉପଲବ୍ଧ କରାଯାଇଛି। ଏହି ମେଗା ସମ୍ମିଳନୀରେ ଯୋଗଦେଇ ସଫଳ ରୂପାୟନ କରିବା ନିମନ୍ତେ ସମସ୍ତ ଆଲୁମିନିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇ ଅଭିନନ୍ଦନ ଜ୍ଞାପନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ ବିଭାଗରୁ ଚୟନ କରାଯାଇଥିବା ୨୭ ଜଣ ବିଶିଷ୍ଟ ଆଲୁମିନି ସଂସଦର ସଦସ୍ୟଙ୍କୁ ସମ୍ବର୍ଦ୍ଧନା କରାଯିବ। ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସମ୍ମିଳନୀଟି ଅପରାହ୍ନ ୩ଟାରୁ ଆରମ୍ଭ ହୋଇ ଚାରାରୋପଣ, ସଂସଦର ବୈଠକ ସଂପାଦନ ସହ ସନ୍ଧ୍ୟାକାଳିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶେଷ ହେବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ରଚିତ ଐତିହ୍ୟ ଗଳ୍ପ 'ରାଣ୍ଡିପୁଅ ଅନନ୍ତା'ର ନାଟ୍ୟରୂପ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ହେବାର କାର୍ଯ୍ୟକ୍ରମ ରହିଛି।




# ରଥଯାତ୍ରାଦିନ ନର୍ଦ୍ଦମା ପାଣିରେ ବୁଡ଼ିଲା ମାଉସୀ ମା' ମନ୍ଦିରର ଚତୁଃପାର୍ଶ୍ୱ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ରଥଯାତ୍ରା ଦିନ ସାମାନ୍ୟ ବର୍ଷାରେ ମାଉସୀ ମା' ମନ୍ଦିରରେ ଦ୍ୱିତୀୟ ପାହାଚ ନାଳନର୍ଦ୍ଦମା ପାଣି ପଶି ବୁଡ଼ିବା ପରିତାପର ବିଷୟ କହିଲେ କିଛି ଭୁଲ ହେବନାହିଁ। କାରଣ ଆନନ୍ଦପୁର ଦେବୋତ୍ତର ବିଭାଗ ସବୁ ବର୍ଷ ଜାଣିଛି ମାଉସୀ ମା' ମନ୍ଦିର ୫୩ ନମ୍ବର ଜାତୀୟ ରାଜପଥ ଠାରୁ ଖାଲରେ ଅଛି। କିନ୍ତୁ ବାଲି ଗଣ୍ଡାଏ ପକାଇବାକୁ ମନେପଡ଼େନାହିଁ। ଆନନ୍ଦପୁର ପୌର ପରିଷଦ ଅଫିସରଙ୍କୁ କହିଲେ ସେ କହୁଛନ୍ତି ସେ ଆମ କାମ ନୁହେଁ ଏହା ଦେବୋତ୍ତର ବିଭାଗ କାମ। କିନ୍ତୁ କଥାହେଲା ଗୋଟିଏ ବିଭାଗ ଅନ୍ୟ ବିଭାଗକୁ ଦୋଷ ଦେଇ ଜଗନ୍ନାଥ ମହାପ୍ରଭୁଙ୍କୁ ଡ୍ରେନ୍ ପାଣିରେ ବୁଡ଼ାଇ ରଖିବା କେତେ ଦୂର ଯାଥାର୍ଥ ସମୟ କହିବ। ସାତ ନମ୍ବର ୱାର୍ଡରେ ଥିବା ଏହି ମାଉସୀ ମା' ମନ୍ଦିର ଡ୍ରେନ ଗୁଡ଼ିକ ମୁକୁଳା ପଡିଥିଲେ ବି ନିର୍ବାଚିତ କାଉନସିଲର ନଜରକୁ ଆସୁନାହିଁ କି ଦୀର୍ଘ ଦିନ ହେବ ଡ୍ରେନ୍‌ଗୁଡ଼ିକ କିପରି ସଫା ହୋଇ ବାଲି କାଢ଼ି ସ୍ଲାପ୍ ପକାଇବା ନଜରକୁ ନ ଆସିବା ଦୁର୍ଭାଗ୍ୟର ବିଷୟ। ତୁରନ୍ତ ଏସବୁ ସମସ୍ୟା ପ୍ରଶାସନ ଏବଂ ନିର୍ବାଚିତ ପ୍ରତିନିଧି ସମାଧାନ ନ କଲେ ଆଗାମୀ ଦିନରେ ସମସ୍ତ ନାଗରିକ ଏବଂ ବୁଦ୍ଧିଜୀବୀ ରାଜ ରାସ୍ତାକୁ ଓହ୍ଲାଇ ଧାରଣା ଦେବେ।



# ନାହିଁ ନାହିଁରେ ଚାଲିଛି ବ୍ରହ୍ମପୁରର ଏକମାତ୍ର କର୍ମଜୀବୀ ମହିଳା ନିବାସ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

କର୍ମଜୀବୀ ମହିଳାଙ୍କ ପାଇଁ ଜରୁରୀ ଏକ ସୁରକ୍ଷିତ ସ୍ଥାନ। ସହର ବାହାରୁ ଅନେକ ମହିଳା ଓ ଯୁବତୀ ଆସି ସହରରେ ବିଭିନ୍ନ କର୍ମସଂସ୍ଥାନରେ କାମ କରୁଛନ୍ତି। ସ୍ୱଳ୍ପ ଦରମାରେ ସେମାନଙ୍କ ରହିବା ପାଇଁ ମୁଣ୍ଡ ଉପରେ ଏକ ସୁରକ୍ଷିତ ସ୍ଥାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ବିଭିନ୍ନ ପ୍ରମୁଖ ସହରରେ କର୍ମଜୀବୀ ମହିଳା ନିବାସ ସ୍ଥାପନ କରାଯାଇଥିଲା। ଏହି କ୍ରମରେ ବ୍ରହ୍ମପୁର ସହରରେ ମଧ୍ୟ ଏକ ୨୦ରୁ ଉର୍ଦ୍ଧ୍ୱର ଶଯ୍ୟା ବିଶିଷ୍ଟ କର୍ମଜୀବୀ ମହିଳା ନିବାସ ପାଇଁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୮୬ ମସିହାରେ ତତ୍‌କାଳୀନ ବ୍ରହ୍ମପୁର ନଗରପାଳ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ଏବଂ ୧୯୯୦ ମସିହାରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ବ୍ରହ୍ମପୁରରେ କର୍ମଜୀବୀ ମହିଳା ନିବାସ ଉଦ୍‌ଘାଟିତ ହୋଇଥିଲା।



କର୍ମଜୀବୀ ମହିଳାଙ୍କ ରହିବା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ସହିତ ପାନୀୟ ଜଳର ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ ସର୍ବୋପରି ଏଠାରେ ସେମାନେ ନିଜକୁ ସୁରକ୍ଷିତ ମଣୁଥିଲେ। ଏଭଳି ସୁବିଧା ପାଇବା ପରେ ଦୀର୍ଘ ବର୍ଷ ଧରି କର୍ମଚାରୀ ମହିଳାମାନେ ଏଠାରେ ରହିବା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ। ଏପରିକି ଏଠାରେ ଅନ୍ତେବାସୀ ହେବା ପାଇଁ ଦୀର୍ଘ ଦିନ ଲମ୍ବା ଲାଇନ୍‌ରେ ରହିଲେ ସୁଦ୍ଧା ସିଟ୍ ମିଳିବା ସମ୍ଭବପର ନଥିଲା। ତେବେ ଗତ କିଛିବର୍ଷ ହେଲା ଗଞ୍ଜାମ ଜିଲ୍ଲାର ଏକମାତ୍ର କର୍ମଜୀବୀ ମହିଳା ନିବାସ ଏକ ପରିତ୍ୟକ୍ତ କୋଠାରେ ପରିଣତ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପରିଚାଳିତ ଏହି କର୍ମଜୀବୀ ମହିଳା ନିବାସରେ ଯଦିଓ ୨୦ ରୁ ଅଧିକ ଅନ୍ତେବାସୀଙ୍କ ପାଇଁ ବ୍ୟବସ୍ଥା ରହିଛି ହେଲେ ବିଭିନ୍ନ ସମସ୍ୟା ଏପରିକି ବାରମ୍ବାର ଅଭିଯୋଗ ସତ୍ତ୍ୱେ ସେଗୁଡ଼ିକର ସମାଧାନ ଦିଗରେ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଯାହାଫଳରେ କର୍ମଜୀବୀ ମହିଳା ନିବାସରୁ କ୍ରମଶଃ ଅନ୍ତେବାସୀଙ୍କ ସଂଖ୍ୟା ହ୍ରାସ ପାଇପାରେ ଲାଗିଛି। ପାନୀୟ ଜଳର ସମସ୍ୟା ସହିତ ଲୋ ଭୋଲ୍‌ଟେଜ୍ ଏବଂ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଏଠାରେ ସୁରକ୍ଷା କର୍ମୀ ନଥିବାରୁ ନିଜକୁ ଅସୁରକ୍ଷିତ ମନେକରି ଜଣଙ୍କ ପରେ ଜଣେ ଅନ୍ତେବାସୀ ଏଠାରୁ ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହେବା ଶ୍ରେୟ ମଣୁଛନ୍ତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ କର୍ମଜୀବୀ ମହିଳା ନିବାସରେ ଅନ୍ତେବାସୀଙ୍କ ସଂଖ୍ୟା ୭କୁ ହ୍ରାସ ପାଇଛି। ସହର ମଧ୍ୟରେ ମାସିକ ୪ ଶହରୁ ୬ ଶହ ଟଙ୍କା ମଧ୍ୟରେ ଘରଟିଏ ମିଳିବା ସମ୍ଭବପର ନଥିବା ବେଳେ ଏହି ସୁବିଧାକୁ ଅନ୍ତେବାସୀମାନେ ଛାଡ଼ି ଅନ୍ୟତ୍ର ଅଧିକ ଭଡ଼ାରେ ଯାଉଥିବା ନିଶ୍ଚିତ ଭାବେ ଚିନ୍ତା ଓ ପରିତାପର ବିଷୟ। ବାରମ୍ବାର ଅଭିଯୋଗ ପରେ କର୍ମଚାରୀ ମହିଳା ନିବାସର ଅନ୍ତେବାମାନେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ସବୁଠାରୁ ବଡ଼କଥା ହେଲା ଏହାର ଦାୟିତ୍ୱରେ ଥିବା ବିଏମ୍‌ସି କର୍ମଚାରୀ ସେଠାକୁ ନିୟମିତ ଯାଉନଥିବା ବେଳେ ନିବାସର କାର୍ଯ୍ୟାଳୟ ମଧ୍ୟ କେବେ ଖୋଲାଯାଉନଥିବା ଅଭିଯୋଗ ହୋଇଛି। ଅନ୍ତେବାସୀଙ୍କ ଠାରୁ ସିଧାସଳଖ ଅଭିଯୋଗ ସମ୍ପର୍କରେ ଅବଗତ ହେବା ପରେ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବା ସହ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ଜନିତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାୟିତ୍ୱରେ ଥିବା ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।











ଭୁବନେଶ୍ୱର : ଇସ୍କନ ମନ୍ଦିର ପକ୍ଷରୁ ଆୟୋଜିତ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା’ ଶୁଭଦ୍ରାଙ୍କ ରଥଯାତ୍ରା ଅବସରରେ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ବିପୁଳ ସମାଗମ। ସେହିପରି ମଞ୍ଚେଶ୍ୱରରେ ରେଲୱେ କଲୋନୀ ଏବଂ ସାଇନ୍ସ ପାର୍କ ପଣ୍ଡା ସାହିରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରଥଯାତ୍ରା ପାଇଁ ...

ଟାଣିଟାଣି ଗୁଣ୍ଡିଚା ମନ୍ଦିର ଅଭିମୁଖେ ନେଇଥିଲେ । ଏହାପରେ ବଡ଼ ଭାଇ ବଳଭଦ୍ରଙ୍କ ପଛେ ପଛେ ବାହାରିଥିଲେ ଦେବୀ ସୁଭଦ୍ରା। ଆନନ୍ଦ ଉଲ୍ଲାସ ସହ ଦେବୀ ସୁଭଦ୍ରାଙ୍କ ଦର୍ପଦଳନକୁ ଶ୍ରଦ୍ଧାଳୁ ଟାଣିଥିଲେ। ଏହାପରେ ଟଣା ହୋଇଥିଲା ମହାପ୍ରଭୁ କାଳିଆର ନନ୍ଦିଘୋଷ ରଥ । ବଡ଼ଦାଣ୍ଡରେ ଗଡ଼ିଥିଲା ନନ୍ଦିଘୋଷ ରଥ । ଭକ୍ତଙ୍କ ଭିଡ଼ରେ ଗଡ଼ିଛି ନନ୍ଦିଘୋଷ। ଆଗେ ଆଗେ ବଡ଼ ଭାଇ ବଳଭଦ୍ର, ମଝିରେ ଭଉଣୀ ସୁଭଦ୍ରା ଏବଂ ପଛରେ ଟଣା ହୋଇଥିଲା ମହାବାହୁଙ୍କ ନନ୍ଦିଘୋଷ । ଘଣ୍ଟଘଣ୍ଟା, ମୃଦଙ୍ଗ, ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ଶ୍ରୀକ୍ଷେତ୍ର। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟା ପରେ ଶ୍ରୀଜୀଉମାନଙ୍କ ରଥଟଣାକୁ ବନ୍ଦ ଘୋଷଣା କରାଯାଇଥିଲା। ଆସନ୍ତାକାଲି ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ କାଳିଆର ନନ୍ଦିଘୋଷ ରଥ ଟଣାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ବଡ଼ଦାଣ୍ଡରେ ହୋଇଥିଲା ଭକ୍ତ ଓ ଭଗବାନଙ୍କ ମହାମିଳନ। ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ନବଦିନ ବ୍ୟାପୀ ଘୋଷଯାତ୍ରା ଆରମ୍ଭ କରିଛନ୍ତି କାଳିଆ ଠାକୁର ଶ୍ରୀଜଗନ୍ନାଥ । ଏଥିପାଇଁ ଲୋକାରଣ୍ୟ ହୋଇଯାଇଛି ସମଗ୍ର ପୁରୀ ସହର। ଦେଶ ବିଦେଶର ବିଭିନ୍ନ ସ୍ଥାନରୁ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟୁଛି। ଜଳ, ସ୍ଥଳ ଓ ଆକାଶ ପଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରାୟ ୧୦ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୧୮୦ ପ୍ଲାଟୁନ ପୁଲିସ ଫୋର୍ସଙ୍କ ସମେତ ପ୍ରାୟ ୨ହଜାର ଅଭିଜ୍ଞ ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଚାରିଜଣ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ, ୬ ଆଇଜି ଓ ଡିଆଇଜି, ୨୦ ଆରକ୍ଷୀ ଅଧୀକ୍ଷକ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। ୧୮ ଅସ୍ଥାୟୀ ଗାଡ଼ି ରହଣିସ୍ଥଳ କରାଯାଇଛି । ୬୧ କ୍ଲୋଜ ସର୍କିଟ କ୍ୟାମେରା ଲଗାଯାଇଛି । ଲୋକଙ୍କ ଯାତାୟାତ ପାଇଁ ୩୧୫ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି । ୩୧୪ ବ୍ଲକରୁ ପୁରୀକୁ ସ୍ୱତନ୍ତ୍ର ବସ ଚଳାଚଳ ବ୍ୟବସ୍ଥା କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ଟ୍ରାଫିକ ନିୟନ୍ତ୍ରଣ, ରାସ୍ତା ମରାମତି, ନିରବଚ୍ଛିନ୍ନ ବିଜୁଳି ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି।

## ଚୀନ ଗୁପ୍ତଚର...

ଗୁପ୍ତଚର ଜାହାଜ ବାରମ୍ବାର ଅନୁରୋଧ କରିବା ପରେ ଏହି ନିଷେଧାଦେଶ ଜାରି କରାଯାଇଛି । ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରୀ ଅଲ୍ଲୀ ସାବ୍ରି ଏନ୍ଏଚକୋର୍ଲ୍ଡ ଜାପାନକୁ ନିଷେଧାଦେଶ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି । ଭାରତ ମହାସାଗରରେ ଚୀନର ଗବେଷଣା ଜାହାଜଗୁଡ଼ିକର ଗତିବିଧି ବଢ଼ୁଥିବାରୁ ନୂଆଦିଲ୍ଲୀ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ଗୁପ୍ତଚର ଜାହାଜ ବୋଲି ଆଶଙ୍କା ସୃଷ୍ଟି କରିବା ସହ ଏଭଳି ଜାହାଜକୁ ବନ୍ଦରକୁ ଅନୁମତି ନଦେବାକୁ କଲମ୍ବୋକୁ ଅନୁରୋଧ କରିଥିଲା।

## ତୀର୍ଥଯାତ୍ରୀଙ୍କୁ ...

ସେହିପରି ଯେଉଁମାନେ ତୀର୍ଥଯାତ୍ରା ପାଇଁ ଆଗକୁ ବଢ଼ିଯାଇଛନ୍ତି ସେମାନେ ନିଜ ଯାତ୍ରାକୁ ପୁଣିଥରେ ଆରମ୍ଭ କରିବାକୁ ହେଲେ ପାଣିପାଗ ଶୁଖିଲା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଉତ୍ତରାଖଣ୍ଡରେ ଭିନ୍ନଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେତୁ ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହୋଇ ବଦ୍ରିନାଥ ଯିବାକୁ ଥିବା ଜାତୀୟ ରାଜପଥରେ ପାହାଡରୁ ପଥର ଖସିବା ହେତୁ ରାସ୍ତା ବନ୍ଦ ହୋଇଯାଇଛି। ସେହିପରି ଆସାମ ଏବଂ ଅରୁଣାଚଳ ପ୍ରଦେଶରେ କିଛିଦିନ ତଳେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାରୁ ପ୍ରାୟ ଚାରି ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଥିସହ ଏକାଧିକ ସ୍ଥାନରେ ଭୂସ୍ଖଳନ କାରଣରୁ ଯୋଗାଯୋଗ ବିଛିନ୍ନ ହୋଇଯାଇଛି।

## ଡବଲ ଏନକାଉଣ୍ଟର...

ଆରମ୍ଭ ହୋଇଥିଲା। ଲସ୍କର ଗ୍ରୁପ ଏଠାରେ ଲୁଚି ରହିଥିବା ନେଇ ସେନାକୁ ଗୁଇନ୍ଦା ସୂଚନା ମିଳିଥିଲା। ଏହାପରେ ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀମାନେ ସେନା ଉପରକୁ ଗୁଳିମାଡ଼ କରିଥିଲେ। ସେନା ପକ୍ଷରୁ ମଧ୍ୟ ପାଲଟା ଗୁଳିମାଡ଼ କରାଯାଇଥିଲା । ଏଥିରେ ୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେପଟେ ପାଞ୍ଚ ସାଥୀଙ୍କ ମୃତ୍ୟୁକୁ ନେଇ ରାଗି ଯାଇଛନ୍ତି ଆତଙ୍କବାଦୀ। ଜମ୍ମୁ-କଶ୍ମୀରର ରଜୌରୀରେ ଥିବା ଏକ ସେନା କ୍ୟାମ୍ପ ଉପରେ ଆତଙ୍କବାଦୀମାନେ ଗୁଳିମାଡ଼ କରିଛନ୍ତି । ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି।

## ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ...

ସରକାରୀ ଜମିଗୁଡ଼ିକ ବାସ୍ତବ ସର୍ଭେ କରି ପ୍ରଚଳିତ ଆଇନ ଅନୁସାରେ ସେସବୁକୁ ଜବରଖଲମୁକ୍ତ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଜବରଦଖଲମୁକ୍ତ ହେବାପରେ ଉକ୍ତ ଜମିକୁ ତାରବାଡ଼ ଘେରାଇ ଓ ସେଥିରେ ସରକାରଙ୍କ ସମ୍ପତ୍ତି ଲେଖାଥିବା ଡିସପ୍ଲେ ବୋର୍ଡ ଲଗାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏଥିପାଇଁ ଜିଲ୍ଲାରେ ଥିବା ପାଣ୍ଠିକୁ ଉପଯୋଗ କରିବାକୁ ଶ୍ରୀ ସାହୁ କହିଛନ୍ତି । ଯଦି ଏନେଇ ପାଣ୍ଠିର ସମସ୍ୟା ଅଛି ତାହେଲେ ବିଭାଗକୁ ତୁରନ୍ତ ଜଣାଇବାକୁ ମଧ୍ୟ ସେ କହିଛନ୍ତି । ଏହାକୁ ଅତ୍ୟନ୍ତ ଜରୁରୀ ବୋଲି ବିବେଚନା କରି ପ୍ରତି ୧୫ଦିନରେ ନିର୍ଦ୍ଧାରିତ ଫର୍ମାଟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ବିଭାଗକୁ ନିଶ୍ଚିତ ପଠାଇବାକୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ତବଲା ବାଦକ...

ମୁଁ ତବଲା ବହୁତ ଭଲ ବଜାଉଥିଲି। ଦିନେ ମୋ ବାପା ମା’ଙ୍କୁ କହିବାକୁ ଲାଗିଲେ ଯେ ମୁଁ ତବଲା ହିଁ ବୋଧେ ଜୀବନସାରା ବଜାଇବି । ଏହା ମୋ ବାପାଙ୍କୁ ଚିନ୍ତାରେ ପକାଇଥିଲା । ପ୍ରଧାନ ବିଚାରପତି କହିଥିଲେ ଯେ ତାଙ୍କ ପିତା ଚାହୁଁଥିଲେ ଯେ ସେ ଜଣେ ଡାକ୍ତର, ଓକିଲ କିମ୍ବା ଇଞ୍ଜିନିୟର ହୁଅନ୍ତୁ। ଚନ୍ଦ୍ରଚୂଡ଼ ଏହା ମଧ୍ୟ କହିଛନ୍ତି ଯେ ମୋ ମା’ଙ୍କ ଗୁରୁ କିଶୋରୀ ଆମୋନକର ପ୍ରାୟ ପ୍ରତି ସପ୍ତାହରେ ଆମ ଘରକୁ ଆସୁଥିଲେ। ଯେତେବେଳେ ସେ ସଙ୍ଗୀତ ପାଇଁ ରିହର୍ସାଲ କରୁଥିଲେ, ମୁଁ ପରଦା ପଛରେ ବସି ତାଙ୍କ ସଙ୍ଗୀତ ଅଭ୍ୟାସ ଶୁଣୁଥିଲି । ମୁଁ ପ୍ରତି ଶନିବାର ଦିନ ମା’ଙ୍କ ସହ ତାଙ୍କ ଘରକୁ ଯାଇ ପୁରା ସକାଳ ସେଠାରେ କଟାଉଥିଲି । ମୁଁ ତାଙ୍କ କଥା ଶୁଣୁଥିଲି।

## ସଂତୃପ୍ତ ମିଶ୍ର ...

ଭାବେ ଦଳ ଘୋଷଣା କରିଛି। ଡ. ସଂତୃପ୍ତ ମିଶ୍ର, କଳିକେଶ ନାରାୟଣ ସିଂଦେଓ, ଡ. ଅମର ପଟ୍ଟନାୟକ, ଡ. ସସ୍ମିତ ପାତ୍ର ଓ ପ୍ରଦୀପ କୁମାର ମାଝୀ ଜାତୀୟ ମୁଖପାତ୍ର ଭାବେ ଦାୟିତ୍ୱ ତୁଲାଇବେ। ସେହିଭଳି ୧୪ ଜଣଙ୍କୁ ରାଜ୍ୟସ୍ତରୀୟ ମୁଖପାତ୍ର ଭାବେ ଦଳ ଦାୟିତ୍ୱ ପ୍ରଦାନ କରିଛି। ସେମାନେ ହେଲେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ କୁମାର ଦେବ, ଡ. ଅରୁଣ କୁମାର ସାହୁ, କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଦେବୀ ରଞ୍ଜନ ତ୍ରିପାଠୀ, ଶ୍ରୀମୟୀ ମିଶ୍ର, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ସୁଲତା ଦେଓ, ରମେଶ ଚନ୍ଦ୍ର ମାଝୀ, ଭୃଗୁ ବକ୍ସିପାତ୍ର ଓ ଡ. ଲେନିନ ମହାନ୍ତି। ସେହିଭଳି ବରିଷ୍ଠ ନେତା ପ୍ରତାପ ଜେନା ବରିଷ୍ଠ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତ ହୋଇଥିବା ବେଳେ ସ୍ୱୟଂ ପ୍ରକାଶ ମହାପାତ୍ର ସୋସିଆଲ ମିଡିଆ କୋର୍ଡିନେଟର ଭାବେ ନିଯୁକ୍ତ ହୋଇଛନ୍ତି। ଲେନିନ ମହାନ୍ତି ଓ ପ୍ରିୟବ୍ରତ ମାଝୀଙ୍କୁ ଗଣମାଧ୍ୟମ ସଂଯୋଜକ ଭାବେ ଦଳ ନିଯୁକ୍ତ କରିଛି ।

# ଦେବଭୂମି ଜିନ୍ଦଲନଗର୍‌ରେ ମହାପ୍ରଭୁଙ୍କ ପବିତ୍ର ଘୋଷ ଯାତ୍ରା : ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଯୋଗଦାନ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଦେବଭୂମି ଜିନ୍ଦଲନଗର ରେ ପବିତ୍ର ଘୋଷଯାତ୍ରା ଉତ୍ସାହ ଓ ଆବେଗପୂର୍ଣ୍ଣ ବାତାବରଣ ମଧ୍ୟରେ ଆରମ୍ଭ ହୋଇଥିଲା। ରବିବାର ଏହି ଘୋଷ ଯାତ୍ରା ଦେଖିବାକୁ ଆଖପାଖ ଗ୍ରାମାଞ୍ଚଳ ଏବଂ ଅନୁଗୁଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ତାଳଧ୍ୱଜ, ଦର୍ପଦଳନ ଏବଂ ନନ୍ଦିଘୋଷର ଭବ୍ୟ ସୁସଜ୍ଜିତ ରଥରେ ଯଥାକ୍ରମେ ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାବାହୁ ଜଗନ୍ନାଥ ଆସିନ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ। କୁରୁକ୍ଷେତ୍ରରୁ ତୃତୀୟ ଥରପାଇଁ ବିଜୟ ଲାଭ କରିଥିବା ସାଂସଦ ତଥା ଜେଏସପିର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ, ତାଙ୍କ ଧର୍ମ ପତ୍ନୀ ଜେଏସପି ଫାଉଣ୍ଡେସନର ଚେୟାରମ୍ୟାନ୍ ଶ୍ରୀମତୀ ଶାଲୁ ଜିନ୍ଦଲ ଏବଂ ତାଙ୍କ ମାତା ଓ.ପି. ଜିନ୍ଦଲ ଗ୍ରୁପର ସମ୍ମାନିତ ଅଧ୍ୟକ୍ଷ ଶ୍ରୀମତୀ ସାବିତ୍ରୀ ଜିନ୍ଦଲ ପ୍ରମୁଖ ରଥଯାତ୍ରାରେ ପ୍ରଧାନ ସେବକ ଭାବେ ଦାୟିତ୍ୱ ତୁଲାଇଥିଲେ। ଶ୍ରୀ ନବୀନ ଜିନ୍ଦଲ ପହଣ୍ଡି କାର୍ଯ୍ୟକ୍ରମରେ ଭାଗ ନେବା ସହ ରଥରେ ସମର୍ଜନୀ ଧରି ଛେରା ପହଁରା କରିଥିଲେ। ଏ ଅବସରରେ ଶ୍ରୀ ନବୀନ ଜିନ୍ଦଲ କହିଥିଲେ, ‘ମୁଁ ଜଗତର ନାଥ ଜଗନ୍ନାଥଙ୍କ ପାଖରେ



ସମଗ୍ର ଦେଶ ବାସୀ ତଥା ମାନବ ଜାତିର ସୁଖ,ସୁସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ପ୍ରାର୍ଥନା କରୁଛି। ପ୍ରଭୁ ଶ୍ରୀ ଜଗନ୍ନାଥ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବେ ଏବଂ ମୁଁ ଓଡ଼ିଶା ଓ ଦେଶବାସୀଙ୍କୁ ଏକ ହର୍ଷ ଉଲ୍ଲାସ ପୂର୍ଣ୍ଣ ରଥଯାତ୍ରାର ଶୁଭେଚ୍ଛା ଜଣାଉଛି’। ରଥଟଣା ପୂର୍ବରୁ ସକାଳ ବେଳା ମନ୍ଦିରରେ ନେତ୍ର ଲାଗି, ନବ ଯୌବନ ଦର୍ଶନ, ମଙ୍ଗଳ ଆରତୀ, ପହଣ୍ଡିବିଜେ ଆଦି ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିନ୍ଦଲ ପରିବାରର ସମସ୍ତ ସଦସ୍ୟ ଦେବଭୂମିର ମୁଖ୍ୟ ସେବାୟତ ଶ୍ରୀକାନ୍ତ ଜିଙ୍କ ତତ୍ତ୍ୱାବଧାନରେ ଭକ୍ତିଭାବ ସହ ସମସ୍ତ ନିତି କାନ୍ତି ତୁଲାଇଥିଲେ। ସବୁଠାରୁ ଆକର୍ଷଣର କେନ୍ଦ୍ର ଥିଲା କି ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣି ଥିଲେ। କମ୍ପାନୀର ଅନୁଗୁଳ ମୁଖ୍ୟ ପଙ୍କଜ ମଲହାନ, ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ୍, ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ କର୍ମଚାରୀମାନେ ଭକ୍ତି ଭାବରେ ରଥ ଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନେ ସାଧାରଣ ଜନତାଙ୍କ ସହ ମିଶି ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ୟୁଟ୍ୟୁବ୍ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା। ଜିନ୍ଦଲନଗରର ଏହି ଭବ୍ୟ ରଥଯାତ୍ରା ସମାରୋହ ଆସନ୍ତା ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଦିନ ଶ୍ରୀଜୀଉମାନେ ଦେବଭୂମିର ରତ୍ନ ସିଂହାସନକୁ ଫେରିବେ। ରଥଯାତ୍ରା ଠାରୁ ଆସନ୍ତା ଜୁଲାଇ ୧୫ ତାରିଖ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ଜିନ୍ଦଲ ନଗରରେ କର୍ମଚାରୀ ଏବଂ ଅନ୍ୟ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯିବ ।




ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ମନୁ ଦାସଙ୍କ ଲିଖିତ ‘ଦି ବିଗ୍ ବୁକ୍ ଅଫ୍ ଓଡ଼ିଆ ଲିଟରେଚର’ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟ ଅତିଥି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, ପ୍ରଦୋଷ ଚନ୍ଦ୍ର ମହାନ୍ତି, ଜଗଦିଶ ମହାନ୍ତି ଓ କାଳିଦାସ ମିଶ୍ର। (ଫଟୋ : ସମ୍ବାଦ କଳିକା)

## ଏବିଭିପିର ମେଡିଭିଜନ ଦ୍ୱାରା ଅସ୍ଥାୟୀ ଚିକିତ୍ସା କେନ୍ଦ୍ରକୁ ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଭକ୍ତଜନଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ, ଏବିଭିପିର ମେଡିଭିଜନ୍ ଦ୍ୱାରା ୪୦ ଜଣିଆ ଡାକ୍ତରୀ ଦଳକୁ ନେଇ ବଡ଼ଦାଣ୍ଡରେ ଖୋଲାଯାଇଥିବା ଅସ୍ଥାୟୀ ଚିକିତ୍ସା କେନ୍ଦ୍ରର ଉଦ୍ଘାଟନ କରିଛନ୍ତି । ଏହି ଡାକ୍ତରୀ ଦଳ ସେଠାରେ ଭକ୍ତମାନଙ୍କୁ ଚିକିତ୍ସା ଯୋଗାଇ ଦେବ ।

# ସହରାଞ୍ଚଳରେ ପ୍ରତିଷ୍ଠା ହେବ ପଶୁପକ୍ଷୀଙ୍କ ପାଇଁ ଶ୍ମଶାନ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବିଭିନ୍ନ ମହାନଗର ନିଗମ ଓ ପୌରାଞ୍ଚଳରେ ପଶୁପକ୍ଷୀଙ୍କ ପାଇଁ ହେବ ସ୍ୱତନ୍ତ୍ର ଶ୍ମଶାନ । ଏଭଳି ନିଷ୍ପତ୍ତି ନେଇଛି ରାଜ୍ୟ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୫ଟି ମହାନଗର ନିଗମ ଯଥା କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ଏବଂ ବାଲେଶ୍ୱର ପୌରସଂସ୍ଥାରେ ଏହାକୁ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ପୌରସଂସ୍ଥା ପକ୍ଷରୁ ସହର ବାହାରେ ତଥା ଜନବସତି ଠାରୁ ଦୂରରେ ଅନୁନ୍ୟ ୨ହଜାର ବର୍ଗଫୁଟ ପରିମିତ ସରକାରୀ ଜମି ଚିହ୍ନଟ କରିବାକୁ କୁହାଯାଇଛି । ଚିହ୍ନଟ ଜମିରେ ଇନ୍‌ସିଲେଟର ବା ଇଲେକ୍ଟ୍ରିକ୍ ଚୁଲା ପ୍ରତିଷ୍ଠା କରାଯିବ। ଇଲେକ୍ଟ୍ରିକ୍ ଚୁଲା ମାଧ୍ୟମରେ ମୃତ ପଶୁପକ୍ଷୀଙ୍କ ଦାହ କରାଯିବ । ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୬ଟି ୟୁନିଟ୍ ପ୍ରତିଷ୍ଠା ପାଇଁ ବିଭାଗ ପକ୍ଷରୁ ନୀତିଗତ ନିଷ୍ପତ୍ତି ନିଆଯାଇଥିବା ବେଳେ ପ୍ରାଣିପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସକ, ମହାନଗର ନିଗମ ଓ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି । ପ୍ରତି ୟୁନିଟ୍‌ରେ ଶ୍ମଶାନ ପ୍ରତିଷ୍ଠା ପାଇଁ ୪୦ ଲକ୍ଷ, କୋଠା ଓ ବିଦ୍ୟୁତ ସଂଯୋଗ ବାବଦ ଖର୍ଚ୍ଚ ପାଇଁ ୭ ଲକ୍ଷ, ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ବାବଦ ଖର୍ଚ୍ଚ ପାଇଁ ୧ ଲକ୍ଷ ଟଙ୍କା, ମାନବସମ୍ବଳ ବାବଦରେ ୨ଲକ୍ଷ ଟଙ୍କାକୁ ମିଶାଇ ମୋଟ ୫୦ ଲକ୍ଷ ହିସାବରେ ୬ଟି ୟୁନିଟ୍ ପାଇଁ ୩ କୋଟି ଟଙ୍କା ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ବିନିଯୋଗ କରିବ । ତେବେ କ୍ରିମେଟୋରିୟମ୍ ପ୍ରତିଷ୍ଠା ପରେ ଏହାର ପରିଚାଳନା ଦାୟିତ୍ୱ ସମ୍ପୃକ୍ତ ପୌରସଂସ୍ଥା ବା ମହାନଗର ନିଗମର ରହିବ । ପ୍ରତି ୟୁନିଟ୍‌ରେ ୫ଶହ କିଲୋ ଓଜନ କ୍ଷମତା ବିଶିଷ୍ଟ ଫର୍ଣ୍ଣେସ୍ ସ୍ଥାପନ କରାଯିବ । ଯାହା ତାପମାତ୍ର ୫ଶହରୁ ୧ ହଜାର ଡ଼ିଗ୍ରୀ ସେଲ୍‌ସିୟସ୍ ରହିବ । ଫଳରେ ଗୋଟିଏ ପଶୁର ଶବଦାହ ପାଇଁ ୩୦ ରୁ ୯୦ ମିନିଟ୍ ସମୟ ଲାଗିବ । ତେବେ ଏହା ମୃତ ପଶୁ ବା ପକ୍ଷୀଙ୍କ ଶରୀରର ଓଜନ ଉପରେ ନିର୍ଭର କରିବ । ବିଭାଗ ପକ୍ଷରୁ ଏନେଇ ନିଷ୍ପତ୍ତି ନିଆଯିବା ସହ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ମହାନଗର ନିଗମ ଓ ପୌରସଂସ୍ଥାର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଜମି ଚିହ୍ନଟ ପାଇଁ କୁହାଯାଇଛି । ପୂର୍ବରୁ ଏହି ବ୍ୟବସ୍ଥା ଦିଲ୍ଲୀ, ମୁମ୍ବାଇ, ଅହମ୍ମଦାବାଦ୍ ଓ ବେଙ୍ଗାଲୁରୁ ଭଳି ସହରମାନଙ୍କରେ କାର୍ଯ୍ୟକାରୀ କରାଯାଇଛି । ଦିଲ୍ଲୀରେ ସିଏନ୍‌ଜି ଯୁକ୍ତ ଫର୍ଣ୍ଣେସ୍ ଥିବା ବେଳେ ରାଜସ୍ଥାନରେ ଗ୍ୟାସ ଚାଳିତ ଚୁଲା ବ୍ୟବହାର କରାଯାଇଛି । ସେହିଭଳି ଅହମ୍ମଦାବାଦ୍‌ରେ ୪ହଜାର ବର୍ଗମିଟର ସ୍ଥାନରେ ୬ କୋଟି ଟଙ୍କା ବିନିଯୋଗରେ ଅତ୍ୟାଧୁନିକ ଶ୍ମଶାନ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଛି । ପଶୁପକ୍ଷୀ ବା ପ୍ରାଣୀଙ୍କ ଉନ୍ନତି ଓ ପରିଚାଳନାକୁ ଦୃଷ୍ଟିରେ ରଖି ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ନିୟମକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା ହାତକୁ ନିଆଯାଉଥିବା ଜଣାପଡ଼ିଛି । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଗୃହପାଳିତ ପଶୁପକ୍ଷୀ ବା ବୁଲା ପ୍ରାଣୀଙ୍କ ମରଶରୀରକୁ ଏଣେତେଣେ ଫୋପାଡ଼ିବା ଅଥବା ମାଟି ତଳେ ପୋତିବା ଭଳି କାର୍ଯ୍ୟ ଉପରେ ରୋକ୍ ଲାଗିପାରିବ ଏବଂ ପରିବେଶ ଓ ପ୍ରଦୂଷଣ ଜନିତ ସମସ୍ୟାକୁ ରୋକାଯାଇ ପାରିବ ବୋଲି ବିଭାଗ ଆଶା ରଖିଛି । ସେପଟେ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ଶ୍ମଶାନ ପ୍ରତିଷ୍ଠା ପାଇଁ ଚିଠି ଆସିବା ପରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ସହର ଉପକଣ୍ଠରେ ହୁଗୁଲାପଟଠାରେ ଥିବା ବିସ୍ତୃତ ସରକାରୀ ଜମିରେ ବୁଲା ତଥା ରୋଗୀଣା କୁକୁରଙ୍କ ଥଇଥାନ ପାଇଁ ଡ଼ଗ୍ କେନାଲ୍ ଓ ଶ୍ମଶାନ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି ମେୟର ଶ୍ରୀମତି ଦଳେଇ ।

# ୨ୟ ଶ୍ରୀକ୍ଷେତ୍ରରେ ପହଣ୍ଡି ବିଜେ ନୀତି ସହ ରଥାରୁଢ଼ ହେଲେ ଚତୁର୍ଦ୍ଧା ମୂର୍ତ୍ତି







## ◆ ଆଜି ଠାରୁ ଦୁଇ ଦିନ ଧରି ହେବ ରଥଟଣା

**ବାରିପଦା, ନ୍ୟୁଜ ବ୍ୟୁରୋ**

ଦିତୀୟ ଶ୍ରୀକ୍ଷେତ୍ର ବାରିପଦା ଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ନିତୀ ରବିବାର ଅନୁଷ୍ଠିତ ହୋଇ ଯାଇଛି। ବାରିପଦା ୨ୟ ଶ୍ରୀକ୍ଷେତ୍ରର ପରମ୍ପରା ଅନୁଯାୟୀ ରବିବାର ଚତୁର୍ଦ୍ଧା ମୂର୍ତ୍ତି ଗୋଟି ପହଣ୍ଡିରେ ରଥାରୂଢ ହୋଇଛନ୍ତି। ପରମ୍ପରା ଅନୁସାରେ ବାରିପଦାରେ ରବିବାର କେବଳ ପହଣ୍ଡି କାର୍ଯ୍ୟ ସମାପନ କରାଯାଇ ଥିବା ବେଳେ ସୋମବାର ଠାରୁ ଦୁଇ ଦିନ ଧରି ଅପରାହ୍ନରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରବିବାର ରାତିରେ ତିନିଠାକୁର ରଥରେ ଭକ୍ତଙ୍କୁ ମୁକ୍ତଦର୍ଶନ ଦେବେ। ତେବେ ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ପ୍ରଥମେ ବଡଭାଇ ବଳଭଦ୍ରଙ୍କ ରଥଟଣା ହୋଇଥିବା ବେଳେ ବାହୁଡାରେ କିନ୍ତୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପ୍ରଥମେ ଟଣାଯିବାର ପରମ୍ପରା ରହିଛି। ୨ୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାକୁ ବ୍ୟବସ୍ଥିତ କରିବାଲାଗି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସେହିପରି ସବୁ ବର୍ଷପରି ଏବର୍ଷ ମଧ୍ୟ ଶାନ୍ତି ଶୃଙ୍ଖଳା ସହିତ ପରିମଳ ବ୍ୟବସ୍ଥାକୁ ଅଧିକ ଧ୍ୟାନ ଦେଇ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ବାରିପଦା ଉପଜିଲ୍ଲାପାଳ କହିଛନ୍ତି। ଅନ୍ୟପଟେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ସାରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରଥଯାତ୍ରା ପାଇଁ ୨ପ୍ଲାଟୁନ ଫୋର୍ସ, ୨ଜଣ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି, ୧୫ଜଣ ଇନ୍ସପେକ୍ଟର, ୫୦ଜଣ ଏଏସ୍‌ଆଇ ମୁତୟନ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ତେବେ ଦୀର୍ଘ ବର୍ଷ ପରେ ମୟୂରଭଞ୍ଜ ମହାରାଜା ତିନି ରଥରେ ଛେରା ପହଁରା କରିଛନ୍ତି। ଦୀର୍ଘ ବର୍ଷ ଧରି ରଥପରିଛା ଏହି କାର୍ଯ୍ୟ ସମ୍ପାଦନ କରି ଆସୁଥିବା ବେଳେ, ଜିଲ୍ଲା ପ୍ରଶାସନ ତରଫରୁ ଏଥର ନିଷ୍ପତ୍ତି ନିଆଯାଇ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଛେରା ପହଁରା କରିଥିଲେ। ମହାପ୍ରଭୁଙ୍କର ପବିତ୍ର ପହଣ୍ଡି ବିଜେ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା ବେଳେ, ଖୋଳ କୀର୍ତ୍ତନ ସହ ଓଡ଼ିଶୀ ନୃତ୍ୟ ମଧ୍ୟ ପହଣ୍ଡିରେ ଦେଖିବାକୁ ମିଳିଛି।

ଭୁବନେଶ୍ୱର
୮ ଜୁଲାଇ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ପୁରୀ : ଶ୍ରୀଜୀଉଙ୍କ ରଥଯାତ୍ରା ଅବସରରେ ରଥରେ ଛେରାପହଁରା କରୁଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ ।



ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶୀ ନୃତ୍ୟ ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିମଗ୍ନ ଭକ୍ତମାନେ। ସେହିପରି ବିଦେଶରୁ ଛୁଟି ଆସିଥିବା ଶ୍ରଦ୍ଧାଳୁମାନେ ମଧ୍ୟ ମହାପ୍ରଭୁଙ୍କ ପ୍ରେମରେ ବିଭୋର । ଏଭଳି ଏକ ପବିତ୍ର ଦିବସରେ ବଡଦାଣ୍ଡରେ ରହି ମହାପ୍ରଭୁଙ୍କ ଦର୍ଶନ ପାଇ ବିଦେଶୀ ଭକ୍ତମାନେ ନିଜକୁ ଭାଗ୍ୟବାନ୍ ମନେ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)



ପୁରୀ ଗୋବର୍ଦ୍ଧନ ପୀଠରେ ଆଦିଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)





ପୁରୀ : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ବଡ଼ଦାଣ୍ଡରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ହାତ ଟେକି ଆଣ୍ଠୁ ମାଡ଼ି ମହାବାହୁଙ୍କୁ ମୁଣ୍ଡିଆ ମାରିଲେ ଏବଂ ତାଙ୍କର ଆଶୀର୍ବାଦ ଭିକ୍ଷା କଲେ। କାଳିଆକୁ ଦେଖି ଭାବବିହ୍ୱଳ ହୋଇପଡିଲେ ରାଷ୍ଟ୍ରପତି। (ଫଟୋ : ସମ୍ବାଦ କଳିକା)



ପୁରୀ : ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଦେଖିବା ପାଇଁ ପୁରୀରେ ପହଞ୍ଚିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ । (ଫଟୋ : ସମ୍ବାଦ କଳିକା)

ଭୁବନେଶ୍ୱର : ବୀର ସୁରେନ୍ଦ୍ରସାଏ ନଗର ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଶ୍ରୀଭୁବନେଶ୍ୱରୀ ସେବା ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ୧୭ତମ ରଥଯାତ୍ରା ଅବସରରେ ପରିଷଦର ସଭାପତି ପ୍ରଫେସର ଜୟନ୍ତ କୁମାର ପରିଡା ରଥରେ ଛେରାପହଁରା କରୁଛନ୍ତି। ଏହି ରଥଯାତ୍ରା ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। (ଫଟୋ : ସମ୍ବାଦ କଳିକା)



# ଶ୍ରୀବାଣୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରା

**ଭୁବନେଶ୍ୱର, ୭।୭ ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ରବିବାର ପୂର୍ବାହ୍ନରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସଂପନ୍ନ ହେବା ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୪ଟାରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା। ଅପରାହ୍ନ ୪ଟା ୩୦ ମିନିଟ୍‌ରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀକ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ। ରଥଯାତ୍ରାରେ ମଧ୍ୟ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିନ୍ଧାଣୀ, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି। ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ। ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରଭୁ ଶ୍ରୀବଳଭଦ୍ର ଓ ଦେବୀ ମା'ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନବଦିନ ବ୍ୟାପୀ ପ୍ରତିସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମିନାବଜାରର ଆୟୋଜନ କରାଯାଇଛି। ଏହି ନଅଦିନ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ।



# ରଥଟଣା ବେଳେ ଅଘଟଣ: ଜଣେ ଶ୍ରଦ୍ଧାଳୁ ମୃତ



## ମୁଖ୍ୟମନ୍ତ୍ରୀଙ୍କ ଶୋକ : ୪ ଲକ୍ଷ ସହାୟତା ଘୋଷଣା

**ଭୁବନେଶ୍ୱର ୭/୭ ନ୍ୟୁଜ ବ୍ୟୁରୋ**

ରବିବାର ରଥଯାତ୍ରା ସମୟରେ ଭିଡ଼ ଯୋଗୁ ବଲାଙ୍ଗିର ସଇଁତଳାର ଜଣେ ଶ୍ରଦ୍ଧାଳୁ ଲଳିତ ବାଗର୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତ ବ୍ୟକ୍ତିଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପାଇଁ ସମବେଦନା ପ୍ରକାଶ କରିଛନ୍ତି। ଏଥିରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ମାଗଣାରେ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।



**ପୁରୀ,୭।୭ ନ୍ୟୁଜ ବ୍ୟୁରୋ**

ରବିବାର ପୁରୀରେ ରଥଟଣା ବେଳେ ଏକ ଅଘଟଣ ଘଟିଛି। ତାଳଧ୍ୱଜ ରଥଟଣା ସମୟରେ ଜଣେ ପୁରୁଷ ଭକ୍ତ ଅଣନିଃଶ୍ୱାସୀ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ବ୍ୟକ୍ତି ଜଣକ ବଲାଙ୍ଗିର ସଇଁତଳାର ଶ୍ରଦ୍ଧାଳୁ ଲଳିତ ବାଗର୍ତି। ମିଳିଥିବା ସୂଚନା ମୁତାବକ, ତାଳଧ୍ୱଜ ରଥଟଣା ବେଳେ ପ୍ରବଳ ଭିଡ଼ ଯୋଗୁ ଭକ୍ତଜଣକ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଉଦ୍ଧାରକାରୀ ଦଳ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।



ଭୁବନେଶ୍ୱର : ଶହୀଦନଗର ସ୍ଥିତ ବିଷ୍ଣୁମନ୍ଦିରରୁ ମା' ଖଣ୍ଡୁଆଳୀ ମନ୍ଦିର ଅଭିମୁଖେ ବାହାରିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥଯାତ୍ରା। ଶ୍ରୀଜୀଉଙ୍କ ଏହି ପବିତ୍ର ରଥଯାତ୍ରାରେ ଆଖପାଖ ଅଞ୍ଚଳର ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାଛଡା ଶହୀଦନଗର ସାଂସ୍କୃତିକ ସମିତି ପକ୍ଷରୁ ବିଷ୍ଣୁ ମନ୍ଦିର ପ୍ରାଙ୍ଗଣରେ ରଥଯାତ୍ରା ଉତ୍ସବ ପାଳନ କରାଯାଇଥିଲା। (ଫଟୋ : ସମ୍ବାଦ କଳିକା)


ଏବେ ବଜାରରେ ମିଳୁଛି...

'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା



### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା

**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।

**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।

**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର -ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା-ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ଖାଉଟିଙ୍କ ହାଣ୍ଡିଶାଳ ଉପରେ ଚଡ଼କ : ବେଲଗାମ ହେଉଛି ପନିପରିବା ଦର

**ଭୁବନେଶ୍ୱର, ୭/୭ ନ୍ୟୁଜ ବ୍ୟୁରୋ**

ହୁ ହୁ ହୋଇ ବଢ଼ିବାରେ ଲାଗିଛି ବଜାରରେ ପନିପରିବା ଦର। ସରକାରୀ ଘୋଷଣା ପୂର୍ବରୁ ଆକାଶ ଛୁଆଁ ହେଲାଣି ଦର । ଖାଉଟି ସମ୍ପୂର୍ଣ୍ଣ ଭାବରେ ହନ୍ତସନ୍ତ ଏବଂ ଏହାକୁ ନେଇ ବର୍ତ୍ତମାନ ଚିନ୍ତାରେ ଲୋକେ । ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ବଢ଼ିବା ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଲୋକେ। ପନିପରିବା ଦର ବର୍ତ୍ତମାନ ଆକାଶ ଛୁଆଁ ହେବାରେ ଲାଗିଛି । ଏହାର ସିଧାସଳଖ ପ୍ରଭାବ ପଡୁଛି ସାଧାରଣ ଜନତାଙ୍କ ଉପରେ। ରାଉରକେଲାରେ ପରିବା ସହ ଆଳୁ ଏବଂ ପିଆଜ ଦର ବର୍ତ୍ତମାନ ଆକାଶଛୁଆଁ ଏବଂ ସିଧାସଳଖ ଅଭାବ ମଧ୍ୟରେ ପେଶୀ ହେଉଛନ୍ତି ଖାଉଟି । ସୂଚନାଯୋଗ୍ୟ ଯେ ପରିବା ବର୍ତ୍ତମାନ ସୁଦ୍ଧା ମାର୍କେଟକୁ ଭଲ ଭାବରେ ଯୋଗାଣ ହୋଇ ନାହିଁ, ତେଣୁ ପରିବା ଏବଂ ଆଳୁ ପିଆଜର ଅଭାବ ଦେଖା ଦେଇଥିବାରୁ ଏହାର ଦର ବୃଦ୍ଧିପାଇଛି । ହଠାତ୍ ଏଭଳି ଦରବୃଦ୍ଧି ରାଉରକେଲା ସହରବାସୀଙ୍କୁ ବିଚଳିତ କରିବା ସହ ସେମାନଙ୍କ ଘରୋଇ ବଜେଟ ଉପରେ ଚଡ଼କ ପକାଇଛି । ବର୍ତ୍ତମାନ ସାଧାରଣ ଲୋକ ସମ୍ପୂର୍ଣ୍ଣ ଭାବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିବା କିଣିବେ କି ନାହିଁ ତାହା ଭାବି ମଧ୍ୟ ଚିନ୍ତାରେ ଲୋକେ । ପ୍ରତ୍ୟେକ ଦିନ ଆଶ୍ଚର୍ଯ୍ୟ ଜନକ ଭାବେ ପରିବା ଦର ବୃଦ୍ଧି ରାଉରକେଲା ଗ୍ରାହକଙ୍କୁ ଅଡୁଆରେ ପକାଇଛି ଏବଂ ପ୍ରତ୍ୟକ ଦିନ ୫ରୁ ୧୦ ଟଙ୍କା ଦର ବୃଦ୍ଧି ହେଉଛି । ତେବେ ଫୁଲକୋବି ୮୦ ଟଙ୍କା କିଲୋ ହୋଇଥିବା ବେଳେ ପୋଟଳ କିଲୋ ୬୦ ଟଙ୍କା, ବାଇଗଣ ୬୦ ଟଙ୍କା, ବନ୍ଧାକୋବି ୬୦ଟଙ୍କା, ଭେଣ୍ଡି ୫୦ ଟଙ୍କା, ଟମାଟୋ ୮୦ ରୁ ନେଇ ୯୦ ଟଙ୍କା, କଦଳୀ କିଲୋ ୭୦ ଟଙ୍କା, ମାଟି ଆଳୁ ୧୦୦ ଟଙ୍କା, କାଙ୍କଡ଼ ୧୦୦ ଟଙ୍କା, କଲରା ୯୦ ଟଙ୍କା କିଲୋ ବିକ୍ରି ହେଉଛି । ସପ୍ତାହେ ତଳେ ୪୦ ଟଙ୍କା କିଲୋରେ ମିଳୁଥିବା ପିଆଜ ବର୍ତ୍ତମାନ କିଲୋ ପିଛା ୫୦ ଟଙ୍କାରେ ପହଞ୍ଚିଛି ଏବଂ ଆଳୁ ମଧ୍ୟ ୪୦ ଟଙ୍କା ପାର କରିଛି।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com